READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର





ବର୍ଷ-୫ | ସଂଖ୍ୟା-୩୪ | ୦୬ - ୧୨ ସେପ୍ଟେମ୍ବର, ୨୦୨୧ | ଭୁବନେଶ୍ୱର | Monday Weekly | VOL-5 | ISSUE-34 | 06th - 12th SEPTEMBER, 2021 | BHUBANESWAR | ₹ 5/- (8 Pages)


# ବିରୋଧୀ ଦୁଇ ଫାଳ; ଗୃହ ଅଚଳ



**ଭୁବନେଶ୍ୱର :** ବିରୋଧୀଙ୍କ ହଟ୍ଟଗୋଳ ଓ ଦୁଇ ବିରୋଧୀ ଦଳ ମଧ୍ୟରେ ତାଳମେଳ ଅଭାବରୁ କ୍ରମାଗତ ଭାବେ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। କେବଳ ପ୍ରଥମ ଦିନରେ ମରୁଡି ପ୍ରସଙ୍ଗରେ ମୁଲତବୀ ଆଲୋଚନା ସମ୍ଭବପର ହୋଇପାରିଥିବା ବେଳେ ଅନ୍ୟ ସବୁ ସମୟରେ ଗୃହ ସୁରୁଖୁରୁରେ ଚାଲି ପାରିନାହିଁ। ତେବେ ଅପରାହ୍ନରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସର୍ବଦଳୀୟ ବୈଠକ ଡାକିବା ପରେ ଗୃହରେ ସ୍ୱାଭାବିକ ଅବସ୍ଥା ଫେରିଛି। ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ବିଧାୟକମାନେ ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନରେ ଦୁର୍ନୀତି ପ୍ରସଙ୍ଗ ଉଠାଇ ହୋହଲ୍ଲା କରିବାରୁ ବାଚସ୍ପତି ସଙ୍ଗେସଙ୍ଗେ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣାକରିଥିଲେ। ବିଜେପି ପକ୍ଷରୁ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଦିଆଯାଇଥିବା ବେଳେ କଂଗ୍ରେସର ହୋହଲ୍ଲା ଯୋଗୁ ଗୃହ ଚାଲିପାରି ନଥିଲା ଓ ଏଥିପାଇଁ ବିଜେପି ପକ୍ଷରୁ ଉଭୟ ବିଜେଡି ଓ କଂଗ୍ରେସକୁ ଦାୟୀ କରି କଡା ସମାଲୋଚନା କରିଛି। ବିଜେପି ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି ଯେ, ବିଜେଡି ଓ କଂଗ୍ରେସ ମଧ୍ୟରେ ମ୍ୟାଚ୍ ଫିକ୍ସିଂ ହୋଇଛି। ଉଭୟ ଦଳ ମଧ୍ୟରେ ଡିଲ୍ ତଥା ଭିତରି ବୁଝାମଣା ଯୋଗୁ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା ହୋଇପାରିଲା ନାହିଁ ବୋଲି ବିଜେପି ଅଭିଯୋଗ କରିଛି। ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା ହୋଇଥିଲେ ମାହାଙ୍ଗା ଡବଲ ମର୍ଡର ଓ ମାନସ ଦାସ ଗିରଫ ପ୍ରସଙ୍ଗ ଉଠିଥାନ୍ତା। ସରକାର ଅଡୁଆରେ ପଡିଥାନ୍ତେ। ତେଣୁ ଷ୍ଟାଫ ସିଲେକ୍ସନ ଦୁର୍ନୀତି ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘଣ୍ଟା ଘୋଡାଇବାକୁ କଂଗ୍ରେସ ଉଦ୍ୟମ କରୁଛି। ବାଚସ୍ପତି ପକ୍ଷପାତିତା କରୁଛନ୍ତି ବୋଲି ବିଜେପି ଅଭିଯୋଗ କରିଛି। ସେହିପରି କଂଗ୍ରେସ ମଧ୍ୟ ପାଲଟା ଅଭିଯୋଗ କରି ବିଜେପିକୁ କଡା ସମାଲୋଚନା କରିଛି।

➤ ପୃ-୬

# ଦିଲ୍ଲୀ ବିଧାନସଭାରେ ଗୁପ୍ତ ସୁଡଙ୍ଗ



**ନୂଆଦିଲ୍ଲୀ :** ଦିଲ୍ଲୀ ବିଧାନସଭାରେ ଦେଖିବାକୁ ମିଳିଛି ଏକ ରହସ୍ୟମହ ସୁଡଙ୍ଗ। ବିଧାନସଭାର ଏକ ପାର୍ଶ୍ୱରୁ ଏହାର ପ୍ରବେଶ ପଥ ଚିହ୍ନଟ ହୋଇଛି। ଏହି ସୁଡଙ୍ଗର ଲମ୍ବା ପାଖପାଖି ୭ କିଲୋମିଟର ହେବ ବୋଲି କୁହାଯାଉଛି, ଯାହା ଏଠାରୁ ଲାଲକିଲ୍ଲାକୁ ସଂଯୋଗ କରିଛି। ପ୍ରାୟ ତିନି ଫୁଟ ଓସାରର ଏହି ସୁଡଙ୍ଗ ବ୍ରିଟିଶ ସମୟର ବୋଲି ଅନୁମାନ କରାଯାଉଛି। ଗୁରୁବାର ଏହା ଉପରେ ଦିଲ୍ଲୀ ବିଧାନସଭାର ଅଧ୍ୟକ୍ଷ ରାମ ନିବାସ ଗୋୟଲ କହିଛନ୍ତି, ଏହି ସୁଡଙ୍ଗ ଲାଲକିଲ୍ଲାକୁ ସଂଯୋଗ କରୁଛି। ସୁଡଙ୍ଗର ଗୋଟିଏ ଅଂଶ ତ ମିଳିଗଲା, କିନ୍ତୁ ଏହାକୁ ଆଉ ଆଗକୁ ଖୋଳାଯାଇନାହିଁ। କାରଣ ମେଟ୍ରୋ ଓ ସିଭର ଭଳି ପରିଯୋଜନା କାରଣରୁ ସୁଡଙ୍ଗର ସମସ୍ତ ରାସ୍ତା ଶେଷ ହୋଇଯାଇଥିବ। ଏହି ସୁଡଙ୍ଗକୁ ନେଇ ଇତିହାସ ପୃଷ୍ଠାରେ ସେଭଳି କୌଣସି ଉଲ୍ଲେଖ କରାଯାଇନାହିଁ।

➤ ପୃ-୬

# ଓଡ଼ିଶା ବିଜେପିର ମଙ୍ଗ ଧରିବେ ବିଜୟ !



**ଭୁବନେଶ୍ୱର :** ଖୁବ୍‌ଶୀଘ୍ର ରାଜ୍ୟ ବିଜେପିର ମଙ୍ଗ ଧରିବେ ବରିଷ୍ଠ ନେତା ବିଜୟ ମହାପାତ୍ର। ଏଭଳି ଆକଳନ କରିଛନ୍ତି ରାଜନୈତିକ ବିଶେଷଜ୍ଞ। ସୂଚନା ଅନୁସାରେ ରାଜ୍ୟ ବିଜେପି ସଭାପତି ପଦରୁ ହଟିବେ ସମୀର ମହାନ୍ତି। ଯଦିଓ ଏହାର ସମୟ କିଛି ନିର୍ଦ୍ଧାରଣ କରାଯାଇନାହିଁ ତଥାପି ଆଗାମୀ ଅଳ୍ପଦିନ ମଧ୍ୟରେ ଏଭଳି ପରିବର୍ତ୍ତନ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ଜୋର ଧରିଛି। କାରଣ ସ୍ୱରୂପ ଯାହା ଜଣାପଡିଛି, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ବିଜେପି ସଂଗଠନକୁ ସୁଦୃଢ଼ କରିପାରିଲେ ନାହିଁ। ଏହାପଛରେ ଧର୍ମେନ୍ଦ୍ରଙ୍କ ଅହଂକାର ଦାୟୀ ବୋଲି ଚର୍ଚ୍ଚା ହେଉଛି। କେନ୍ଦ୍ରୀୟ ବିଜେପି ନେତା ଓଡ଼ିଶାର ବିଜେପିକୁ ନେଇ ଖୁବ୍ ଚିନ୍ତିତ ଥିଲା ବେଳେ କିଭଳି ଏଠାରେ ସଂଗଠନକୁ ଦୃଢ଼ କରାଯିବ ସେ ନେଇ ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ କରିଛନ୍ତି। କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଓଡ଼ିଶା ଗସ୍ତରୁ ଏଭଳି କିଛି ସୂଚନା ମିଳିଛି। ପ୍ରଦେଶ ବିଜେପିରେ ଏକ ନୂତନ ଆଗ୍ରହ ସୃଷ୍ଟି କରି ଦଳକୁ ସୁଦୃଢ଼ କରିବା ପାଇଁ ଭିନ୍ନ ଭିନ୍ନ ପଦକ୍ଷେପ ନିଆଯିବ ବୋଲି ମଧ୍ୟ ଜଣାପଡିଛି। ଗୋଷ୍ଠୀ ବିବାଦ ପାଇଁ ଓଡ଼ିଶାରେ ବିଜେପି ଆଗକୁ ବଢ଼ିପାରୁନାହିଁ ବୋଲି ରାଜନୈତିକ ବିଶାରଦମାନେ କହୁଛନ୍ତି। ଗୋଷ୍ଠୀ ବିବାଦ ଦୂର କରି ପୁଣିଥରେ ଓଡ଼ିଶା ବିଜେପିକୁ ଟାଣ କରାଯିବ ଏବଂ କାହା ନେତୃତ୍ୱରେ ଦଳ ନିର୍ବାଚନ ଜିତିପାରିବ ସେ ନେଇ ଅଙ୍କକଷା ଚାଲିଛି। ସୂଚନା ଅନୁସାରେ ରାଜ୍ୟ ସଭାପତି ପଦରୁ ସମୀର ମହାନ୍ତିଙ୍କୁ ଛଟାଇ ଦିଆଯାଇ ତାଙ୍କ ସ୍ଥାନରେ ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯିବ। ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଥିବାରୁ ଓଡ଼ିଶା ବିଜେପିର ନବକଳେବର ହେବ ବୋଲି ଜଣାପଡିଛି।

### ରାଜଧାନୀରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ଗଡିଲା ୧୧୦ ବସ୍, ଲୋକାର୍ପିତ ହେଲା 'ନିମନ୍ତ୍ରଣ'

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ଏଜି ଛକରେ ଥିବା ଓଏସ୍‌ଆଇଟିସିର ମୁଖ୍ୟ କାର୍ଯ୍ୟାଳୟରୁ ୧୧୦ଟି ନୂଆ ଅତ୍ୟାଧୁନିକ

**'ମୋ ବସ୍'ର ଅତ୍ୟାଧୁନିକ ୨ଟି ଡିପୋ ଲୋକାର୍ପିତ**

**ପୋଖରୀପୁଟରେ ପ୍ରତିଷ୍ଠା ହେଲା ଭିନ୍ନକ୍ଷମ ସଶକ୍ତିକରଣ ପ୍ରତିଷ୍ଠାନ**





ବସ୍‌ର ଯାତ୍ରା ଶୁଭାରମ୍ଭ କରିଛନ୍ତି। ଯାତ୍ରୀମାନଙ୍କୁ ଆରାମଦାୟକ ଅନୁଭୂତି ପ୍ରଦାନ କରିବା ପାଇଁ ଏଥିରେ ସମସ୍ତ ଅତ୍ୟାଧୁନିକ ସୁବିଧା ସଂଯୁକ୍ତ କରାଯାଇଛି। ସୁରକ୍ଷା ପାଇଁ ସିସି ଟିଭି କ୍ୟାମେରା, ଆରାମଦାୟକ ସିଟ୍, ଆପାତକାଳୀନ ବଟନ, ଭାଇକେଲ୍ ଟ୍ରାକିଂ ସିଷ୍ଟମ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ବସ୍ ମଧ୍ୟରେ ଯାତ୍ରୀମାନଙ୍କୁ ବିଭିନ୍ନ ସୂଚନା ପ୍ରଦାନ ନିମନ୍ତେ ସିଷ୍ଟମ ଆଇଟିଏମ୍ଏସ୍ ଭଳି ବିଭିନ୍ନ ବୈଷୟିକ ଜ୍ଞାନକୌଶଳଯୁକ୍ତ ସୁବିଧା ରହିଛି। ଏହି ବସ୍ ଗୁଡିକ ଆନ୍ତଃରାଜ୍ୟ ବସ୍ ପରିବହନରେ ମଧ୍ୟ ନିୟୋଜିତ ହେବ। ସୂଚନାଯୋଗ୍ୟ ଯେ,

➤ ପୃ-୬

## ବକ୍ରବାଣୀ



ଭାଇ ମୋର ଥାଇ ବିରୋଧୀ ଦଳେ
ମନ ଲାଖି ପଦ ମୋତେ ନ ମିଳେ
ବିକିଦେଇ ମୋର ସ୍ୱାଭିମାନକୁ
ଫୁଙ୍କିଥିଲି ଶଙ୍ଖ ମନ୍ତ୍ରୀ ହବାକୁ
ଦିଲ୍ଲୀରୁ ଆସିକି ବସିଲି ଘରେ
ଏମେଲେରେ ସତେ ପେଟ କି ପୁରେ
ଚାହିଁ ଚାହିଁ ଦିଇ ବରଷ ଗଲା
ମନ କଥା ମୋର ମନରେ ମଲା
ଭୋଅଟ ଆଉଚି ଆଗକୁ ଏବେ
ଆଶା ମୋର ନାଲିବତୀଟେ ଦେବେ।

——— ଟୁଟୁ

### ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ନିର୍ମାଣର ଅବସାନ ହେଉ

# ଅନ୍ୟ ସ୍ୱର୍ଗୀୟ ନେତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

**ଜଗତସିଂହପୁର,(ଜ୍ୟୋତି ରଞ୍ଜନ ପଟ୍ଟନାୟକ) :** ତିର୍ତ୍ତୋଲ ବିଧାୟକ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ବିୟୋଗ ପରେ ଏକ ଉପ ନିର୍ବାଚନ ହୋଇ ତାଙ୍କ ପୁତ୍ର ବିଜୟ ଶଙ୍କର ଦାସ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବାପାଙ୍କ ବିୟୋଗ ପରେ ଓ ଦଳ ସୁପ୍ରିମୋଙ୍କ ନିର୍ଦ୍ଦେଶ କ୍ରମେ ଉପ ନିର୍ବାଚନରେ ବିଜେଡି ଦଳର ଗୋଷ୍ଠି କନ୍ଦଳ ଦେଖିବାକୁ ମିଳି ନଥିଲ,ହେଲେ ବିଜୟ ଶଙ୍କରଙ୍କ ବିଜୟ ପରେ କନ୍ଦଳର ଶୁଭାରମ୍ଭ ଦେଖିବାକୁ ମିଳିଛି ରଘୁନାଥପୁର ବଜାର ନିକଟରେ ବାପାଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନକୁ ନେଇ। ଏପରିକି କଂଗ୍ରେସ, ବିଜେପି ନେତାମାନଙ୍କ ବିରୋଧ ସତ୍ତ୍ୱେ ନବନିର୍ମାଣ କୃଷକ ସଂଘ ପକ୍ଷରୁ ସେଠାରେ ଧାରଣା କାର୍ଯ୍ୟକ୍ରମ ଲାଗି ରହିଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନକୁ ନେଇ ବିଜେଡିର ଗୋଷ୍ଠୀ କନ୍ଦଳ ସର୍ବସାଧାରଣଙ୍କ ସମ୍ମୁଖକୁ ଆସିଥିଲା । ଯେଉଁଥିପାଇଁ ନବନିର୍ମାଣ କୃଷକ ସଂଗଠନ କାର୍ଯ୍ୟକର୍ତ୍ତା ମାନେ ନିଜ ଯିଦିରେ ଅଟଳ ରହି ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରୁ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର ପାଇଁ ଦାବୀ କରିଆସୁଛନ୍ତି। ସବୁଠାରୁ ଦୁଃଖ ଦାୟକ ଘଟଣା ତିର୍ତ୍ତୋଲ ବିଧାୟକ ଶ୍ରୀ ଦାସଙ୍କ ପିତାଙ୍କ ପ୍ରତିମୁର୍ତ୍ତି ଉନ୍ମୋଚନ ପରେ ଦଳୀୟ ଗୋଷ୍ଠୀ କନ୍ଦଳକୁ ନେଇ ପୁର୍ନବାର ଖବର କାଗଜ ମାଧ୍ୟମରେ ଆବରଣ କରାଯାଇଥିଲା। ସେଥିରେ ବି ବିଧାୟକ ଶ୍ରୀ ଦାସଙ୍କ ପାରିବା ପଣିଆ ଓ ନେତା କର୍ମୀ ମାନଙ୍କ ମନମାଳିନ୍ୟ ଘଟଣା ତଳେ ପଡିଥିଲା। ନବନିର୍ମାଣ କୃଷକ ସଂଗଠନ କାର୍ଯ୍ୟକର୍ତ୍ତାଙ୍କ ଧାରଣା ଯୋଗୁ ରଘୁନାଥପୁର ଥାନା ପୋଲିସ ପକ୍ଷରୁ କେବଳ ବାଡ ମୁହଁରେ ବତା ଦେବା ଭଳି ଦିନରାତି ଜଗି ରହିବାକୁ ବାଧ ହେଉଛନ୍ତି । ସ୍ଥାନୀୟ ଜିଲ୍ଲା ପ୍ରଶାସନ ଓ ଜନସାଧାରଣ ମାନେ ନିଜ ନିଜର ବିବୃତ୍ତି ରଖି କହୁଛନ୍ତି ଯେ ବିଧାୟକ ଶ୍ରୀ ଦାସ ଚାହିଁଲେ ଏ ସବୁ ଘଟଣାର ଅନ୍ତ ଘଟିପାରନ୍ତା । ଧାରଣା ସ୍ଥଳରେ ସେ ପହଞ୍ଚି ବାପାଙ୍କ



ସ୍ୱର୍ଗତ ବିରେନ ମିତ୍ର



ସ୍ୱର୍ଗତ ବସନ୍ତ ବିଶ୍ୱାଳ



ସ୍ୱର୍ଗତ ରବି ରାୟ



ସ୍ୱର୍ଗତ ଯୁଦ୍ଧିଷ୍ଠିର ଦାସ

➤ ପୃ-୬







### ୪୬ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ଆଇଆଇଟି ସଞ୍ଚାଳନ ସମିତି ସହ କେନ୍ଦ୍ରମନ୍ତ୍ରୀଙ୍କ ଆଲୋଚନା

# ଅକ୍ଟୋବର ଶେଷ ସୁଦ୍ଧା ୬ ହଜାର ପଦବୀ ପୂରଣ ପାଇଁ କୁଳପତିଙ୍କୁ ଆହ୍ୱାନ

**ନୂଆଦିଲ୍ଲୀ/ଭୁବନେଶ୍ୱର :** ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅନ୍ତର୍ଗତ ୪୬ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଖାଲି ପଡିଥିବା ୬ ହଜାର ପଦବୀକୁ ଅକ୍ଟୋବର ଶେଷ ସୁଦ୍ଧା ପୂରଣ କରିବା ପାଇଁ ମିଶନ ମୋଡରେ କାର୍ଯ୍ୟ କରିବାକୁ ବିଶ୍ୱବିଦ୍ୟାଳୟର କୁଳପତି ମାନଙ୍କୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ଅନ୍ୟ ଏକ ପୃଥକ ବୈଠକରେ ସମସ୍ତ ୨୩ଟି 'ଆଇଆଇଟି ଗବେଷଣା ଏବଂ ବିକାଶ ମେଳା' ନଭେମ୍ବରରେ ଅନୁଷ୍ଠିତ ହେବା ନେଇ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ଗୁରୁ ଦିବସର ଅବ୍ୟବହିତ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଶୁକ୍ରବାର ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ୪୫ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥା(ଆଇଆଇଟି)ର ନଭେମ୍ବର ମାସରେ ହେବାକୁ ଥିବା ଗବେଷଣା ଏବଂ ବିକାଶ ମେଳାର ଆୟୋଜନ ପାଇଁ ଗଠିତ ଆଇଆଇଟି ସଂଚାଳନ ସମିତି ସହ ଅନୁଷ୍ଠିତ ପୃଥକ ପୃଥକ ବୈଠକରେ ଆଲୋଚନା କରିଛନ୍ତି । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ଆଲୋଚନା କରିବା କାଳରେ ଶ୍ରୀ ପ୍ରଧାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ୬ ହଜାର ପଦବୀକୁ ଅକ୍ଟୋବର ସୁଦ୍ଧା ପୂରଣ କରିବା ତଥା ପଦବୀରେ ଏସସି, ଏସଟି, ଓବିସି, ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଲୋକଙ୍କୁ ପ୍ରାଧାନ୍ୟ ଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶବାସୀଙ୍କ ଆକାଂକ୍ଷା ଏବଂ ଜାତୀୟ ଲକ୍ଷ୍ୟ ହାସଲ କରିବା ଦିଗରେ ଆମର ଉଚ୍ଚ ଶିକ୍ଷା ଅନୁଷ୍ଠାନ ଗୁଡ଼ିକ ସାମାଜିକ ଏବଂ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବାରେ ପ୍ରମୁଖ ଚାବିକାଠି ହୋଇଛନ୍ତି । ବିଶ୍ୱବିଦ୍ୟାଳୟ ଗୁଡ଼ିକ ଭାରତର ସମୃଦ୍ଧ ଭାଷା ଏବଂ ସାଂସ୍କୃତିକ ଐତିହ୍ୟକୁ ଲୋକପ୍ରିୟ କରିବା ଏବଂ ଭାରତୀୟ ଭାଷାରେ ଶିକ୍ଷାଦାନକୁ ପ୍ରୋତ୍ସାହିତ କରିବା ଉଚିତ୍। ଆମର ବିଶ୍ୱବିଦ୍ୟାଳୟ ଗୁଡ଼ିକ ସୃଜନଶୀଳତା, ନବସୃଜନ ଏବଂ ସୁଯୋଗର ମୂଳଦୁଆ। ଉଭା ହେଉଥିବା ନୂତନ ବିଶ୍ୱରେ ଭାରତକୁ ଶୀର୍ଷ ସ୍ଥାନକୁ ନେବା ପାଇଁ ଜାତୀୟ ଶିକ୍ଷା ନୀତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଭାରତର ଭାଗ୍ୟ ଭବିଷ୍ୟତକୁ ପରିବର୍ତ୍ତନ କରିବା ପାଇଁ ବିଶ୍ୱବିଦ୍ୟାଳୟ ଗୁଡ଼ିକ ଜାତୀୟ ଶିକ୍ଷା ନୀତିରେ ବର୍ଣ୍ଣିତ ସେମାନଙ୍କର ଦାୟିତ୍ୱ ଗୁଡିକୁ ପୂରଣ କରିବେ । ଦେଶରେ ଉଚ୍ଚଶିକ୍ଷାକୁ ନୂଆ ଦିଗ ଦେବାରେ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସ୍ଥାନ ବଡ଼ ଭୂମିକା ରଖୁଛି।





➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ଖରାପ ଅଭ୍ୟାସ ବନ୍ଦ କରିବା ଯୋଗୁଁ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ଇଚ୍ଛା ଅନୁରୂପ ଫଳ / ଅର୍ଥ ପ୍ରାପ୍ତି ହେବନାହିଁ। ଘରକୁ ନୂଆ ଅତିଥି ଆସିବାରୁ ପୁରୁଣା ବନ୍ଧୁଙ୍କ ସାକ୍ଷାତ ହୋଇପାରେ। ଛାତ୍ରମାନଙ୍କ ପାଇଁ ସମୟ ଉତ୍ତମ।

**ବୃଷ** ପୂର୍ବ ଅପେକ୍ଷା ସ୍ୱାସ୍ଥ୍ୟ ଭଲ ରହିବ। ଅନେକ ଦିଗରୁ ଅର୍ଥର ଆଗମନ ହେବ। କୌଣସି ଶୁଭ ଖବର ପାଇପାରନ୍ତି। ଇଚ୍ଛା ଅନୁସାରେ କାର୍ଯ୍ୟକ୍ଷେତ୍ରରେ ମତ ରଖିପାରିବେ ନାହିଁ। ଛାତ୍ରମାନଙ୍କ ଆତ୍ମବିଶ୍ୱାସ କମ୍ ରହିବ।

**ମିଥୁନ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆର୍ଥିକ ଦିଗ ସାଧାରଣରୁ ମଧ୍ୟମ ରହିବ। ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। କାର୍ଯ୍ୟକ୍ଷେତ୍ରରେ କୌଣସି କାଗଜପତ୍ର ହଜିଯାଇପାରେ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବେ।

**କର୍କଟ** ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେବାକୁ ପଡିପାରେ। ସେଥିପାଇଁ ମନଚିନ୍ତା ଗ୍ରସ୍ତ ରହିବ। ଋଣଗ୍ରସ୍ତ ହୋଇପାରନ୍ତି। ଏକା ଏକା ରହିବା ପାଇଁ ଇଚ୍ଛା କରିବେ। ଛାତ୍ରମାନଙ୍କ ସମସ୍ୟା ବଢ଼ିବ।

**ସିଂହ** ମାନସିକ ଅଶାନ୍ତି ବଢ଼ିବ। ଅର୍ଥପ୍ରାପ୍ତିର ଅନେକ ଦିଗ ଖୋଲିବ। ହଠାତ୍ ଅତିଥିଙ୍କ ଆଗମନ ହୋଇପାରେ। ଛାତ୍ରମାନେ ସଫଳତାର ସ୍ୱାଦ ପାଇବେ। ପ୍ରେମୀ ଯୁଗଳ ଜଣେ ଅନ୍ୟ ଜଣକ ପ୍ରତି ଅଧିକ ସମର୍ପିତ ହେବେ।

**କନ୍ୟା** ଶାରୀରିକ ଓ ମାନସିକ ଶାନ୍ତି ମିଳିବ। ଆର୍ଥିକ ସଙ୍କଟ ଦୂର ହେବ। ସଞ୍ଚୟ କରିବେ। ଘରରୁ କୌଣସି ଦ୍ରବ୍ୟ ଭାଙ୍ଗି ପାରେ ବା ହଜିଯାଇପାରେ। ବିଦ୍ୟାର୍ଥୀମାନଙ୍କ ପାଇଁ ସମୟ ଅନୁକୂଳ। ପ୍ରେମିକଙ୍କ ସହ ମନମାଳିନ୍ୟ ହେବ।

**ତୁଳା** ଅନେକ ଦିନରୁ ଇଚ୍ଛା କରୁଥିବା କାର୍ଯ୍ୟ ଏ ସପ୍ତାହରେ କରିବେ। କାହାକୁ ଉଧାର ଦିଅନ୍ତୁ ନାହିଁ କି ନିଅନ୍ତୁ ନାହିଁ। ଅସୁବିଧାରେ ପଡିବେ। ଛାତ୍ରମାନଙ୍କ ବହୁତ ଏକା ଏକା ଅନୁଭବ କରିବେ। ପ୍ରେମୀ ଜୀବନ ଭଲ ରହିବ।

**ବିଛା** ଘରର ଖାଦ୍ୟ ଖାଆନ୍ତୁ। ଧନ ସଞ୍ଚୟ ହୋଇପାରିବ ନାହିଁ। ଘରର କୌଣସି ମହିଳା ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ଛାତ୍ରମାନଙ୍କ ସମୟ ଶୁଭ। ଜୀବନସାଥୀଙ୍କ ଅଦରକାରୀ ବସ୍ତୁ ଦାବି କରିପାରନ୍ତି।

**ଧନୁ** ପୁରୁଣା ବେମାରୀରୁ ମୁକ୍ତ ମିଳିବ। ବ୍ୟବସାୟରେ ଏବେର ଅର୍ଥ ବିନିଯୋଗ, ଭବିଷ୍ୟତରେ ଲାଭ ହେବ। ନୂତନ କାର୍ଯ୍ୟ ଆରମ୍ଭ ପାଇଁ ସମୟ ଅନୁକୂଳ। ଛାତ୍ର ପାଠ ଛାଡି ଅନ୍ୟ କାମରେ ମନଦେବେ।

**ମକର** ସ୍ୱାସ୍ଥ୍ୟ ସମସ୍ୟା ଯଥା ଆଖି କାନର ସଂକ୍ରମଣ ହୋଇପାରେ। ସଞ୍ଚୟରେ ସଫଳ ହେବେ। କାର୍ଯ୍ୟକ୍ଷେତ୍ରରେ ଉତ୍ଥାନ ପତନ ଦେଖାଦେବ। ଛାତ୍ରମାନେ ଯୋଜନା କରି ଆଗକୁ ଯାଆନ୍ତୁ।

**କୁମ୍ଭ** କାର୍ଯ୍ୟକ୍ଷେତ୍ରରେ ଦାୟିତ୍ୱରେ ଯାତ୍ରା କରିପାରନ୍ତି। ଆୟର ଅନେକ ଦିଗ ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖା ଦେବ। ପ୍ରେମୀମାନେ ବିପରୀତ ଲିଙ୍ଗର ଲୋକଙ୍କୁ ଆକର୍ଷିତ କରିପାରିବେ। ପରିବାରରେ ଶାନ୍ତି ବଜାୟ ରହିବ।

**ମୀନ** ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। କୌଣସି ଗୋଟିଏ ଆର୍ଥିକ ଦିଗରେ ବଡ ଲାଭ ହେବ। ନୂଆ ଘର ଓ ସାମାନ କିଣିବାର ଯୋଜନା କରିବେ। ପରିବାରର ବଡ ଲୋକଙ୍କ ସହଯୋଗ ମିଳିବ। ଛାତ୍ରମାନେ ଗୁରୁଜନଙ୍କ ବାକ ତର୍କ କରିପାରନ୍ତି।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ବାୟୁ ପ୍ରଦୂଷଣ ଯୋଗୁଁ ୪୮ କୋଟି ଭାରତୀୟଙ୍କ ହାରାହାରି ଆୟୁଷ ୯ ବର୍ଷ କମିବ : ରିପୋର୍ଟ

**ନୂଆଦିଲ୍ଲୀ :** ଭାରତରେ ଶିଳ୍ପ ବିକାଶ ସହ ପ୍ରଦୂଷଣ ମାତ୍ରା ଚିନ୍ତାଜନକ ଭାବେ ବଢ଼ିଚାଲିଛି। ବିଶେଷକରି ବଢ଼ିଚାଲିଥିବା ବାୟୁ ପ୍ରଦୂଷଣର କୁପ୍ରଭାବ ଲୋକମାନଙ୍କ ଶରୀର ଉପରେ ପଡୁଛି। ଆମେରିକାର ସିକାଗୋ ବିଶ୍ୱବିଦ୍ୟାଳୟର ଏନର୍ଜି ପଲିସି ଇନ୍‌ଷ୍ଟିଚ୍ୟୁଟ୍ (ଏପିକ୍) ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ, ବାୟୁ ପ୍ରଦୂଷଣ ଯୋଗୁଁ ଭାରତର ୪୦ ପ୍ରତିଶତ ଜନତାଙ୍କ ହାରାହାରି ଆୟୁଷ ୯ ବର୍ଷ କମିଯିବ। ଏପରିକି ରିପୋର୍ଟ ଅନୁସାରେ ଉତ୍ତର, ପୂର୍ବ ଓ କେନ୍ଦ୍ରୀୟ ଭାରତର ପ୍ରାୟ ୪୮ କୋଟି ଲୋକ ମାତ୍ରାଧିକ ପ୍ରଦୂଷଣ ମଧ୍ୟରେ ରହୁଛନ୍ତି। ଏସବୁ ସ୍ଥାନ ମଧ୍ୟରେ ରାଜଧାନୀ ଦିଲ୍ଲୀ ବି ରହିଛି। ଆହୁରି ଚିନ୍ତାଜନକ କଥା ହେଉଛି ଦିନକୁ ଦିନ ଭାରତର ନୂଆ ନୂଆ ଅଞ୍ଚଳରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ଉଦାହରଣ ସ୍ୱରୂପ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରେ ବାୟୁ ପ୍ରଦୂଷଣ ମାତ୍ରା ବଢ଼ିବାରେ ଲାଗିଛି। ତେବେ ଏପିକ ପକ୍ଷରୁ ଭାରତ ସରକାରଙ୍କ ଦ୍ୱାରା ୨୦୧୯ରେ ଆରମ୍ଭ ହୋଇଥିବା ଜାତୀୟ ନିର୍ମଳ ବାୟୁ କାର୍ଯ୍ୟକ୍ରମ (ଏନ୍‌ସିଏପି)କୁ ପ୍ରଶଂସା କରାଯାଇଛି। ଏନ୍‌ସିଏପିର ଲକ୍ଷ୍ୟ ହାସଲ ହେଲେ ଭାରତୀୟଙ୍କ ହାରାହାରି ଆୟୁଷ ୧.୭ ବର୍ଷ ବଢ଼ିବ। ଦିଲ୍ଲୀବାସୀଙ୍କ ହାରାହାରି ଆୟୁଷ ୩.୧ ବର୍ଷ ବଢ଼ିଯିବ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଏନ୍‌ସିଏପିର ଲକ୍ଷ୍ୟ ଅନୁସାରେ ୨୦୨୪ ସୁଦ୍ଧା



ଦେଶର ୧୦୨ଟି ପ୍ରଦୂଷିତ ସହରର ପ୍ରଦୂଷଣ ମାତ୍ରା ୨୦ରୁ ୩୦ ପ୍ରତିଶତ ହ୍ରାସ କରାଯିବ। ଅନ୍ୟପଟେ ଓଡ଼ିଶାରେ ବାୟୁ ପ୍ରଦୂଷଣ ଏବେ ସର୍ବାଧିକ ସ୍ତରରେ ପହଞ୍ଚିଥିବା ଜଣାପଡିଛି। ଏହାର ସିଧାସଳଖ କୁପ୍ରଭାବ ଶରୀର ଉପରେ ପଡୁଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉକ୍ତ ବାୟୁ ପ୍ରଦୂଷଣ ତାଲିକାରେ ଦିଲ୍ଲୀ ଏକ ନମ୍ବର ଥିବା ବେଳେ ଏବେ ଓଡ଼ିଶାର ତା'ର ପାଖାପାଖି ପହଞ୍ଚି ଯାଇଛି। ମୁଖ୍ୟତଃ ବାୟୁରେ ଅଧିକ ପରିମାଣରେ ପାର୍ଟିକ୍ୟୁଲେଟ ମ୍ୟାଟର ୨.୫ (ପିଏମ୍ ୨.୫)ର ଉପସ୍ଥିତି ଯୋଗୁଁ ଏହା ସିଧାସଳଖ ଫୁସ୍‌ଫୁସକୁ ପ୍ରଭାବିତ କରିଥାଏ। ଏହି ପରିମାପକରେ ଦିଲ୍ଲୀ ଥିବା ବେଳେ ଏହାର ପାଖାପାଖି ଓଡ଼ିଶା ମଧ ପହଞ୍ଚି ଗଲାଣି। ଆଉ ଏଥିଯୋଗୁଁ ଅନେକ ଲୋକ ମୃତ୍ୟୁମୁଖରେ ପଡନ୍ତି। ଭାରତର ରାଜଧାନୀ ଦିଲ୍ଲୀ ହେଉଛି ସବୁଠୁ ପ୍ରଦୂଷିତ ସହର ମଧ୍ୟରେ ଅନ୍ୟତମ। ଏୟାର କ୍ୱାଲିଟି ଲାଇଫ୍ ଇଣ୍ଡେକ୍ସକୁ ନେଇ ଆମେରିକାର ସିକାଗୋ ବିଶ୍ୱବିଦ୍ୟଳୟ ପକ୍ଷରୁ କରାଯାଇଥିବା ଗବେଷଣାରୁ ଏହା କୁହାଯାଇଛି। ତେବେ ଓଡ଼ିଶାରେବାୟୁ ପ୍ରଦୂଷଣମାତ୍ରାକୁ ନେଇ ଯେଉଁ ବିକଳ ଚିତ୍ର ଆସିଛି ସେଥିରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ ଏବଂ କଟକ ଆଦି ଜିଲ୍ଲା ରହିଛି। ଏସବୁ ଜିଲ୍ଲା ଲୋକଙ୍କର ଆୟୁଷ ପାଖାପାଖି ୬ ବର୍ଷ କମିବାର ଆଶଙ୍କା ରହିଛି। ସେହିପରି ଦେଶରେ ମହାରାଷ୍ଟ୍ର, ଗୁଜୁରାଟ ଓ ଆନ୍ଧ୍ରପ୍ରଦେଶର ସ୍ଥିତି ମଧ୍ୟ ସଙ୍ଗୀନ୍ ରହିଛି।

# ପ୍ରଥମଥର ଏକାଠି ଶପଥ ନେଲେ ୯ ନୂଆ ବିଚାରପତି

**ନୂଆଦିଲ୍ଲୀ :** ଏକା ସଙ୍ଗେ ଶପଥ ନେଲେ ସୁପ୍ରିମକୋର୍ଟର ୯ ନୂଆ ବିଚାରପତି। ତାଙ୍କୁ ସିଜେଇ ଏନ୍‌ଭି ରମନ୍ନା ଶପଥ ପାଠ କରାଇଛନ୍ତି। କରୋନା ପ୍ରଟୋକଲକୁ ଧ୍ୟାନରେ ରଖି ସୁପ୍ରିମକୋର୍ଟର ଅତିରିକ୍ତ ସଭାଗାରରେ ଇତିହାସରେ ପ୍ରଥମ ଥର ପାଇଁ ଏତେ ସଂଖ୍ୟକ ବିଚାରପତିଙ୍କୁ ନେଇ ଶପଥ ସମାରୋହ ଆୟୋଜନ କରାଯାଇଥିଲା। ୯ ନୂଆ ବିଚାରପତିଙ୍କ ମଧ୍ୟରେ ୩ ଜଣ ମହିଳା ବିଚାରପତି ମଧ୍ୟ ଶପଥ ନେଇଛନ୍ତି। ସୂଚନା ଥାଉକି, ନୂତନ ଜଜଙ୍କ ଶପଥ ପାଠ ପ୍ରଧାନ ବିଚାରପତିଙ୍କ କୋର୍ଟ ରୁମରେ କରାଯାଏ। କିନ୍ତୁ କରୋନା କଟକଣାକୁ ଦୃଷ୍ଟିରେ ରଖି ଚଳିତ ଥର ଶପଥଗ୍ରହଣ ସ୍ଥାନକୁ ପରିବର୍ତ୍ତନ କରାଯାଇଛି। ଶପଥ ନେଇଥିବାର ୯ ବିଚାରପତି ହେଉଛନ୍ତି, ଅଭୟ ଶ୍ରୀନିବାସ ଓକା, ବିକ୍ରମ ନାଥ, ଜିତେନ୍ଦ୍ର କୁମାର ମାହେଶ୍ୱରୀ, ହିମା କୋହଲି,



ବିଭି ନାଗରତ୍ନା, ସିଟି ରବିକୁମାର, ଏମଏମ ସୁନ୍ଦରେଶ, ବେଲା ଏମ ତ୍ରିବେଦୀ ଓ ପିଏସ ନରସିମ୍ହା। ନଅ ଜଜଙ୍କ ଶପଥ ପରେ ସର୍ବୋଚ୍ଚ ନ୍ୟାୟାଳୟରେ ସିଜେଆଇ ରମନ୍ନାଙ୍କ ସମେତ ଜଜଙ୍କ ସଂଖ୍ୟା ୩୩ କୁ ବୃଦ୍ଧି ପାଇଛି। ନିୟମ ଅନୁଯାୟୀ, ସୁପ୍ରିମକୋର୍ଟରେ ସର୍ବାଧିକ ୩୪ ଜଣ ବିଚାରପତି ନିଯୁକ୍ତ ହୋଇପାରିବେ। ଏବେ ଏହି ୯ ଜଣ ବିଚାରପତିଙ୍କ ପଦୋନ୍ନତି ପରେ ସୁପ୍ରିମକୋର୍ଟରେ କେବଳ ଗୋଟିଏ ପଦ ଖାଲି ରହିଛି। ଗତ ୧୭ ଅଗଷ୍ଟରେ ଏହି ୯ ଜଣଙ୍କୁ ବିଚାରପତି ଭାବେ ପଦୋନ୍ନତି ଦେବାକୁ ପ୍ରଧାନ ବିଚାରପତି ଜଷ୍ଟିସ ଏନଭି ରମନ୍ନାଙ୍କ ନେତୃତ୍ୱରେ ଗଠିତ କଲେଜିୟମ ସୁପାରିସ କରିଥିଲେ। ପରେ ୨୬ ଅଗଷ୍ଟରେ ଏହି ୯ ଜଣ ବିଚାରପତିଙ୍କ ନାଁ ଉପରେ କେନ୍ଦ୍ର ସରକାର ମୋହର ମାରିଥିଲେ।

# ଗାଈକୁ ଜାତୀୟ ପଶୁର ମାନ୍ୟତା ମିଳୁ : ଆହ୍ଲାବାଦ ହାଇକୋର୍ଟ

**ଲକ୍ଷ୍ନୌ :** ଆହ୍ଲାବାଦ ହାଇକୋର୍ଟ ଏକ ମାମଲାର ଶୁଣାଣି ସମୟରେ ଗାଈକୁ ନେଇ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଅଦାଲତ କହିଛନ୍ତି ଯେ, ଗୋ-ରକ୍ଷାକୁ କୌଣସି ବି ଧର୍ମ ସହ ଯୋଡିବାର ଆବଶ୍ୟକତା ନାହିଁ। ଗାଈକୁ ଏବେ ଜାତୀୟ ପଶୁ ଘୋଷିତ କରିଦେବା ଉଚିତ। କେନ୍ଦ୍ରକୁ ଏହା ଉପରେ ବିଚାର କରାଯିବାର ଆବଶ୍ୟକତା ରହିଛି ବୋଲି ଉଚ୍ଚ ନ୍ୟାୟାଳୟ କହିଛନ୍ତି। ସୂଚନାନୁଯାୟୀ, ବୁଧବାର ଜାଭେଦ ନାମକ ଜଣେ ବ୍ୟକ୍ତିଙ୍କ ଆବେଦନ ଖାରଜ କରି ହାଇକୋର୍ଟ ଏହି ଟିପ୍ପଣୀ କରିଛନ୍ତି। ଜାଭେଦଙ୍କ ଉପରେ ଗୋହତ୍ୟା ନିରୋଧ ଅଧିନିୟମର ଧାରା ୩, ୫ ଓ ୮ ଆଧାରରେ ମାମଲା ରୁଜୁ ହୋଇଛି। ନ୍ୟାୟାଳୟ ଆବେଦନକାରୀଙ୍କୁ ଆବେଦନକୁ ଖଣ୍ଡନ କରି କହିଛନ୍ତି ଯେ, ଗୋରକ୍ଷା କୌଣସି ଗୋଟିଏ ଧର୍ମର ଦାୟିତ୍ୱ ନୁହେଁ। ଗୋ ମାତ୍ରା ଏହି ଦେଶର ସଂସ୍କୃତି ଏବଂ ଏହାର ସୁରକ୍ଷା ପ୍ରତି ନାଗରିକଙ୍କ କର୍ତ୍ତବ୍ୟ। ଆପଣ କୌଣସି ଧର୍ମର ହୋଇ ଥାଆନ୍ତୁ



ନା କାହିଁକି। ବିଚାରପତି ଶେଖର କୁମାର ଯାଦବ ଏହି ନିଷ୍ପତ୍ତି ଶୁଣାଇ କହିଛନ୍ତି, ସରକାରଙ୍କୁ ବର୍ତ୍ତମାନ ଗୃହରେ ଏକ ବିଲ୍ ଆଣିବା ଉଚିତ୍। ଗାଈକୁ ମଧ୍ୟ ମୌଳିକ ଅଧିକାର ମିଳିବା ଉଚିତ୍। ଗାଈକୁ ଜାତୀୟ ପଶୁ ଘୋଷିତ କରିବାର ସମୟ ଆସି ଯାଇଛି। ଯିଏ ବି ଗାଈ ପ୍ରତି ଅତ୍ୟାଚାର କରିବାକୁ ଉଦ୍ୟମ କରିବ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଉଚିତ୍ ବୋଲି ବିଚାରପତି କହିଛନ୍ତି। ଜଜ୍ ଜୋର ଦେଇ କହିଛନ୍ତି ଯେ, ଯେ ପର୍ଯ୍ୟନ୍ତ ଦେଶରେ ଗୋ-ସମ୍ପଦ ସୁରକ୍ଷିତ ନାହିଁ ସେ ପର୍ଯ୍ୟନ୍ତ ଦେଶର ବିକାଶ ଅଧୁରା ରହିବ।

### ଅଗଷ୍ଟରେ ଜିଏସ୍‌ଟି ଆଦାୟ

# ୧.୧୨ ଲକ୍ଷ କୋଟି ପାର


**ନୂଆଦିଲ୍ଲୀ :** ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ଆଦାୟରେ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି ଭାରତ। ଚଳିତ ବର୍ଷ ଅଗଷ୍ଟ ମାସରେ ଜିଏସ୍‌ଟି ଆଦାୟ ୩୦ ପ୍ରତିଶତ ବୃଦ୍ଧି ପାଇ ୧.୧୨ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଯେଉଁଥିରେ ଜିଏସ୍‌ଟି ୨୦,୮୨୨ କୋଟି ଟଙ୍କା ରହିଥିବା ବେଳେ ସିଜିଏସ୍‌ଟି ୨୬,୦୬୫ କୋଟି ଟଙ୍କା ଏବଂ ଆଇଜିଏସ୍‌ଟି ୫୬,୨୪୭ କୋଟି ଟଙ୍କା ଆଦାୟ ହୋଇଛି। ସେହିଭଳି ୨୬,୮୮୪ କୋଟି ଟଙ୍କା ଜିଏସ୍‌ଟି ଇମ୍ପୋର୍ଟରୁ ଆସିଛି ଯେଉଁଥିରେ ସେସ୍ ୮୬୪୬ କୋଟି ଟଙ୍କା ରହିଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ, ଗତବର୍ଷ ତୁଳନାରେ ଚଳିତ ବର୍ଷ ଜିଏସ୍‌ଟି ରାଜସ୍ୱ ୩୦ ପ୍ରତିଶତ ବୃଦ୍ଧି ପାଇଛି। କେବଳ ଅଗଷ୍ଟ ମାସରେ ଆଦାୟ ହୋଇଥିବା ଜିଏସ୍‌ଟିରୁ ଜଣାପଡୁଛି ଯେ, ଦେଶର ଅର୍ଥ ବ୍ୟବସ୍ଥା ଦ୍ରୁତଗତିରେ ଟ୍ରାକକୁ ଫେରୁଛି। ଏହାପୂର୍ବରୁ ଜୁଲାଇ ମାସରେ ଜିଏସ୍‌ଟି ଆଦାୟ ୩୩ ପ୍ରତିଶତ ବୃଦ୍ଧି ପାଇ ୧.୧୬ ଲକ୍ଷ କୋଟି ଟଙ୍କା ହୋଇଥିଲା। ସେହିଭଳି ଜୁନ୍ ମାସରେ ୯୨,୮୪୯ କୋଟି




ଟଙ୍କା ଦ୍ରବ୍ୟ ଏବଂ ସେବା କର ଭାବେ ଆଦାୟ ହୋଇଥିଲା। ସେହିଭଳି ଜିଏସ୍‌ଟି ଦେବାରେ ବିଳମ୍ବ କରିଥିବା ଲୋକମାନଙ୍କ ପାଇଁ ବିଳମ୍ବ ଶୁଳ୍କ ଛାଡ ଯୋଜନା ଆରମ୍ଭ କରିଥିଲେ। ଏହାଦ୍ୱାରା ଜିଏସ୍‌ଟି ଶୁଳ୍କ ଆଦାୟର ଶେଷ ତାରିଖକୁ ଅଗଷ୍ଟ ୩୧ରୁ ନଭେମ୍ବର ୩୦ ଯାଏଁ ବୃଦ୍ଧି କରାଯାଇଛି। ସେହିଭଳି ପଞ୍ଜିକରଣକୁ ରଦ୍ଦ କରିବା ପାଇଁ ଆବେଦନ ଦାଖଲ କରିବାର ସମୟ ସୀମାକୁ ସେପ୍ଟେମ୍ବର ୩୦ ତାରିଖ ଯାଏଁ ବୃଦ୍ଧି କରାଯାଇଛି। ଜିଏସ୍‌ଟି ପଞ୍ଜିକରଣ ରଦ୍ଦ କରିବା ପାଇଁ ଆବେଦନର ତାରିଖ ୨୦୨୦ ମାର୍ଚ୍ଚ ୧ ରୁ ୨୦୨୧ ଅଗଷ୍ଟ ୩୧ ତାରିଖ ମଧ୍ୟରେ ଆସୁଛି।

# 'ଦେଶରେ ଏବେ ୧୯୯୧ ଭଳି ଆର୍ଥିକ ସଙ୍କଟ'

**ନୂଆଦିଲ୍ଲୀ :** ଦେଶରେ ଲଗାତାର ଭାବେ ରନ୍ଧନ ଗ୍ୟାସ ତଥା ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧିକୁ ନେଇ ମୋଦି ସରକାରଙ୍କୁ ଜୋରଦାର ଟାର୍ଗେଟ୍ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧି। ସେ କହିଛନ୍ତି, ଯେତେବେଳେ ବି କୌଣସି ଇନ୍ଧନ ଦର ବୃଦ୍ଧିକୁ ନେଇ କୁହାଯାଉଛି ସେତେବେଳେ ଗୋଟିଏ ହିଁ ଉତ୍ତର ମିଳୁଛି ଯେ, ଅନ୍ତରାଷ୍ଟ୍ରୀୟ ଦର ବୃଦ୍ଧି ଯୋଗୁଁ ଦେଶରେ ଦର ବୃଦ୍ଧି ପାଉଛି। ଏହାକୁ ନେଇ ରାହୁଲ ଗାନ୍ଧି କହିଛନ୍ତି, 'ଲୋକମାନଙ୍କୁ ଭୁଆଁ ବୁଲାଇବାକୁ ଏ ସବୁ କରାଯାଉଛି। ଏହା ସମ୍ପୂର୍ଣ୍ଣ ଭୁଲ। ଆମ ସରକାର ଥିବା ବେଳେ କ୍ରୁଡ୍ ଅଏଲ ବ୍ୟାରେଲ ପିଛା ୧୦୫ ଡଲାର ଥିଲା। ଏବଂ ବର୍ତ୍ତମାନ ଏହାର ଦର ବ୍ୟାରେଲ ପିଛା ୭୧ ଡଲାର ରହିଛି।' ରାହୁଲ କହିଛନ୍ତି, ଦେଶରେ ବର୍ତ୍ତମାନ ୧୯୯୧ ଭଳି ପରିସ୍ଥିତି ଦେଖା ଦେଇଛି। ଅର୍ଥ ବ୍ୟବସ୍ଥା ଏକ ପ୍ରମୁଖ ସମସ୍ୟା ହୋଇ ରହିଛି ତାହା ସହିତ ଢାଞ୍ଚାଗତ ସମସ୍ୟା ମଧ୍ୟ ରହିଛି। ଦେଶର ଯୁବକମାନଙ୍କୁ ଏ ବାବଦରେ ଚିନ୍ତା କରିବା ଆବଶ୍ୟକ କି ଆପଣଙ୍କ ଟଙ୍କା କାହାକୁ ଦିଆଯାଉଛି ଆଉ କିଭଳି ଦିଆଯାଉଛି। ୨୩ଲକ୍ଷ କୋଟି ଟଙ୍କା



କେଉଁଠିକୁ ଯାଉଛି। ଏହାଛଡା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟାର୍ଗେଟ କରି ରାହୁଲ କହିଛନ୍ତି, ମନିଟାଇଜେସନ ଯୋଜନାରେ ୬ ଲକ୍ଷ କୋଟି ଟଙ୍କା ଆଦାୟ କରିବା କଥା କୁହାଯାଉଛି। ଏଥିରେ ମୋଦିଙ୍କ ୪/୫ ଜଣ ପ୍ରିୟ ମନ୍ତ୍ରୀ ହିଁ ଏଥିରେ ଲାଭବାନ ହେବେ। ଦେଶରେ ମହଙ୍ଗା ମାଡ ଲୋକଙ୍କୁ ହନ୍ତସନ୍ତ କଲାଣି। ଜାଣିଶୁଣି ମିଡିଆକୁ ଦବାଇ ଦିଆଯାଇଛି। ଆମକୁ ସଂସଦରେ ମଧ୍ୟ ରୋକାଯାଉଛି ବୋଲି କହିଛନ୍ତି ରାହୁଲ। ଦେଶର ଜନସାଧାରଣ ସମସ୍ତ ପ୍ରକ୍ରିୟାରେ ନଜର ରଖିଛନ୍ତି ଏବଂ ରିଆକ୍ସନ ମଧ୍ୟ ସେମିତି ଜବରଦସ୍ତ ହେବ। ଲୋକମାନଙ୍କୁ ନେଇ ଆମେ ବିରୋଧ କରିପାରିବୁ କିନ୍ତୁ କରୋନା ମହାମାରୀ ଯୋଗୁଁ ତାହା କରିବା ସମ୍ଭବ ନୁହେଁ। ଦେଶରେ କଂଗ୍ରେସ ସରକାର ଥିବା ବେଳେ କ୍ରୁଡ୍ ଅଏଲ ଦାବ ବ୍ୟାରେଲ ପିଛା ୧୦୫ ଡଲାର ଥିଲା କିନ୍ତୁ ସେତେବେଳେ ପେଟ୍ରୋଲ ୭୧ ଟଙ୍କା ଥିଲା, ହେଲେ ଏବେ କ୍ରୁଡ୍ ଅଏଲ୍ ୭୧ ଟଙ୍କା ପ୍ରତି ବ୍ୟାରେଲ ଥିବା ବେଳେ ପେଟ୍ରୋଲ ୧୦୦ ଟଙ୍କାର ପାର କରିସାରିଛି। ରାହୁଲ ଆହୁରି ମଧ୍ୟ କହିଛନ୍ତି, ଦେଶରେ ଅର୍ଥ ବ୍ୟବସ୍ଥା ଫେଲ ମାରିଛି। ଯଦି ପ୍ରଧାନମନ୍ତ୍ରୀ ଏବଂ ଅର୍ଥ ମନ୍ତ୍ରୀଙ୍କୁ କିଛି ବୁଝାପଡୁନି ତେବେ ଆମେ ଆମ ଏକ୍ସପର୍ଟମାନଙ୍କୁ ପଠାଇବୁ ସେମାନେ ଅର୍ଥ ବ୍ୟବସ୍ଥାକୁ କିଭଳି ଆଗକୁ ବଢ଼ାଇହେବ ସେ ନେଇ ପ୍ଲାନ ଦେବେ। ଦେଶରେ ଅନେକ ବଡ ବଡ କମ୍ପାନୀ ଥିଲେ ମଧ୍ୟ କେବଳ ୫୦ କମ୍ପାନୀଙ୍କ ସେୟାର ମୂଲ୍ୟ ବଢୁଛି। ସେହି ଆଧାରରେ ସେୟାର ମାର୍କେଟ ବଢୁଛି ବୋଲି ଡିଣ୍ଡିମ୍ ପିଟାଯାଉଛି।

### ମିଡିଆ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

# ସବୁ କିଛିକୁ ସାଂପ୍ରଦାୟିକ ରଙ୍ଗ ଦିଆଯାଉଛି

**ନୂଆଦିଲ୍ଲୀ :** ଦେଶର କିଛି ଗଣମାଧ୍ୟମ ସବୁ ପ୍ରସଙ୍ଗକୁ ସାଂପ୍ରଦାୟିକ ରଙ୍ଗ ଦେଉଥିବା କଥା କହି ପ୍ରବଳ ଅସନ୍ତୋଷ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ମହାମାରୀ କରୋନାର ପ୍ରଥମ ଲହର ବେଳେ କିଛି ମିଡିଆ ଚ୍ୟାନେଲ ଦିଲ୍ଲୀରେ ଆୟୋଜିତ ତବଲିଗ ଜମାତ କାର୍ଯ୍ୟକ୍ରମକୁ ଜାଣିଶୁଣି ସାଂପ୍ରଦାୟିକତା ରଙ୍ଗ ଦେଇଥିବାରୁ ସୁପ୍ରିମକୋର୍ଟ ଏହାକୁ ନାପସନ୍ଦ କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଏନଭି ରମନ୍ନା କହିଛନ୍ତି, "ମୁଁ ଜାଣିନି କାହିଁକି ଏସବୁ ଘଟୁଛି ? ସବୁ କିଛି ପ୍ରସଙ୍ଗକୁ ସାଂପ୍ରଦାୟିକ ରଙ୍ଗ ଦିଆଯାଉଛି। ୱେବ ପୋର୍ଟାଲଗୁଡ଼ିକ କାହା ଅଧୀନରେ ନାହାନ୍ତି। ଯଦି ଆପଣମାନେ ୟୁଟ୍ୟୁବକୁ ଯିବେ, ସେଠାରେ କେତେ ପରିମାଣରେ ଫେକ୍ ଓ ଭୁଲ ତଥ୍ୟ ସମ୍ବଳିତ ଖବରମାନ ପ୍ରଚାର କରାଯାଉଛି, ସେକଥା ଦେଖିବେ। ଯେକୌଣସି ଲୋକ ନିଜ ଇଚ୍ଛା ଅନୁସାରେ ଚ୍ୟାନେଲ ଆରମ୍ଭ କରିପାରୁଛନ୍ତି। ସେମାନେ ଖବରକୁ ଭିନ୍ନଭିନ୍ନ ରଙ୍ଗ ଦେଇ ପ୍ରସାରଣ କରୁଛନ୍ତି। ୱେବ ପୋର୍ଟାଲର କାର୍ଯ୍ୟକଳାପ ଦେଖିବାକୁ କେହି ନାହାନ୍ତି। ତା'ହା ହେଉଛି ସବୁଠାରୁ ବଡ଼ ସମସ୍ୟା। ଏପରି ଘଟଣା ପୂରା ଦେଶର ଛବିକୁ ମଧ୍ୟ ଖରାପ କରୁଛି।" ପ୍ରଧାନ ବିଚାରପତି ଆହୁରି କହିଛନ୍ତି, ଫେସବୁକ, ଟ୍ୱିଟର ଓ ୟୁଟ୍ୟୁବ କାହା କଥା ଶୁଣୁ ନାହାନ୍ତି। କୌଣସି ତଥ୍ୟ ନଥାଇ ଏଗୁଡ଼ିକରେ ବିଚାରପତି ଓ ନ୍ୟାୟପାଳିକା ବିରୋଧରେ ବିଭିନ୍ନ ମନ୍ତବ୍ୟ ଦିଆଯାଉଛି। ତବଲିଗ ଜମାତ ବିରୋଧରେ ଖବର ପ୍ରସାରଣ କରି କିଛି ଗଣମାଧ୍ୟମ ଅଭଦ୍ର ଭାଷା ପ୍ରୟୋଗ କରିଥିଲେ। ଏହା ବିରୋଧରେ ଏକାଧିକ ଆବେଦନ ସୁପ୍ରିମକୋର୍ଟରେ ହୋଇଥିଲା। ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହାର ଶୁଣାଣି



କରି ଆଜି ଏପରି ମତ ଦେଇଛନ୍ତି। ମିଡିଆର କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଗଠନ ହେବାକୁଥିବା ରେଗୁଲେଟୋରୀ କମିଶନ କୁଆଡ଼େ ଗଲା ବୋଲି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି, ପ୍ରେସ ସ୍ୱାଧୀନତା ଓ ସୂଚନା ଜାଣିବା ପାଇଁ ଲୋକଙ୍କ ଅଧିକାର ମଧ୍ୟରେ ବାଲାନ୍ସ ରଖାଯାଉଛି। କୌଣସି ଅତିରଞ୍ଜିତ କିମ୍ବା ଭୁଲ ତଥ୍ୟ ଯେମିତି ପ୍ରସାରଣ ନ ହେବ, ତା' ଉପରେ ଗୁରୁତ୍ୱ ଦେଉଛୁ। ୱେବ ପୋର୍ଟାଲ ଓ ବ୍ରଡକାଷ୍ଟର୍ସଙ୍କ ପାଇଁ ନିୟମ ପ୍ରଣୟନ କରାଯାଇଛି।" ଏଥିସହ ବିଭିନ୍ନ ହାଇକୋର୍ଟରେ ରୁଜୁ ହୋଇଥିବା ଆଇଟି ନିୟମ ସଂକ୍ରାନ୍ତ ଆବେଦନଗୁଡ଼ିକୁ ସୁପ୍ରିମକୋର୍ଟଙ୍କୁ ବଦଳି କରିବାକୁ ମଧ୍ୟ କେନ୍ଦ୍ର ସରକାର କହିଛନ୍ତି।

# ଆଉ ଏକ ଭାଇରସକୁ ନେଇ ଋଷର ଚେତାବନୀ

**ନୂଆଦିଲ୍ଲୀ :** କରୋନା ଭାଇରସ ମହାମାରୀ ମଧ୍ୟରେ ଆଉ ଏକ ନୂଆ ମହାମାରୀକୁ ନେଇ ବିପଦ ସୃଷ୍ଟି ହୋଇଛି। ଋଷ ୱେଷ୍ଟ ନାଇଲ୍ ସଂକ୍ରମଣରେ ସମ୍ଭାବ୍ୟ ବୃଦ୍ଧିକୁ ନେଇ ଚେତାବନୀ ଜାରି କରିଛି। କାରଣ କମ ତାପମାନ ଓ ଭୀଷଣ ବର୍ଷା ଏହି ଭାଇରସ ବିସ୍ତାର କରୁଥିବା ମଶାଙ୍କ



ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବେ। ୱେଷ୍ଟ ନାଇଲ୍ ଭାଇରସ ମୁଖ୍ୟତଃ ଆଫ୍ରିକାର ଭାଇରସ। ଏବେ ଏସିଆ, ୟୁରୋପ ଓ ଉତ୍ତର ଆମେରିକାରେ ବ୍ୟାପିଛି। ଏହା ମୁଖ୍ୟତଃ ମଶା କାମୁଡ଼ିଲେ ବ୍ୟାପିଥାଏ। ଏହି ମଶା କାମୁଡ଼ିଲେ ଘାତକ ସ୍ନାୟୁଗତ ରୋଗ ହେବାର ସମ୍ଭାବନା ଥାଏ। ୱେଷ୍ଟ ନାଇଲ ଜ୍ୱରର ୮୦% ରୁ ଅଧିକ ମାମଲା ଋଷର ଦକ୍ଷିଣ-ପଶ୍ଚିମ କ୍ଷେତ୍ରରେ ରେକର୍ଡ କରାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ମନୁଷ୍ୟଙ୍କ ପାଇଁ ଏହି ଭାଇରସ ବିରୋଧରେ କୌଣସି ଟୀକା ଉପଲବ୍ଧ ନାହିଁ। ତେବେ ଘୋଡାଙ୍କ ପାଇଁ ଏହି ଭାଇରସର ଗୋଟିଏ ଟୀକା ଉପଲବ୍ଧ। ୱେଷ୍ଟ ନାଇଲ୍ ଭାଇରସ ଏକ ସଂକ୍ରାମକ ରୋଗ ଯାହା ମଶା ଦ୍ୱାରା ବ୍ୟାପିଥାଏ। ଏକ ସଂକ୍ରମିତ କ୍ୟୁଲେକ୍ସ ମଶା କାମୁଡ଼ିବାରୁ ପକ୍ଷୀ ଓ ମନୁଷ୍ୟ ମଧ୍ୟରେ ବ୍ୟାପିଥାଏ। ମନୁଷ୍ୟଙ୍କ ମଧ୍ୟରେ ଘାତକ ସ୍ନାୟୁଗତ ରୋଗ ସୃଷ୍ଟି କରିଥାଏ। ଏହି ଭାଇରସ ଡେଙ୍ଗୁ, ଜିକା ଓ ଜଣ୍ଡିସ ସହ ସମ୍ବନ୍ଧିତ। ୱେଷ୍ଟ ନାଇଲ ଭାଇରସ ସଂକ୍ରମିତ ଲୋକଙ୍କ ମଧ୍ୟରେ ସାଧାରଣତଃ କୌଣସି ଲକ୍ଷଣ ଦେଖାଦେଇନଥାଏ। ଏହି ଭାଇରସରେ ସଂକ୍ରମିତ ହେଲେ ସାମାନ୍ୟ ଲକ୍ଷଣ ଦେଖାଦେଇଥାଏ। ମୁଣ୍ଡବିନ୍ଧା, ଜ୍ୱର, ତ୍ୱଚାରେ ନାଲି ଦାଗ ପଡିଯିବା, ଶରୀର ପୀଡା ଆଦି ଲକ୍ଷଣ ଦେଖାଦେଇଥାଏ। ଏହି ଲକ୍ଷଣ ଆପେ ଆପେ ସମାପ୍ତ ହୋଇଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଏହି ଭାଇରସ ପ୍ରଥମେ ୧୯୩୭ ମସିହାରେ ଉଗାଣ୍ଡାର ୱେଷ୍ଟ ନାଇଲ ଜିଲ୍ଲାରେ ଜଣେ ମହିଳାଙ୍କ ମଧ୍ୟରେ ଚିହ୍ନଟ ହୋଇଥିଲା। ୧୯୫୩ରେ ନିଲ ଡେଲଟା ଅଞ୍ଚଳରେ କାଉ ଓ ପାରା ମଧ୍ୟରେ ଏହା ଚିହ୍ନଟ ହୋଇଥିଲା।



### ହୀରାକୁଦ ଜଳଭଣ୍ଡାର ବିସ୍ଥାପନ ମାମଲା

# ଦୁଇ ରାଜ୍ୟ କରନ୍ତୁ ଆପୋଷ ସମାଧାନ

**ନୂଆଦିଲ୍ଲୀ :** ହୀରାକୁଦ ଜଳଭଣ୍ଡାର ବିସ୍ଥାପନ ପ୍ରସଙ୍ଗରେ ଓଡ଼ିଶା ଓ ଛତିଶଗଡ଼ ଠାରୁ 'ଜାତୀୟ ମାନବ ଅଧିକାର ଆୟୋଗ'(ଏନ୍‌ଏଚ୍‌ଆରସି) ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ କରିଛନ୍ତି । ଏଥିସହିତ 'ଏନ୍‌ଏଚ୍‌ଆରସି' ବିସ୍ଥାପନ ମାମଲାର ସଦ୍ୟତମ ରିପୋର୍ଟ ଦାଖଲ କରିବା ପାଇଁ ଦୁଇ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ରାପୋଟିୟର୍ ବି. ବି. ମିଶ୍ରଙ୍କୁ ବିସ୍ଥାପନ ପ୍ରସଙ୍ଗରେ ପ୍ରଭାବିତ ଅଞ୍ଚଳର ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରିବା ସହିତ ତଦନ୍ତ ଶେଷ କରି ଚୂଡ଼ାନ୍ତ ରିପୋର୍ଟ ଆଠ ସପ୍ତାହ ମଧ୍ୟରେ ଦାଖଲ କରିବା ପାଇଁ ସମୟସୀମା ଧାର୍ଯ୍ୟ କରିଛନ୍ତି। ବିଶ୍ୱର ଅନ୍ୟତମ ଉତ୍କୃଷ୍ଟ ଜଳଭଣ୍ଡାର 'ହୀରାକୁଦ ଜଳଭଣ୍ଡାର ପ୍ରକଳ୍ପ' ଯୋଗୁଁ ବ୍ୟାପକ ମାତ୍ରାରେ ବିସ୍ଥାପନ କରାଯାଇଥିବା ତଥା ୨୬୦୦୦ ବିସ୍ଥାପିତ ପରିବାରଙ୍କ ଥଇଥାନ ଓ ପୁନର୍ବାସ ପାଇଁ ଦୁଇ ରାଜ୍ୟ ସରକାର ବିଫଳ ହୋଇଥିବା ଦର୍ଶାଇ ସୁପ୍ରିମ୍ କୋର୍ଟର ଆଇନଜୀବୀ ତଥା ମାନବ ଅଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀ ଦାଖଲ ପିଟିସନ୍ ଆଧାରରେ 'ଜାତୀୟ ମାନବ ଅଧିକାର ଆୟୋଗ' ଦୁଇ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କଠାରୁ ରିପୋର୍ଟ ମାଗିଛନ୍ତି। ଉପଯୁକ୍ତ କ୍ଷତିପୂରଣ ତଥା ପୁନର୍ବାସ ବ୍ୟବସ୍ଥା କରା ନ ଯାଇ ହୀରାକୁଦ ଜଳଭଣ୍ଡାର ପ୍ରକଳ୍ପ ପାଇଁ ୨୬୦୦୦ ଲୋକଙ୍କୁ ବିସ୍ଥାପନ କରାଯାଇଥିବା କଥା ପିଟିସନ୍‌ରେ ତ୍ରିପାଠୀ ଅଭିଯୋଗ କରିଛନ୍ତି। ପ୍ରକଳ୍ପର କାର୍ଯ୍ୟକାରିତା ଯୋଗୁଁ ୧୨୩,୦୦୦ ଏକର ଜମିରେ ଥିବା ପ୍ରାୟ ୩୬୦ଟି ଗାଆଁ ଜଳମଗ୍ନ ହେବା ଯୋଗୁଁ ୧ ଲକ୍ଷରୁ ଅଧିକ ଲୋକ ବିସ୍ଥାପିତ ହୋଇଥିବା କଥା ମଧ୍ୟ ତ୍ରିପାଠୀ ପିଟିସନ୍‌ରେ ଉଲ୍ଲେଖ କରିଛନ୍ତି। ୭୦ ବର୍ଷ ବିତି ଯାଇଥିଲେ ମଧ୍ୟ ବିସ୍ଥାପିତଙ୍କୁ ନ୍ୟାୟ ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି । ରାଜ୍ୟ ସରକାରଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଦୁଇ ରାଜ୍ୟର ବିସ୍ଥାପିତ ପରିବାର ଏବେ ବି ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା କଥା ସେ କହିଛନ୍ତି।

# ସେପ୍ଟେମ୍ବରରେ ସ୍ୱାଭାବିକ ବର୍ଷା

### ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷିବ, ଉପକୂଳ ଓ ଦକ୍ଷିଣରେ କମିବ



**ଭୁବନେଶ୍ୱର :** ସେପ୍ଟେମ୍ବର ମାସରେ ଓଡ଼ିଶାରେ ସ୍ୱାଭାବିକ ବର୍ଷା ରହିବ। ତେବେ ଉତ୍ତର, ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାର କେତେକ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ମୟୂରଭଞ୍ଜ ଓ ସମ୍ବଲପୁର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ତେବେ ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ସେଭଳି ବର୍ଷା ହେବ ନାହିଁ। କଟକ, ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ଗଜପତି, କନ୍ଧମାଳ, ନୟାଗଡ଼, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ବଲାଙ୍ଗୀର ଓ କୋରାପୁଟ ଜିଲ୍ଲାରେ ସ୍ୱାଭାବିକଠାରୁ ୪୦% ପର୍ଯ୍ୟନ୍ତ ନିଅଣ୍ଟିଆ ବର୍ଷା ହୋଇପାରେ। କିନ୍ତୁ କେ?ଣସି ଜିଲ୍ଲାରେ ଅତି ନିଅଣ୍ଟିଆ ବର୍ଷା ହେବ ନାହିଁ ବୋଲି ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ଚଳିତବର୍ଷ ମୌସୁମୀ ସମୟରେ ଏପର୍ଯ୍ୟନ୍ତ ସ୍ୱାଭାବିକଠାରୁ ୨୯% ନିଅଣ୍ଟିଆ ବର୍ଷା ହୋଇଛି। ଜୁନ୍ ୧ରୁ ଅଗଷ୍ଟ ୩୧ ମଧ୍ୟରେ ସ୍ୱାଭାବିକ ଭାବେ ୯୩୫.୮ ମିମି ବର୍ଷା ହେବା କଥା। ମାତ୍ର ଚଳିତବର୍ଷ ୬୬୧.୧ ମିମି ହୋଇଛି। ୧୨୦ ବର୍ଷ ମଧ୍ୟରେ ୬ଷ୍ଠ ଥର ପାଇଁ ଏଭଳି ପରିସ୍ଥିତି ଉପୁଜିଛି। ପୂର୍ବରୁ ୧୯୨୪ରେ ୬୩୬.୨ ମିମି, ୧୯୫୪ରେ ୬୪୬.୮ ମିମି, ୧୯୭୪ରେ ୬୪୧.୪, ୧୯୮୭ରେ ୬୪୧.୪ ଓ ୧୯୯୮ରେ ୬୫୭.୫ ମିମି ବର୍ଷା ହୋଇଥିଲା। ଅଗଷ୍ଟ ମାସରେ ସ୍ୱାଭାବିକ ଭାବେ ୩୬୬.୪ ମିମି ବର୍ଷା ହେବାକୁ ଥିବା ବେଳେ ଏଥର ମାତ୍ର ୨୦୪.୯ ମିମି ହୋଇଛି। ଅର୍ଥାତ୍ ୪୪ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି। ପୂର୍ବରୁ ୧୯୬୫ ଅଗଷ୍ଟରେ ୧୮୭.୩ ମିମି, ୧୯୮୭ରେ ୧୯୦.୩ ମିମି, ୧୯୯୮ରେ ୨୦୩.୫ ମିମି ବର୍ଷା ହୋଇଥିଲା। ମେ?ସୁମୀ ସମୟ ଅବଧିରେ ମାତ୍ର ୬ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଛି। ଯାଜପୁରରେ ସବୁଠାରୁ ଅଧିକ ୫୪% ନିଅଣ୍ଟିଆ ହୋଇଥିବା ବେଳେ ଭଦ୍ରକରେ ୪୮%, ବଲାଙ୍ଗୀରରେ ୪୫% ଓ ଅନୁଗୁଳ ଜିଲ୍ଲାରେ ୪୦% ନିଅଣ୍ଟିଆ ରହିଛି। ଅଗଷ୍ଟ ମାସରେ ମାତ୍ର ୪ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଛି। ୮ଟି ଜିଲ୍ଲା ଯଥା ବୌଦ୍ଧ(୭୫%), ସମ୍ବଲପୁର ଓ ସୋନପୁର(୬୮%), ଅନୁଗୁଳ ଓ ବଲାଙ୍ଗୀର(୬୩%), କନ୍ଧମାଳ(୬୨%), ବରଗଡ଼ ଓ ଯାଜପୁର(୬୧%)ରେ ଅଧିକ ନିଆଣ୍ଟିଆ ହୋଇଛି।

## ସବୁ ବିଷୟରେ ହେବନି +୨ ପରୀକ୍ଷା

**ଭୁବନେଶ୍ୱର :** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ରେଜଲ୍ଟକୁ ନେଇ ଅସନ୍ତୁଷ୍ଟ ପରୀକ୍ଷାର୍ଥୀଙ୍କ ପାଇଁ ଅଫ୍‌ଲାଇନ୍ ପରୀକ୍ଷା କରାଯିବ। ତାରିଖ ଧାର୍ଯ୍ୟ ହୋଇ ନ ଥିଲେ ମଧ୍ୟ ସେପ୍ଟେମ୍ବର ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ପରୀକ୍ଷା କରାଯିବ। ତେବେ ପରୀକ୍ଷା ପାଇଁ ଚଳିତ ସପ୍ତାହଠାରୁ ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ ଆରମ୍ଭ ହେବ। ଏଥିପାଇଁ କଲେଜଗୁଡ଼ିକୁ ଏକ ଲିଙ୍କ୍ ପ୍ରଦାନ କରାଯିବ। ଯାହା ମାଧ୍ୟମରେ ଛାତ୍ରଛାତ୍ରୀ ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣ ଶେଷ ହେବା ପରେ ପରୀକ୍ଷାର୍ଥୀଙ୍କ ସଂଖ୍ୟାକୁ ଦେଖି ପରୀକ୍ଷା ସୂଚୀ ଓ କେନ୍ଦ୍ର ଧାର୍ଯ୍ୟ ହେବ। ସମସ୍ତ ବିଷୟର ପରୀକ୍ଷା ହେବନି। ଯୁକ୍ତ୨ରେ ମୋଟ ୧୩୨ଟି ବିଷୟ ଥିବାରୁ ସବୁ ବିଷୟରେ ପରୀକ୍ଷା କଲେ ଅଧିକ ସମୟ ଲାଗିବ। ତେଣୁ ଆବେଦନ ସଂଖ୍ୟାକୁ ଦୃଷ୍ଟିରେ ରଖି କିଭଳି ଓ କେଉଁ ପ୍ରମୁଖ ବିଷୟରେ ପରୀକ୍ଷା କରାଯିବ ସେନେଇ ନିଷ୍ପତ୍ତି ନିଆଯିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ସାହୁ କହିଛନ୍ତି ଯେ ପଞ୍ଜୀକରଣ ଲାଗି ଖୁବ୍‌ଶୀଘ୍ର କଲେଜଗୁଡ଼ିକୁ ଲିଙ୍କ୍ ପଠାଯିବ। ଯେଉଁ ପରୀକ୍ଷାର୍ଥୀ ଅଫ୍‌ଲାଇନ୍ ପରୀକ୍ଷା ଦେବା ଲାଗି ଇଚ୍ଛୁକ ଥିବେ ସେମାନେ ପଞ୍ଜୀକରଣ କରିପାରିବେ। ଏଥିପାଇଁ କୌଣସି ଫି' ଦେବାକୁ ପଡ଼ିବ ନାହିଁ। ପଞ୍ଜୀକରଣ ପାଇଁ ପରୀକ୍ଷାର୍ଥୀଙ୍କୁ ବହୁତ କମ୍ ସମୟ ଦିଆଯିବ ଏବଂ ସେମାନେ କଲେଜକୁ ଯାଇ ହିଁ ପଞ୍ଜୀକରଣ କରିବେ। ଥରେ ପଞ୍ଜୀକରଣ କରିବା ପରେ ପରୀକ୍ଷାର୍ଥୀଙ୍କୁ ବିକଳ୍ପ ମୂଲ୍ୟାୟନ ପଦ୍ଧତିରେ ମିଳିଥିବା ମାର୍କକୁ ଗଣନା କରାଯିବ ନାହିଁ। ଅଫ୍‌ଲାଇନ୍ ପରୀକ୍ଷାରେ ଯେଉଁ ମାର୍କ ରଖିବେ ତାହାକୁ ହିଁ ଚୂଡ଼ାନ୍ତ ମାର୍କ ଧରାଯିବ।

## ହରିଶଙ୍କର ଓ ନୃସିଂହନାଥର ହେବ ନବକଳେବର



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ବଲାଙ୍ଗିର ଜିଲାର ପ୍ରସିଦ୍ଧ ଶୈବପୀଠ ଓ ବରଗଡ ଜିଲାର ନୃସିଂହନାଥ ମନ୍ଦିରର ପାରିପାର୍ଶ୍ୱିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଲୋଚନା ହୋଇ ଯାଇଛି। ଉନ୍ନୟନ କାମ ୨୦୨୨ ଡିସେମ୍ବର ମଧ୍ୟରେ ଶେଷ କରିବାକୁ ସ୍ଥିର ହୋଇଛି। ଉଭୟ ପର୍ଯ୍ୟଟନ ସ୍ଥଳରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସାଂସ୍କୃତିକ ତଥା ଧାର୍ମିକ ଦୃଷ୍ଟିକୋଣରୁ ବିକାଶ କରାଯିବାକୁ ନିଷ୍ପତ୍ତି ହୋଇଛି। ଜୈବ ବିବିଧତାକୁ ମଧ୍ୟ ସମାନୁପାତ ଭାବେ ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଛି। ବିକ୍ରୟ କେନ୍ଦ୍ର, ପାର୍କିଂ, ପର୍ଯ୍ୟଟକଙ୍କ ସୁବିଧା, ବନଔଷଧି କେନ୍ଦ୍ର, ଶିଶୁ ଉଦ୍ୟାନ, ବଣଭୋଜି ସ୍ଥଳ, ଧର୍ମଶାଳା, ଭୋଗ ମଣ୍ଡପ ଭଳି ବିଭିନ୍ନ କ୍ଷେତ୍ରର ବିକାଶ ନେଇ ବୈଠକରେ ଆଲୋଚନା ହୋଇଥିଲା। ଟ୍ରାକିଂ ପାଇଁ ୧୮ କିଲୋମିଟର ଗନ୍ଧମାର୍ଦ୍ଦନ ପର୍ବତକୁ ବିଶେଷ ଦୃଷ୍ଟି ଦିଆଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଓଡିଶା ପର୍ଯ୍ୟଟନ ନିଗମର ଅଧକ୍ଷା ଶ୍ରୀମୟୀ ମିଶ୍ର, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଉନ୍ନୟନ କମିଶନର ପି.କେ.ଜେନା, ଏସିଏସ୍ ବନ ବିଭାଗ ମୋନା ଶର୍ମା ତଥା ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ହରିଶଙ୍କର-ନୃସିଂହନାଥ ପର୍ଯ୍ୟଟନ ସ୍ଥଳର ବିକାଶ ପାଇଁ ତୃତୀୟ ଥର ପାଇଁ ବୈଠକ ଅନୁଷ୍ଠିତ ହୋଇ ଯାଇଛି।

## 'ଡିସେମ୍ବର ସୁଦ୍ଧା ସରିବ ଟିକାକରଣ'




**ଭୁବନେଶ୍ୱର :** ଆଗାମୀ ଡିସେମ୍ବର ମାସ ଶେଷ ସୁଦ୍ଧା ଟିକାକରଣ ସରିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଯଦି ଟିକା ଆସିବାରେ କୌଣସି ସମସ୍ୟା ନ ହୁଏ ୪ ମାସ ମଧ୍ୟରେ ଟିକାକରଣ ଶେଷ ହେବ। ରାଜ୍ୟରେ ଏବେ ଟିକାକରଣ ଜାରି ରହିଛି। ବର୍ତ୍ତମାନ ଟିକାରେ କିଛି ସମସ୍ୟା ନାହିଁ। ବର୍ତ୍ତମାନ ସୁଦ୍ଧା ୨ କୋଟି ୨୦ ଲକ୍ଷ ଡୋଜ ଟିକା ଦିଆସାରିଛି। ପ୍ରଥମ ଡୋଜ ୧ କୋଟି ୬୬ ଲକ୍ଷ ଓ ଦ୍ୱିତୀୟ ଡୋଜ ୫୩ ଲକ୍ଷ ଲୋକ ନେଇ ସାରିଛନ୍ତି। ମୋଟ ୫୪ % ଲୋକଙ୍କୁ ପ୍ରଥମ ଡୋଜ ଦିଆଯାଇଛି। ଏବେ ୨୮ ଲକ୍ଷ ୫୪ କୋଭିସିଲଡ ଓ ୪ ଲକ୍ଷ ୫୪ ହଜାର ଟିକା କୋଭାକ୍ସିନ ଟିକା ମହଜୁଦ ରହିଛି। ଯେଉଁମାନଙ୍କର ଦ୍ୱିତୀୟ ଡୋଜ ଟିକା ନେବାର ଅଛି ପ୍ରାଥମିକତା ଭିତ୍ତିରେ ସେମାନଙ୍କୁ ଟିକା ଦେବା ପାଇଁ ଜିଲ୍ଲାକୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷକ ଓ ଦ୍ୱିତୀୟ ଡୋଜ ଲୋକଙ୍କୁ ପ୍ରାଧାନ୍ୟ ଦିଆଯାଉଛି। କେତେ ଶିକ୍ଷକ ଟିକା ନେବେ ଜିଲ୍ଲାକୁ ତଥ୍ୟ ମଗାଯାଇଛି। ସେପ୍ଟେମ୍ବର ୫ ତାରିଖ ସୁଦ୍ଧା ଶିକ୍ଷକଙ୍କ ଟିକାକରଣ ଶେଷ ହେବ। କେବଳ ଶିକ୍ଷକଙ୍କୁ ଟିକା ଦେବା ପାଇଁ କିଛି ସ୍ୱତନ୍ତ୍ର କେନ୍ଦ୍ର କରାଯାଇଛି। ୧ ଲକ୍ଷ ଗର୍ଭବତୀ ମହିଳାଙ୍କର ଟିକାକରଣ କରାଯାଇଛି। ପ୍ରଥମ ଲହରରେ ୮ ପ୍ରତିଶତ ଶିଶୁ ସଂକ୍ରମିତ ହୋଇଥିଲେ। ଦ୍ୱିତୀୟ ଲହରରେ ଜୁଲାଇ ସୁଦ୍ଧା ୧୦ ପ୍ରତିଶତ ଶିଶୁ ସଂକ୍ରମିତ ହୋଇଥିଲେ। ନୂଆ ଭ୍ୟାରିଆଣ୍ଟ ସି ୧.୨ ନେଇ ସବିଶେଷ ତଥ୍ୟ ନାହିଁ। ଭାରତରେ ସେ ଭ୍ୟାରିଆଣ୍ଟ ଚିହ୍ନଟ ହୋଇନି। ଭ୍ୟାକ୍ସିନକୁ ବ୍ରେକ କରି ସଂକ୍ରମଣ କରିବ ବୋଲି କୁହାଯାଉଛି। ଆଣ୍ଟିବଡିକୁ ନଷ୍ଟ କରି ସଂକ୍ରମଣ କରୁଥିବା କୁହାଯାଉଛି। କିନ୍ତୁ ସେହି ଭ୍ୟାରିଆଣ୍ଟ ବର୍ତ୍ତମାନ ସୁଦ୍ଧା ଆମ ଦେଶରେ ଚିହ୍ନଟ ହୋଇନି। ପ୍ରଥମ ଲହରରେ ୮ ପ୍ରତିଶତ ଶିଶୁ ସଂକ୍ରମିତ ହୋଇଥିଲେ। ଦ୍ୱିତୀୟ ଲହରେରେ ଜୁଲାଇ ସୁଦ୍ଧା ୧୦ ପ୍ରତିଶତ ଶିଶୁ ସଂକ୍ରମିତ ହୋଇଥିଲେ। ଅଗଷ୍ଟ ଶେଷ ଆଡ଼କୁ ବଢ଼ିଛି। ସମସ୍ତେ ଆକଳନ କରୁଛନ୍ତି ସଂକ୍ରମଣ ବଢ଼ିପାରେ। ସମ୍ଭାଳିବାକୁ ସରକାର ପ୍ରସ୍ତୁତ। ୮୦-୮୫ ପ୍ରତିଶତ ଲକ୍ଷଣବିହୀନ ଓ ସ୍ୱଳ୍ପ ଲକ୍ଷଣ, ମାତ୍ର ୫ ପ୍ରତିଶତ ସଂକ୍ରମିତ ଶିଶୁଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାକୁ ପଡ଼ିପାରେ।

# ପଞ୍ଚାୟତ, ପୌର ସଂଶୋଧନ ଆଇନକୁ ଓଡ଼ିଶା କ୍ୟାବିନେଟ୍‌ର ମଞ୍ଜୁରି

**ଭୁବନେଶ୍ୱର :** ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ବାଟ ଫିଟିଛି। ଦୁଇଟି ଯାକ ନିର୍ବାଚନରେ ସଂରକ୍ଷଣ ସୀମା ୫୦% ଭିତରେ ସୀମିତ ରହିବ। ଏ ସଂକ୍ରାନ୍ତରେ ପ୍ରଚଳିତ ତିନିଟି ପଞ୍ଚାୟତ ଓ ଦୁଇଟି ପୌର ଆଇନରେ ଆବଶ୍ୟକ ସଂଶୋଧନ କରାଯିବ। ଏହି ସଂଶୋଧନ ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି। ଏହା ସହ ବହୁ ଦିନ ଧରି ସଂରକ୍ଷଣ ପ୍ରସଙ୍ଗକୁ ନେଇ ଚାଲିଥିବା ଚର୍ଚ୍ଚା, ବିବାଦର ଅବସାନ ଘଟିଛି। ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣ ସୀମା ୫୦% ଭିତରେ ରହିବା ନେଇ ପଞ୍ଚାୟତିରାଜ ମନ୍ତ୍ରୀ ପୂର୍ବରୁ ସ୍ପଷ୍ଟ କରିଥିଲେ। ଏଥିପାଇଁ ପ୍ରଚଳିତ ଆଇନରେ ଆବଶ୍ୟକ ସଂଶୋଧନ ପ୍ରସ୍ତାବ ଚଳିତ ବିଧାନସଭା ଅଧିବେଶନରେ ଆସିବ ବୋଲି ସେ ସୂଚନା ଦେଇଥିଲେ। କିନ୍ତୁ ସରକାର ପୌର ଆଇନର ସଂଶୋଧନ ପ୍ରସ୍ତାବକୁ ତାହା ସହ ଯୋଡ଼ି କ୍ୟାବିନେଟରେ ଗୃହୀତ କରାଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ଏପରିକି ମନ୍ତ୍ରୀମାନେ ମଧ୍ୟ ଏ ସମ୍ପର୍କରେ ଆଗୁଆ ସୂଚନା ପାଇପାରି ନ ଥିଲେ। ବୁଧବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ୍ ପ୍ଲାଟ୍‌ଫର୍ମରେ କ୍ୟାବିନେଟ୍ ବୈଠକ ହୋଇଥିଲେ। ଏଥିରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଥିବା ୩ଟି ଆଇନ୍ ଓ ପୌର ନିର୍ବାଚନ ପାଇଁ ଥିବା ୨ଟି ଆଇନ୍‌ରେ ସଂଶୋଧନ ପ୍ରସ୍ତାବ ଅଣାଯାଇଥିଲା। ତିନିଟି ପଞ୍ଚାୟତ ଆଇନ ହେଲା ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ-୧୯୬୪, ଓଡ଼ିଶା ପଞ୍ଚାୟତ ସମିତି ଆଇନ-୧୯୯୯ ଓ ଓଡ଼ିଶା ଜିଲ୍ଲା ପରିଷଦ ଆଇନ-୧୯୯୧। ଦୁଇଟି ପୌର ଆଇନ ହେଲା ଓଡ଼ିଶା ମ୍ୟୁନିସିପାଲ୍ ଆଇନ-୧୯୫୦ ଓ ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ୍ ଆଇନ-୨୦୦୩। ପୂର୍ବରୁ ଏହି ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ସଂରକ୍ଷଣ ୬୫%ରୁ ଅଧିକ ହୋଇଯାଉଥିଲା। ଅନୁସୂଚିତ ଜାତିକୁ ୧୬.୨୫%, ଅନୁସୂଚିତ ଜନଜାତିକୁ ୨୨.୫% ଓ ଓବିସିକୁ ୨୭% ସଂରକ୍ଷଣ ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ହାଇକୋର୍ଟ ଏ ସଂକ୍ରାନ୍ତୀୟ ଏକ ମାମଲାର ବିଚାର କରି ସଂରକ୍ଷଣ ସୀମାକୁ ୫୦% ଭିତରେ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟ କାଏମ୍ ରଖିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଆଇନରେ ସଂଶୋଧନ ଆବଶ୍ୟକ ଥିଲା। ତେଣୁ ପାଞ୍ଚଟି ଯାକ ଆଇନରେ ସଂଶୋଧନ କରାଯାଇ ସଂରକ୍ଷଣ ସୀମା ୫୦% ଭିତରେ ରଖିବାର ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଆଜିର କ୍ୟାବିନେଟ୍‌ରେ କେବଳ ଏହି ପ୍ରସ୍ତାବ ହିଁ ଗୃହୀତ ହୋଇଥିଲା। ତେଣୁ ଉଭୟ ପଞ୍ଚାୟତ ଓ ପୌର ନିର୍ବାଚନରେ ଓବିସି ସଂରକ୍ଷଣ ୧୧%କୁ ଖସିବା ଏକ ପ୍ରକାର ସ୍ପଷ୍ଟ ହୋଇଛି। ବର୍ତ୍ତମାନ ବିଧାନସଭା ଅଧିବେଶନ ଚାଲୁଥିବାରୁ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ବିଧିବଦ୍ଧ ସୂଚନା ଦିଆଯାଇ ନାହିଁ। ବିଧାନସଭାର ଚଳିତ ଅଧିବେଶନରେ ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣ ନେଇ ଆଇନରେ ଆବଶ୍ୟକ ସଂଶୋଧନ ପ୍ରସ୍ତାବ ଆଣିବା ନିଶ୍ଚିତ ହୋଇଛି। କିନ୍ତୁ ପୌର ନିର୍ବାଚନ ସଂରକ୍ଷଣ ନେଇ ଆଇନରେ ସଂଶୋଧନ ପ୍ରସ୍ତାବ ଚଳିତ ଅଧିବେଶନରେ ଆସିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ୫୦% ସଂରକ୍ଷଣ ସୀମାକୁ ନେଇ ସରକାର ଅଡୁଆରେ ପଡ଼ିଥିବାରୁ ପେ?ର ନିର୍ବାଚନ ପାଖାପାଖି ୩ ବର୍ଷ ହେଲା ବିଳମ୍ବ ହୋଇଚାଲିଛି। ସମାନ କାରଣ ପାଇଁ ପଞ୍ଚାୟତ ନିର୍ବାଚନ ମଧ୍ୟ ବିଳମ୍ବ ହେବାର ଆଶଙ୍କା ଦେଖାଦେଇଥିଲା। ରାଜ୍ୟ ଜନସଂଖ୍ୟାର ସିଂହଭାଗ ଓବିସି ହୋଇଥିବାରୁ ସେମାନଙ୍କ ପାଇଁ ସଂରକ୍ଷିତ ଆସନ କିପରି କମାଇବେ, ତାହାକୁ ନେଇ ସମସ୍ୟା ସୃଷ୍ଟି ହୋଇଥିଲା। ଏହାକୁ ନଜରରେ ରଖି ରାଜନୈତିକ ନିଷ୍ପତ୍ତି ନେଇ ଓବିସି କାର୍ଡ ଖେଳିଥିଲା ଶାସକ ବିଜେଡି। ପଞ୍ଚାୟତ ନିର୍ବାଚନରେ ୨୭% ଓବିସିଙ୍କୁ ଦଳୀୟ ଟିକେଟ୍ ଦିଆଯିବ ବୋଲି ଦଳ ପକ୍ଷରୁ ଘୋଷଣା କରାଯାଇଥିଲା। ଓବିସି ବର୍ଗଙ୍କୁ ଏହି ପ୍ରକ୍ରିୟାରେ ସନ୍ତୁଷ୍ଟ କରିବାକୁ ଦଳ ପକ୍ଷରୁ ଉଦ୍ୟମ ହୋଇଥିଲା। ଏହାପରେ ପଞ୍ଚାୟତ ଆଇନରେ ଆବଶ୍ୟକ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ପୌର ନିର୍ବାଚନରେ ସଂରକ୍ଷଣ ପାଇଁ ବିଜେଡି ପକ୍ଷରୁ କୌଣସି ରାଜନୈତିକ ଘୋଷଣା କରାଯାଇ ନାହିଁ। ସରକାର ପଞ୍ଚାୟତ ନିର୍ବାଚନ ପାଇଁ ଅଣ୍ଟା ଭିଡୁଥିଲା ବେଳେ ପୌର ନିର୍ବାଚନକୁ କାହିଁକି ଡରୁଛନ୍ତି ବୋଲି ବିରୋଧୀ ବାରମ୍ବାର ସମାଲୋଚନା କରି ଚାଲିଛନ୍ତି। ଏପରିକି ବିଧାନସଭାରେ ପଞ୍ଚାୟତ ଆଇନରେ ସଂଶୋଧନ ପ୍ରସ୍ତାବ ଆଗତ ହେଲେ ପୌର ନିର୍ବାଚନ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିବାକୁ ବିରୋଧୀ ଯୋଜନା କରିଥିଲେ। ଏହାକୁ ନଜରରେ ରଖି କ୍ୟାବିନେଟ୍‌ରେ ପ୍ରସ୍ତାବ ଗୃହୀତ କରାଇ ବିରୋଧୀଙ୍କ ସ୍ୱର ଦବାଇଦେବାକୁ ସରକାର ଯୋଜନା କରିଥିବା ଜଣାପଡ଼ିଛି।

## ମରୁଡ଼ି ମନୁଷ୍ୟକୃତ ନୁହେଁ : କୃଷିମନ୍ତ୍ରୀ




**ଭୁବନେଶ୍ୱର :** ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବା ପରେ ବିରୋଧୀଙ୍କ ପକ୍ଷରୁ ଅଣା ଯାଇଥିବା ମୁଲତବି ପ୍ରସ୍ତାବ ଆଲୋଚନା ପୂର୍ବରୁ କୃଷିମନ୍ତ୍ରୀ ଅରୁଣ ସାହୁ ନିଜର ଉତ୍ତର ରଖିଛନ୍ତି। ସେ କହିଛନ୍ତି ଯେ, ଗତ ୨୦ବର୍ଷ ଭିତରେ ୮ଥର ରାଜ୍ୟରେ ମରୁଡ଼ି ହୋଇଛି । ଚଳିତ ବର୍ଷାଋତୁରେ ଅଗଷ୍ଟ ୨୮ତାରିଖ ସୁଦ୍ଧା ୨୩ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି । କମ ବର୍ଷା ହୋଇଥିବା କାରଣରୁ ୧୪ଜିଲ୍ଲାର ୪୭ଟି ବ୍ଲକରେ ଫସଲ ଗୁରୁତର ଭାବେ ପ୍ରଭାବିତ ହୋଇଛି । ମରୁଡ଼ି ସ୍ଥିତିକୁ ଦୃଷ୍ଟିରେ ରଖି ଏବେ ସେଠାରେ କଣ୍ଟିଜେନସି କ୍ରପ ପ୍ଲାନ ପ୍ରସ୍ତୁତ କରାଯାଉଛି । ଏବେ ରାୟଗଡ଼ା ଓ ଗଜପତି ଜିଲ୍ଲାରେ ମରୁଡ଼ିସ୍ଥିତିରେ ସୁଧାର ଆସିଛି । ଯେଉଁ ଜିଲ୍ଲାରେ ସ୍ୱଳ୍ପ ବୃଷ୍ଟିପାତ ହୋଇଛି ସେଠି ପମ୍ପସେଟ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଉଠା ଜଳସେଚନ ଓ କେନାଲ ପାଣିକୁ ୭ଦିନ ଭିତରେ ପ୍ରସ୍ତୁତ କରିବା ପାଇଁ କୁହାଯାଇଛି । ଏହା ଉପରେ ନଜର ରଖିବା ପାଇଁ ଜିଲ୍ଲାପାଳମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ଭାବ୍ୟ ମରୁଡ଼ି ସମୀକ୍ଷା

# ଜରୁରୀକାଳୀନ ଫସଲ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ




**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ରାଜ୍ୟରେ ସମ୍ଭାବ୍ୟ ମରୁଡି ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରି ଏହାର ମୁକାବିଲା କରିବାକୁ ନିର୍ଦ୍ଦେଶ ଦେବା ସହିତ ଚାଷୀ ମାନଙ୍କ ପାଇଁ ଜରୁରୀକାଳୀନ ଫସଲ ଯୋଜନା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ରାଜ୍ୟର ୨୧୩ଟି ବ୍ଲକରେ ବର୍ଷାର ଅଭାବ ଦେଖାଦେଇଛି, ଯାହାକି କୃଷି କାର୍ଯ୍ୟକ୍ରମକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇ ଦୈନିକ ଭିତ୍ତିରେ ପରିସ୍ଥିତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଜିଲ୍ଲାପାଳମାନେ କ୍ଷେତ୍ରସ୍ତରରେ ତୁରନ୍ତ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଛନ୍ତି। ଫସଲ ପାଇଁ ଜରୁରୀକାଳୀନ ଯୋଜନା, କେନାଲ ଗୁଡିକରେ ଜଳପ୍ରବାହ ଏବଂ ମହାତ୍ମାଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି କାର୍ଯ୍ୟକ୍ରମ ଗୁଡିକ ମଧ୍ୟରେ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଚାଷୀମାନଙ୍କ ଫସଲ ନଷ୍ଟ ହେବା କ୍ଷେତ୍ରରେ ଦ୍ୱିତୀୟ ଫସଲ ପାଇଁ ବିହନ ଓ ମିନିକିଟ୍ ଯୋଗାଇ ଦେବା ଏବଂ ଯେଉଁଠାରେ ଫସଲ ଅଛି, ତାକୁ ସୁରକ୍ଷିତ ରଖିବା ପାଇଁ ରିହାତି ଦରରେ ଚାଷୀ ମାନଙ୍କୁ ଡିଜେଲ ପମ୍ପସେଟ୍ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଚାଷୀ ମାନଙ୍କ ଜମିକୁ ଜଳଯୋଗାଣକୁ ସୁରକ୍ଷିତ ରଖିବା ପାଇଁ ଗୋଟିଏ ଜାଗାରେ ଅଧ ଏକରରୁ ଅଧିକ ଥିବା ଚାଷ ଜମି ପାଇଁ ପୋଖରୀ ଖୋଳିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ସମସ୍ତ ଉଠାଜଳସେଚନ ପଏଣ୍ଟ ଗୁଡିକୁ ୭ଦିନ ମଧ୍ୟରେ ମରାମତି ଓ ପୁନରୁଦ୍ଧାର କରି କାର୍ଯ୍ୟକ୍ଷମ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଛୋଟ ଓ ନାମମାତ୍ର ଚାଷୀ ଓ କୃଷି ଶ୍ରମିକ ମାନଙ୍କୁ ଜୀବିକା ସହାୟତା ଦେବା ପାଇଁ ବିଭିନ୍ନ ରୋଜଗାର ସୃଷ୍ଟିକାରୀ ଯୋଜନା ଉପରେ ପ୍ରାଥମିକତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ତଳିଆ ଅଞ୍ଚଳର ଚାଷୀମାନଙ୍କ ପାଇଁ ଜଳଯୋଗାଣ ସୁନିଶ୍ଚିତ କରିବା ଓ ଭୂତଳ ଜଳ ପାଇଁ ପଦକ୍ଷେପ ନେବାକୁ ଜଳସମ୍ପଦ ବିଭାଗକୁ ପରାମର୍ଶ ଦେଇଛନ୍ତି। ଜନସାଧାରଣ ଓ ପ୍ରାଣୀ ସମ୍ପଦ ମାନଙ୍କ ପାଇଁ ଯେପରି ପାନୀୟ ଜଳର ଅଭାବ ନ ହୁଏ, ତାହା ସୁନିଶ୍ଚିତ କରିବାକୁ ଜିଲ୍ଲା ଓ ପୌରସଂସ୍ଥା କର୍ତ୍ତୃପକ୍ଷମାନେ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀ ଓ ସାଧାରଣ ଜନତାଙ୍କ ଉପରେ ମରୁଡିର ପ୍ରଭାବ କମ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସୂଚନା ଦେଇ କହିଥିଲେ ଯେ, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ବୃଷ୍ଟିପାତ ୩୦ ପ୍ରତିଶତ କମ ରହିଛି। ଧାନ ଫସଲ ପାଇଁ ସମସ୍ୟା ଦେଖା ଦେଇଥିଲେ ମଧ୍ୟ ଅଣଧାନ ଫସଲ ପାଇଁ କୌଣସି ସମସ୍ୟା ସୃଷ୍ଟି ହୋଇନାହିଁ। ଏମ୍‌ଜିନରେଗାରେ ଅଧିକ କର୍ମନିଯୁକ୍ତି ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ। ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ଜଳସମ୍ପଦ ବିଭାଗ ନିଜସ୍ୱ ବିକଳ୍ପ ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନା ରଖିଥିଲେ। କଳାହାଣ୍ଡି, ସୁନ୍ଦରଗଡ, ଅନୁଗୁଳ ଓ ରାୟଗଡା ଜିଲ୍ଲାର ଜିଲ୍ଲାପାଳମାନେ ଜିଲ୍ଲାର ପରିସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ପାଣିପାଗ ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ରାଜ୍ୟରେ ବୃଷ୍ଟିପାତ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ସେପ୍ଟେମ୍ବର ମାସରେ ସ୍ୱାଭାବିକ ବୃଷ୍ଟିପାତ ହୋଇ ୨୨୬.୬ ମିମି ବର୍ଷା ହେବାର ସମ୍ଭାବନା ରହିଛି। କାମଧନ୍ଦା ଅଭାବରୁ ବାହାର ରାଜ୍ୟକୁ ଯାଉଥିବା ଲୋକଙ୍କୁ ଯେପରି ରାଜ୍ୟ ମଧ୍ୟରେ କାମ ଯୋଗାଇ ଦିଆଯାଇପାରିବ, ସେ ସମ୍ପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକ ପରିଚାଳନା କରିଥିଲେ। ଉନ୍ନୟନ କମିଶନର ଓ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ବୈଠକରେ ଉପସ୍ଥିତ ଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ । ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୬ - ୧୨ ସେପ୍ଟେମ୍ବର, ୨୦୨୧

# ଆମେରିକା ଫେରିଗଲା ପରେ

ଯାହା ଆଶଙ୍କା କରାଯାଉଥିଲା ତାହା ଏବେ ଘଟିବାକୁ ଯାଉଛି ଆଫଗାନିସ୍ତାନ ମାଟିରେ। ଦୀର୍ଘ ଦୁଇ ଦଶନ୍ଧିର ଲଢ଼େଇ ପରେ ତାଲିବାନ ହାତରେ ଏବେ ଆଫଗାନର ଭାଗ୍ୟ। କୋଡିଏ ବର୍ଷ ପୂର୍ବରୁ ତାଲିବାନୀଙ୍କ ବର୍ବରତା ବିଶ୍ୱ ପାଇଁ ଯେଉଁ ଚିନ୍ତାରଣ ଖୋରାକ ଯୋଗାଇଥିଲା, ଏବେ ପୁଣି ସେଇ ଚିନ୍ତାର ଆରମ୍ଭ। ପୁଣିଥରେ ଆଫଗାନ ଭୂମିରେ ତାଲିବାନୀଙ୍କ ସେଇ ବର୍ବର, ନାରକୀୟ କାଣ୍ଡ ଦେଖିବାକୁ ମିଳିଛି। କାବୁଲରୁ ଆମେରିକାର ଶେଷ ୬,୦୦୦ ସୈନ୍ୟ ଫେରିଯିବା ପରେ ଆଫଗାନିସ୍ତାନର ଅରାଜକତା ଆରମ୍ଭ ହୋଇଛି। ତାଲିବାନୀ ନେତା ଆମେରିକା ହାରିଗଲା ବୋଲି କହିବାକୁ ପଛାଉନାହାନ୍ତି। ଯଦିଓ ୧୯୯୬-୨୦୦୧ ତୁଳନାରେ ଆଫଗାନିସ୍ତାନବାସୀ ଭଲ ଶାସନ ଦେଖିବେ ବୋଲି ତାଲିବାନୀ ଶାସକ କହୁଛନ୍ତି, ଏଥିରେ କେତେ ପ୍ରତିଶତ ସହ ରହିଛି ତାହା ଆଗାମୀ ଦିନରେ ଜଣାପଡିବ। ହେଲେ ଆମେରିକାର କିଛି ନାଗରିକ ଆଫଗାନିସ୍ତାନରେ ରହିଯାଇଛନ୍ତି, ସେମାନଙ୍କୁ ସ୍ୱଦେଶ ଫେରାଇ ନେବାକୁ ଜୋ ବାଇଡେନ ସରକାର କହୁଥିଲା ବେଳେ ଏଥିପାଇଁ ତାଲିବାନ ସରକାର କେଉଁ ନିୟମ ଆଣିବେ ତାହା ଜଣାପଡିନାହିଁ। ଆମେରିକା କିନ୍ତୁ କାବୁଲରେ ନିଜର ସମସ୍ତ କୂଟନୈତିକ ଉପସ୍ଥିତି ଶେଷ କରିଛି ଏବଂ କାତାରକୁ ଅପରେସନ ସ୍ଥାନାନ୍ତର କରିଛି। ୨୦ ବର୍ଷ ତଳର ତାଲିବାନୀ ଓ ବର୍ତ୍ତମାନର ତାଲିବାନୀଙ୍କ ମଧ୍ୟରେ କେଉଁ ପରିବର୍ତ୍ତନ ଘଟିଛି, ତାହା ସମୟ କହିବ। କିନ୍ତୁ ଗଣତନ୍ତ୍ର ଉପରେ ବିଶ୍ୱାସ ରଖୁଥିବା ରାଷ୍ଟ୍ରମାନେ ଆଫଗାନକୁ ନେଇ ଆଶା ଆଶଙ୍କାରେ ରହିଛନ୍ତି। କାରଣ ସେଠାରେ ପୁଣି ସେହି ନାରକୀୟ କାଣ୍ଡ ଦେଖିବାକୁ ମିଳିଲାଣି। ବିଶ୍ୱରେ ଶାନ୍ତି ଚାହୁଁଥିବା ଦେଶମାନେ ନିଶ୍ଚୟ ଆଶା ରଖିଥିବେ ଯେ, ଆଫଗାନିସ୍ତାନରେ ଶାନ୍ତି ଫେରିଆସୁ ବୋଲି, ହେଲେ ତାଲିବାନ କ'ଣ ଚାହେଁ ତାହା ହେଉଛି ଅସଲ ପ୍ରସଙ୍ଗ। ଯେବେଠାରୁ ତାଲିବାନ ଦଖଲରେ ଆଫଗାନିସ୍ତାନ ସେବେଠାରୁ ଏଠାରେ ଅସ୍ଥିରତା ଲାଗିରହିଛି। ସୂତ୍ର ଅନୁସାରେ ଆଫଗାନିସ୍ତାନକୁ ତାଲିବାନ ଫେରିବା ପଛରେ ପାକିସ୍ତାନର ବଡ ହାତ ରହିଛି। ଏକଥା ପୂର୍ବରୁ ଆମେରିକାକୁ ଜଣାଇଥିଲା, ହେଲେ ବିଶ୍ୱର ଏକ ସମୃଦ୍ଧ ରାଷ୍ଟ୍ର ସବୁଜାଣି ଗୋଟେ ଆତଙ୍କବାଦୀ ଗୋଷ୍ଠୀ ହାତରେ ଆଫଗାନିସ୍ତାନକୁ ଛାଡିଦେଲେ। କେବଳ ଏତିକି ନୁହେଁ, ତାଲିବାନ ହାତରେ ଆମେରିକାର କମାଣ, ଯୁଦ୍ଧ ଜାହାଜ, ଗୁଳିଗୋଳା ଓ ବନ୍ଧୁକ। ଯେଉଁଥିପାଇଁ ତାଲିବାନ ଆତଙ୍କବାଦୀ ବହୁତ ପରାକ୍ରମୀ ହୋଇପଡିଛନ୍ତି। ଧୀରେ ଧୀରେ ଆଫଗାନିସ୍ତାନରେ ତାଲିବାନର ଅସଲ ଚେହେରା ପଦାକୁ ଆସୁଛି। ଏହାରି ମଧ୍ୟରେ ଗୋଟିଏ ପଟେ ସରକାର ଗଠନ ପାଇଁ ତାଲିବାନ ପ୍ରସ୍ତୁତ ହେଉଛି, ଅନ୍ୟପଟେ ପଞ୍ଜଶୀର ଘାଟିରେ ଘମାଘୋଟ ଲଢ଼େଇ ଚାଲିଛି। ସେହି ଅଞ୍ଚଳରେ ତାଲିବାନ ବିଦ୍ରୋହର ସମ୍ମୁଖୀନ ହେବା ସହ ଅନେକ ତାଲିବାନ ଆତଙ୍କବାଦୀ ନିପାତ ହୋଇଛନ୍ତି। ପଞ୍ଜଶୀରରେ ପ୍ରମୁଖ ବିଦ୍ରୋହୀ ନେତାମାନେ ତାଲିବାନ ବିରୋଧୀ ଲଢ଼େଇରେ ଛତ୍ରଭଙ୍ଗ ଦେଇଛନ୍ତି। ଯାହାଫଳରେ ତାଲିବାନ ବାହିନୀ ପଞ୍ଜଶୀର ଦଖଲ କରିନେଇଛି। ଆଫଗାନିସ୍ତାନର ଏହି ଏକମାତ୍ର ପ୍ରଦେଶ ତାଲିବାନର ନିୟନ୍ତ୍ରଣ ବାହାରେ ଥିଲା। ଅନ୍ୟପଟେ ଆଫଗାନିସ୍ତାନରେ ତାଲିବାନ ସରକାର ଗଠନ ପ୍ରକ୍ରିୟା ଚୂଡାନ୍ତ ହୋଇସାରିଛି। ସରକାରର ନେତୃତ୍ୱ ନେବେ ମୁଲ୍ଲା ବରାଦର। ଏଥିପାଇଁ ସବୁଆଡେ ତାଲିବାନ ପୋଷ୍ଟର ଓ ହୋର୍ଡିଂ ଲାଗି ସାରିଛି। ଶୁରା କାଉନସିଲ ଶାସନ କରିବ ଆଫଗାନିସ୍ତାନ। ନୂଆ ମନ୍ତ୍ରୀପଦରେ ୮୦% ଦୋହା ଟିମ୍ ରହିବେ ବୋଲି ଜଣାପଡିଛି। ଆମେରିକା କିନ୍ତୁ କହିଛି, ତାଲିବାନ ନିଷ୍ଠୁର ଓ ବିଶ୍ୱାସଯୋଗ୍ୟ ନୁହେଁ। ଆମେରିକା ରାଷ୍ଟ୍ରପତି ଭବନରୁ ପ୍ରକାଶିତ ବିବୃତିରେ କୁହାଯାଇଛି ଯେ, ତାଲିବାନ ଦ୍ୱାରା ଗଠିତ ସରକାରକୁ ଆମେରିକା ମାନ୍ୟତା ଦେବନାହିଁ। ତେବେ ତାଲିବାନ ସରକାର ଗଠନ ପରେ ସେମାନଙ୍କ ପାଇଁ ଅନେକ ଆହ୍ୱାନ ରହିଛି। ଏବେ ଦେଶର ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ଆଫଗାନିସ୍ତାନରେ ଗଚ୍ଛିତ ଥିବା ଖାଦ୍ୟ ଚଳିତ ମାସରେ ଶେଷ ହୋଇଯିବ ବୋଲି ମଧ୍ୟ ଆକଳନ କରାଗଲାଣି।

ତେଣୁ ଆଫଗାନିସ୍ତାନରେ ତାଲିବାନ ସରକାର ପ୍ରଥମେ କ୍ଷୁଧା ସଙ୍କଟକୁ ସାମ୍ନା କରିବେ ବୋଲି ଜାତିସଂଘ କହିଛି। ତାଲିବାନଙ୍କ ପ୍ରତ୍ୟାବର୍ତ୍ତନକୁ ନେଇ ଭାରତୀୟ ମୁସଲମାନଙ୍କ ମଧ୍ୟରେ ଥିବା କିଛି ଲୋକ ଖୁସି ମନାଉଥିବାରୁ ବିଶିଷ୍ଟ ଅଭିନେତା ନାସିରୁଦ୍ଦିନ ଶାହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏକ ଭିଡିଓ ବାର୍ତ୍ତାରେ ସେ କହିଛନ୍ତି, ଆଫଗାନିସ୍ତାନରେ ତାଲିବାନଙ୍କ ପ୍ରତ୍ୟାବର୍ତ୍ତନ ବିଶ୍ୱସମୁଦାୟର ମୁଣ୍ଡବ୍ୟଥାର କାରଣ ହୋଇଥିବା ବେଳେ ଭାରତରେ ଉତ୍ସବ ମନାଉଥିବା କିଛି ବର୍ବର କମ ବିପଜ୍ଜନକ ନୁହଁନ୍ତି। ସେ କହିଛନ୍ତି ପ୍ରତ୍ୟେକ ଭାରତୀୟ ମୁସଲମାନ ନିଜକୁ ପଚାରିବା ଉଚିତ, ସେମାନେ ଏକ ସୁସଂସ୍କୃତ, ଆଧୁନିକ ଇସଲାମ ଚାହାନ୍ତି ନା ଗତ ଗତ ଶତାବ୍ଦୀର ବର୍ବର ମୂଲ୍ୟବୋଧ ଚାହାନ୍ତି। ଆଫଗାନିସ୍ତାନରେ ତାଲିବାନ ଶାସନ କଲେ ପାକିସ୍ତାନ ପଟୁ ଭାରତକୁ ବିପଦ ବଢ଼ିବାର ଆଶଙ୍କା ରହିଛି। କାରଣ ପାକ ଆତଙ୍କବାଦୀଙ୍କ ସହ ଆଇଏସ୍ଆଇଏସ୍ ଆତଙ୍କବାଦୀ ମିଶି ପିଓକେରେ ଭାରତ ବିରୋଧୀ ଆତଙ୍କବାଦ ବଢ଼ାଇବେ। ସୀମାପାର ଆତଙ୍କବାଦ ବମିଲେ ଏହା ଭାରତ ପାଇଁ ଚ୍ୟାଲେଞ୍ଜ ହେବ। ଆତଙ୍କବାଦୀଙ୍କ ଜରିଆରେ ପାକିସ୍ତାନ ଆର୍ମି ଅଧିକରୁ ଅଧିକ ଆତଙ୍କ ସୃଷ୍ଟିକରିବେ। ଯଦିଓ ଏ ଦିଗରେ ଭାରତୀୟ ସେନା ପ୍ରସ୍ତୁତ ରହିଛି ତଥାପି ପାକ ପ୍ରାୟୋଜିତ ଆତଙ୍କୀ ଗତିବିଧି ଉପରେ ତୀକ୍ଷ୍ଣ ନଜର ଦେବାକୁ ପଡିବ। କାରଣ କଶ୍ମୀର ପ୍ରସଙ୍ଗରେ ତାଲିବାନ ୟୁ-ଟର୍ଣ୍ଣ ନେଇଛି। ଭାରତ ଏବଂ ପାକିସ୍ତାନ ବିବାଦରେ ତାଲିବାନ ହସ୍ତକ୍ଷେପ କରିବ ନାହିଁ ବୋଲି ପୂର୍ବରୁ ବାରମ୍ବାର କହିଥିଲା ଏବଂ କୌଣସି ପରିସ୍ଥିତିରେ କାଶ୍ମୀର ପ୍ରସଙ୍ଗରେ ହସ୍ତକ୍ଷେପ କରିବ ନାହିଁ ବୋଲି କହିଥିଲା। କିନ୍ତୁ ଶୁକ୍ରବାର ତାଲିବାନ ଏହାର ଆଭିମୁଖ୍ୟ ଅଚାନକ ବଦଳାଇ ଦେଇଛି। ତାଲିବାନର ଦୋହା କାର୍ଯ୍ୟାଳୟ ପ୍ରବକ୍ତା ସୁହେଲ ଶାହିନଙ୍କ ବିବୃତି ଭାରତକୁ ଚକିତ କରିଛି। ଦୋହାରେ ଆମେରିକା ସହିତ ହୋଇଥିବା ରାଜିନାମା ସମ୍ପର୍କରେ ସେ କହିଛନ୍ତି କୌଣସି ଦେଶ ବିରୋଧରେ ସଶସ୍ତ୍ର କାର୍ଯ୍ୟକଳାପ ଚଳାଇବା ତାଲିବାନର ରଣନୀତି ନୁହେଁ। କିନ୍ତୁ ମୁସଲିମ୍ ଭାବେ କାଶ୍ମୀରର ମୁସଲିମ୍ଙ୍କ ପାଇଁ କହିବାର ଅଧିକାର ଆମର ରହିଛି। କେବଳ କାଶ୍ମୀର ନୁହେଁ ଅନ୍ୟ କୌଣସି ଦେଶ କ୍ଷେତ୍ରରେ ମଧ୍ୟ ତାଲିବାନ ଏହି ନୀତି ଆପଣାଇବ ବୋଲି କହିଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଯେ, ଆଫଗାନିସ୍ତାନରେ ତାଲିବାନୀ ଶାସନ ହୋଇଥିବା ବେଳେ ସେଠାରୁ ନାନା ପ୍ରକାର ନିର୍ଯାତନା ଖବର ପଦାକୁ ଆସୁଛି। ଏବେ ଆଉ ଏକ ଅକଥନୀୟ ନିର୍ଯାତନା କଥା ଶୁଣିବାକୁ ମିଳୁଛି। ଆଫଗାନିସ୍ତାନ ଛାଡି ପଳାଇ ଆସିବା ପାଇଁ ଚାହୁଁଥିବା ମହିଳାମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ କାବୁଲ ବିମାନ ବନ୍ଦର ବାହାରେ ବାହା ହେବାକୁ ପଡୁଛି। ଏଭଳି ସ୍ଥିତିରେ ଆଗାମୀ ଦିନରେ ତାଲିବାନୀଙ୍କ ଆଭିମୁଖ୍ୟ ଭାରତ ପାଇଁ କ'ଣ ରହିବ ତାହା ମଧ୍ୟ ଚିନ୍ତାର କାରଣ।

ସମ୍ପାଦକୀୟ

ତାରକ ମହାନ୍ତି



ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଆଦର୍ଶ ସନ୍ତାନ ଗଠନରେ ମାତା ମାନଙ୍କର ଭୂମିକା



ପ୍ରଦୀପ୍ତ ଆଚାର୍ଯ୍ୟ

ବିଜ୍ଞାନର ଅଗ୍ରଗତି ସାଙ୍ଗେ ସାଙ୍ଗେ, ଆଧୁନିକ ଯୁଗରେ ପିତା ମାତାଙ୍କ ନିକଟରେ ଆଦର୍ଶର ସଂଜ୍ଞା ମଧ୍ୟ ପରିବର୍ତନ ହୋଇଯାଇଛି। ଅଧିକାଂଶ ଅଭିଭାବକ ଭାବୁଛନ୍ତି ତାଙ୍କର ସନ୍ତାନ ଉଚ୍ଚଶିକ୍ଷା ଲାଭକରି,ଉଚ୍ଚ ବେତନ ପାଇ, ପାଶ୍ଚାତ୍ୟ ଶୈଳୀରେ ଜୀବନ ନିର୍ବାହ କରିଲେ ସେ ଆଦର୍ଶରେ ଗଣ୍ୟ। ସମାଜରେ ଏହି ଶ୍ରେଣୀୟ ଆଦର୍ଶ ବ୍ୟକ୍ତିତ୍ୱ ମାନେ ସେମାନଙ୍କର ଅହଂକାରୀ ଏବଂ ସ୍ୱାର୍ଥପର ମନୋଭାବରୁ ସାଧାରଣ ଲୋକଙ୍କ ଶ୍ରଦ୍ଧା ଭାଜନ ହୋଇ ପାରନ୍ତି ନାହିଁ। ପିତା ମାତା ମାନେ ମଧ୍ୟ ଏହି ଆଦର୍ଶ ସନ୍ତାନମାନଙ୍କର, ସେମାନଙ୍କ ପ୍ରତି ପ୍ରଦର୍ଶିତ ହେୟ ଆଚରଣରେ ଅସହାୟ। ଚୋର ମାଆ ଚୁପି ଚୁପି କାନ୍ଦିବା ଅବସ୍ଥା। ସୁବର୍ଣ ନିର୍ମିତ ପକ୍ଷୀଟିକୁ ସୁନା ପଂଜୁରୀରେ ରଖିଦେଲେ, ତାହା କେବଳ ଦର୍ଶନ ସୁଖ ପ୍ରଦାନ କରିପାରେ,ମାତ୍ର ତାର ସୁମଧୁର କାକଳୀ କେବେବି ଆମ କର୍ଣ ଗୋଚର ହେବ ନାହିଁ। ତେଣୁ ପ୍ରକୃତ ପକ୍ଷରେ ଜଣେ ନମ୍ର,ଉଦାର, ନିସ୍ୱାର୍ଥପର, ଏବଂ ସର୍ବୋପରି ଆଧ୍ୟାତ୍ମିକ ଗୁଣ ସମ୍ପନ୍ନ ବ୍ୟକ୍ତି ହିଁ ସମାଜରେ ଆଦର୍ଶ ବ୍ୟକ୍ତି ରୂପେ ପରିଗଣିତ। ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ,ଅର୍ଥ ରୋଜଗାର କରିବାର ଦୁର୍ବାର ଲାଳସା ଏବଂ ଆତ୍ମ କୈନ୍ଦ୍ରିକ ମାନସିକତା,ଏହି ଆଦର୍ଶ ପଥର ପଥିକ ହେବାପାଇଁ ଅନେକାଂଶରେ ପ୍ରତିବନ୍ଧକ ସୃଷ୍ଟି କରୁଅଛି। ନକରାତ୍ମକ ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟରେ ଗୋଟିଏ ପିଲାକୁ ଆଦର୍ଶ ରୂପେ ଗଢିବା ଅତ୍ୟନ୍ତ କଷ୍ଟସାଧ୍ୟ କାର୍ଯ୍ୟ କିନ୍ତୁ ସଂପୂର୍ଣ ଅସମ୍ଭବ ନୁହେଁ। ସର୍ବାଗ୍ରେ ମାତା ମାନଙ୍କର ଭୂମିକା ଏ ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ।

ଶିଶୁ ମନସ୍ତତ୍ୱବିଦ୍ ମାନଙ୍କ ମତରେ,ଧମକପୂର୍ଣ ଶାସନ ଅପେକ୍ଷା ଶ୍ରଦ୍ଧାଜଡିତ ଶାସନ ପିଲାଙ୍କୁ ସଠିକ୍ ମାର୍ଗରେ ପରିଚାଳିତ କରାଇବା ପାଇଁ ଅଧିକ ଶକ୍ତିଶାଳୀ ମାର୍ଗ,ଯାହାକି ମାଆ ମାନଙ୍କର ଈଶ୍ୱର ଦତ ଗୁଣ। କିନ୍ତୁ ମାଆ ମାନେ କେତେ ପରିମାଣରେ ଶ୍ରଦ୍ଧା କରିବା ଉଚିତ୍ ତାହାର ମଧ୍ୟ ସୀମାରେଖା ନିର୍ଦ୍ଦିଷ୍ଟ। ନଚେତ୍ ଅବାଞ୍ଛିତ ଶ୍ରଦ୍ଧା ପିଲାଙ୍କୁ ଏକଜିଦିଆରେ ପରିଣତ କରାଇବା ଅସମ୍ଭବ ନୁହେଁ। ଅନେକ ମାଆଙ୍କର ଗୋଟିଏ ସାଧାରଣ ଅଭିଯୋଗ,ଆମ ପିଲା ଦୁଷ୍ଟ,ଆଉ ଅମାନିଆ। କିନ୍ତୁ ଏ ଗୁଣ ଗୁଡିକତ ପିଲାଙ୍କର ସହଜାତ। ସେମାନଙ୍କର ଦୁଷ୍ଟାମୀରୁ ଶିକ୍ଷା ପ୍ରଦାନ,ଜିଦ୍‌କୁ ସତ୍ ମାର୍ଗରେ ପରିଚାଳନା ଏବଂ ଅମାନିଆଙ୍କୁ ମନେଇବାର କୌଶଳ ମାଆ ମାନଙ୍କର ଦକ୍ଷତା ଉପରେ ନିର୍ଭର କରେ। ଯଦି ଜଣେ ଡାକ୍ତର ଗୋଟିଏ ଅସୁସ୍ଥ ପିଲାକୁ ଇଂଜେକ୍‌ସନ ଦେବାପାଇଁ ପରାମର୍ଶ ଦେଉଛନ୍ତି,କିନ୍ତୁ ପିଲାଟି ଇଂଜେକ୍‌ସନ ନନେବାକୁ ଜିଦ୍ କରୁଅଛି,ତେବେ ଏ କ୍ଷେତ୍ରରେ ଆମେ କଣ କରିବା ? ଡାକ୍ତରଙ୍କୁ ଫେରାଇଦେବା ନାଁ କଳେ ବଳେ ତାକୁ ଇଂଜେକ୍‌ସନ ଦିଆଇବା ?ଯଦି ଏ କ୍ଷେତ୍ରରେ ଆମେ ତା ଜିଦ୍‌କୁ ସମର୍ଥନ ନକରି ଉଚିତ୍ ପଦକ୍ଷେପ ନେଇ ପାରିବା,ତେବେ ଅନ୍ୟାନ୍ୟ ଅନାବଶ୍ୟକ ଜିଦ୍‌ରୁ ତାକୁ କାହିଁକି ନିବୃତ କରି ପାରିବା ନାହିଁ ? ଇତିହାସ କହେ ବହୁ ମହାମାନବଙ୍କ ସଫଳତାର ପଶ୍ଚାତ୍ ଭାଗରେ ସେମାନଙ୍କ ମାତା ମାନଙ୍କ ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅଧିକାଂଶ ମାଆ ସନ୍ତାନ ମାନଙ୍କୁ ଆଦର୍ଶ ରୂପେ ଗଢିବା ପାଇଁ ଆବଶ୍ୟକୀୟ ବୈଷୟିକ କୌଶଳ ସମ୍ବନ୍ଧରେ ଅଜ୍ଞ । ତେଣୁ ଆଜି ଆମେ ମାଆ ମାନଙ୍କର କର୍ତବ୍ୟ ଏବଂ ଦାୟୀତ୍ୱ ବାବଦରେ ସମ୍ୟକ୍ ଆଲୋକପାତ କରିବା।

୧) ସର୍ବପ୍ରଥମେ ଏଥିପାଇଁ ମାଆ ମାନଙ୍କର ଅସୀମ ଧୈର୍ଯ୍ୟ ଦରକାର ଏବଂ ବ୍ୟକ୍ତିଗତ ସୁଖ ସ୍ୱାଛନ୍ଦକୁ କିୟଦାଂଶରେ ତ୍ୟାଗ କରିବା ଦରକାର।ଚପଳକତି ଶିଶୁର ବିକ୍ଷିପ୍ତ ମାନସିକତାକୁ ଆୟତ କରିବା ନିମନ୍ତେ ସ୍ନେହପୂର୍ଣ ବ୍ୟବହାର ପ୍ରଦର୍ଶନ ଏକାନ୍ତ ଆବଶ୍ୟକ, ଯାହାକି ଅସୀମ ଧୈର୍ଯ୍ୟ ବିନା ସମ୍ଭବ ନୁହେଁ। ୨) ମାଆମାନେ ନିଜର ମନୋରଂଜନ ପାଇଁ ଟିଭି ମୋବାଇଲ୍ ର ବ୍ୟବହାର,ରନ୍ଧନ କାର୍ଯ୍ୟରେ ଅତ୍ୟଧିକ ସମୟ ବିନିଯୋଗ ତଥା ପଡୋଶୀ ମାନଙ୍କ ସହିତ ଅଦରକାରୀ ଗଳ୍ପରୁ ନିବୃତ ରହି,ସର୍ବଦା ସେମାନଙ୍କର ଶିଶୁ ଉପରେ ତୀକ୍ଷଣ ନଜର ରଖିବା ଆବଶ୍ୟକ।୩) ବିଷୟଗତ ଶିକ୍ଷା ସାଙ୍ଗରେ ନୈତିକ ଶିକ୍ଷା ଓ ଶାରୀରିକ ଶିକ୍ଷା ଅଙ୍ଗାଙ୍ଗୀ ଭାବେ ଜଡିତ। ମନ ଏବଂ ଶରୀର ସୁସ୍ଥ ରହିଲେ ଗୋଟିଏ ଶିଶୁ ବିଷୟଗତ ଶିକ୍ଷାରେ ସଫଳତା ପାଇ ପାରିବ। ତେଣୁ ମାନସିକ ସୁସ୍ଥତା ପାଇଁ,ଆବଶ୍ୟକ ନୈତିକ ଶିକ୍ଷାର, ପ୍ରାଥମିକ ଶିକ୍ଷକ ହେଲେ ମାଆ। ନମ୍ରତା,ଶାଳୀନତା,ଗୁରୁଜନମାନଙ୍କୁସମ୍ମାନ ପ୍ରଦର୍ଶନ,ସମୟାନୁବର୍ତୀତା,ଆତ୍ମନିର୍ଭରଶୀଳତା ପରି ନୈତିକ ଶିକ୍ଷା,ମାଆ ମାନେ କେବଳ ଉପଦେଶ ମାଧ୍ୟମରେ ନୁହେଁ,ନିଜେ ପାଳନ କରି ପିଲା ମାନଙ୍କୁ ଅଭ୍ୟସ୍ତ କରାଇବାକୁ ଚେଷ୍ଟିତ ହେବା ଉଚିତ୍। ସାଧାରଣତଃ ପିଲାମାନେ ଅନୁକରଣ ପ୍ରିୟ। କହୁଥିବା କାର୍ଯ୍ୟ ଅପେକ୍ଷା କରୁଥିବା କାର୍ଯ୍ୟ ସେମାନଙ୍କୁ ଅଧିକ ପ୍ରଭାବିତ କରିଥାଏ। ୪)ପିଲା ମାନଙ୍କର ଉଗ୍ର ସ୍ୱଭାବକୁ ଶାନ୍ତ କରାଇବା ପାଇଁ ପ୍ରାର୍ଥନା ଏବଂ ପ୍ରଣାମ ପରି ଦୁଇଗୋଟି କାର୍ଯ୍ୟରେ ସେମାନଙ୍କୁ ଅଭ୍ୟସ୍ତ କରାଇବା ଉଚିତ୍। ମାଆ ମାନେ ପିଲା ମାନଙ୍କର ଭଗବତ୍ ସତା, ତଥା ଛୋଟ ଛୋଟ ଶିକ୍ଷଣୀୟ ପୌରାଣିକ ଗଳ୍ପ ମାଧ୍ୟମରେ ଆଧ୍ୟାତ୍ମିକ ଚେତନା ବୃଦ୍ଧି କରାଇବା ଉଚିତ୍। ନିଜେ ଠାକୁର ଘରେ ପ୍ରାର୍ଥନା କରିବା ସମୟରେ ପିଲା ମାନଙ୍କୁ ଅଭ୍ୟସ୍ତ କରାଇବା ଆବଶ୍ୟକ। । ୫)ଗୁରୁଜନ ମାନଙ୍କ ପଦ ସ୍ପର୍ଶ କରି ପ୍ରଣାମ କଲେ,ସେମାନଙ୍କ ଅନ୍ତର ଭିତରୁ ଝରି ପଡିଥାଏ ଆବେଗ ଭରା ଆଶିର୍ବାଦ। ମାଆ ମାନେ,ଗୁରୁଜନଙ୍କୁ ପ୍ରଣାମ ପାଇଁ,ପିଲା ମାନଙ୍କୁ ପ୍ରବର୍ତାଇବା ପରିବର୍ତେ, ଗୁରୁଜନ ମାନଙ୍କୁ ନିଜେ ପ୍ରଣାମ କରିବା ଅଭ୍ୟାସ ଜାରି ରଖିଲେ ପିଲାଙ୍କୁ ଅଭ୍ୟସ୍ତ କରାଇବାକୁ ବିଶେଷ କଷ୍ଟ କରିବାକୁ ପଡିବ ନାହିଁ। ୬)ସନ୍ତୁଳିତ ସାତ୍ୱିକ ଆହାର ମନ ଏବଂ ଶରୀର ଉପରେ ସକରାତ୍ମକ ପ୍ରଭାବ ପକାଇଥାଏ। ଆଜିକାଲି ବଜାରରେ ଉପଲବ୍ଧ ଜଙ୍କ ଫୁଡ୍ ଶରୀର ପାଇଁ କେତେ ମାରାତ୍ମକ ତାହା ଅନୁଭବ କରି,ପିଲା ମାନଙ୍କୁ ଏ ଅଭ୍ୟାସରୁ ନିବୃତ କରାଇବା ଆବଶ୍ୟକ। ତେଣୁ ମାଆ ମାନେ ପ୍ରଥମେ ନିଜର ଜିହ୍ୱା ଲାଳସାକୁ ଚରିତାର୍ଥ କରିବା ପାଇଁ,ନିଜ ଗୃହରେ ସ୍ୱାସ୍ଥକର ପରିବେଶ ମଧ୍ୟରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ନିଜେ ଖାଆନ୍ତୁ ତଥା ପିଲା ମାନଙ୍କୁ ଖୁଆନ୍ତୁ। ୭)ପିଲା ମାନେ ଅଧ୍ୟୟନ କରୁଥିବା ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ସହିତ ପ୍ରତ୍ୟକ୍ଷ ଯୋଗାଯୋଗ କରିବା ଆବଶ୍ୟକ। ପିଲାଟି କେଉଁ ବିଷୟରେ ଦୁର୍ବଳ,କେଉଁଥିରେ ଭଲ କରୁଛି,ତାର ଦୈନନ୍ଦିନ ଅଭ୍ୟାସ ଚାଲିଚଳନ ବାବଦରେ ପିଲାଙ୍କ ଉପସ୍ଥିତିରେ ସେମାନଙ୍କ ସହିତ ଆଲୋଚନା କରିବା ଉଚିତ୍। କାରଣ ପ୍ରାୟତଃ ପିଲାମାନେ ପିତାମାତାଙ୍କ ଅପେକ୍ଷା ଶିକ୍ଷକ ମାନଙ୍କ କଥାକୁ ଅଧିକ ଗୁରୁତ୍ୱାରୋପ କରନ୍ତି। ୮)ଯଦି କୌଣସି କାରଣ ବଶତଃ ପିଲା ଶିକ୍ଷକଙ୍କ ବିରୁଦ୍ଧରେ ଅଭିଯୋଗ ଆଣନ୍ତି ତେବେ,ପିଲା ମାନଙ୍କ ଆଗରେ କେବେବି ଶିକ୍ଷକଙ୍କୁ ଗାଳିଗୁଲଜ କରିବା ଉଚିତ୍ ନୁହେଁ। ନଚେତ୍ ସେମାନଙ୍କ ପ୍ରତି ପିଲାଙ୍କର ସଂଭ୍ରମତା ନ୍ୟୁନ ହୋଇଯିବାର ଆଶଙ୍କା ରହିଅଛି। ଆମ ପିଲାଙ୍କୁ ଶିକ୍ଷାଦାନ କରୁଥିବା ଗୁରୁ ମାନଙ୍କୁ କୌଣସି ହାଲତ୍‌ରେ ଅସମ୍ମାନ କରିବା ଅନୁଚିତ୍। ୯) ସାଧାରଣତଃ ଅଭିଭାବକ ମାନେ ପିଲା ମାନଙ୍କର ନବେଭାଗ ସଫଳତାକୁ ପ୍ରଶଂସା ନକରି ଦଶଭାଗ ବିଫଳତା ପାଇଁ ଦୋଷାରୋପ କରିଥାନ୍ତି। ଧରନ୍ତୁ ଜଣେ ପିଲା ପରୀକ୍ଷାରେ ସମସ୍ତ ବିଷୟରେ ଭଲଫଳ ପ୍ରଦର୍ଶନ କରି,ଗୋଟିଏ ବିଷୟରେ ଖରାପ କରି ଦେଇଛି,ଆମେ ତାକୁ ପ୍ରଥମେ ଖରାପ କରିଥିବା ବିଷୟ ପାଇଁ ଗାଳି ଆରମ୍ଭ କରିଦେଇଥାଉ। କିନ୍ତୁ ପ୍ରକୃତରେ ଭଲ କରିଥିବା ବିଷୟ ପାଇଁ ପ୍ରଥମେ ପ୍ରଶଂସା କରି,ଖରାପ କରିଥିବା ବିଷୟରେ ଅଧିକ ଭଲ କରିବା ପାଇଁ ପ୍ରୋତ୍ସାହନ ଦେବା ଉଚିତ୍। ୧୦)ଦାମ୍ପତ୍ୟ ଜୀବନରେ କଳହ ଅବଶ୍ୟମ୍ଭାବୀ,କିନ୍ତୁ ପିଲାମାନଙ୍କସମ୍ମୁଖରେ କେବେବି କଳହଲିପ୍ତ ହେବା ଅନୁଚିତ୍ ,ଯାହାକି ସେମାନଙ୍କ ଉପରେ ନକରାତ୍ମକ ପ୍ରଭାବ ପକାଇବ। ୧୧) ଆମ୍ଭେ ପିଲାମାନଙ୍କ ଠାରୁ ଯେଉଁପରି ବ୍ୟବହାର ଓ କାର୍ଯ୍ୟ ଆଶା କରୁଅଛେ,ସେହିପରି ବ୍ୟବହାର ଓ କାର୍ଯ୍ୟ ତାଙ୍କ ସମ୍ମୁଖରେ ଅନ୍ୟ ମାନଙ୍କୁ ପ୍ରଦର୍ଶିତ କରିବା ଅତ୍ୟନ୍ତ ଫଳପ୍ରଦ ସାବ୍ୟସ୍ତ ହୋଇପାରିବ। ସର୍ବଶେଷରେ ଗୋଟିଏ କଥା,ରୁଗ୍ଣ ସାମାଜିକ ବ୍ୟବସ୍ଥା ମଧ୍ୟରେ ଆମେ ଆମ ଶିଶୁ ମାନଙ୍କୁ କେତେ ଆଦର୍ଶ ରୂପେ ଗଢି ପାରିବା, ତାହା ଆମ ଧୈର୍ଯ୍ୟ, ନିଷ୍ଠା ଏବଂ କାର୍ଯ୍ୟ କୁଶଳତା ଉପରେ ନିର୍ଭର କରୁଅଛି।

*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ*
*ଈଶାଣୀବ୍ରହ୍ମପୁର, କଟକ*
*ମୋ-୬୩୭୧୫୯୩୨୨୦*

# ସାହିତ୍ୟର ପ୍ରଭାବ ବନାମ ପ୍ରଚାର

ଡକ୍ଟର ମନୋରଞ୍ଜନ ବିଷୋୟୀ

ଯୁଗେ ଯୁଗେ ମଣିଷ ନିଜକୁ ଅନ୍ୟଠାରେ ପରିପ୍ରକାଶ କରିବା ପାଇଁ ବ୍ୟାକୁଳ । ଏହି ବ୍ୟାକୁଳତା ହେଉଛି ତା'ର ରକ୍ତଗତ । ତେଣୁ କୁହାଯାଏ ମାନବର ରୂପାନ୍ତରଣ ପ୍ରବୃତ୍ତିକୁ ଆଧାର କରି ସାହିତ୍ୟ ସୃଷ୍ଟିଲାଭ କରିଥାଏ । ଶବ୍ଦ ସମୂହ ସ୍ରଷ୍ଟାର କଳାନୈପୁଣ୍ୟତାକୁ ଆଧାର କରି ସୁସ୍ଥ ମାନବିକ ଚେତନାକୁ ଉଦ୍‌ବେଳିତ କରିବା ସହ ଆତ୍ମାକୁ ଦେଇଥାଏ ପରିତୃପ୍ତି । ତେଣୁ ତ ପ୍ରତ୍ୟେକ ଯୁଗର ସୃଷ୍ଟି ପ୍ରକ୍ରିୟା ମଧ୍ୟରେ ସମକାଳୀନ ସମୟ ଓ ସଂସ୍କୃତିର ସ୍ପର୍ଶକୁ ଅନୁଭବ କରିହୁଏ । ସ୍ରଷ୍ଟାର ସାରସ୍ୱତ ଆତ୍ମପ୍ରକାଶ ଅନ୍ତରାଳରେ ସମାଜ ପାଇଁ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ବା ବାର୍ତ୍ତା ସଂଗୁପ୍ତ ଭାବରେ ରହିଥାଏ । ପ୍ରତ୍ୟେକ ସୃଷ୍ଟି ଅବ୍ୟକ୍ତକୁ ବ୍ୟକ୍ତ ଏବଂ ଅପ୍ରକାଶ୍ୟକୁ ପ୍ରକାଶିତ କରିଥାଏ । ସୃଷ୍ଟି ଧାରାରେ ଯୁଗୀୟ ରୁଚି ଓ ମୂଲ୍ୟବୋଧ ପ୍ରତିଫଳିତ ହୋଇଥାଏ । କହିବାକୁ ଗଲେ ଏକ ନିର୍ଦ୍ଦିଷ୍ଟ ସମୟ ଖଣ୍ଡ ଭିତରେ ଯେଉଁ ପ୍ରବୃତ୍ତିଟି ଅଧିକ ମାତ୍ରାରେ ସ୍ରଷ୍ଟାକୁ ଉଦ୍‌ବେଳିତ କରିଥାଏ । ସେ ସବୁର ଆତ୍ମପ୍ରକାଶକୁ 'ଚେତନା' କୁହାଯାଏ । ଏ ପରିପ୍ରେକ୍ଷୀରେ କହିରଖେ ଆମର ଅନେକ ବର୍ଷର ଅନେକ ଭାଷା, ଅନେକ ସାହିତ୍ୟ ଥିଲେ ହେଁ; ଉତ୍ସ ପ୍ରାୟ ସମାନ । ଏବେ ଆଧୁନିକ ସାହିତ୍ୟ ପାଶ୍ଚାତ୍ୟ ସାହିତ୍ୟ ଭୂମିରୁ ଉତ୍ସାହ ଖୋଜିଛି କିନ୍ତୁ ପରମ୍ପରାରୁ କେବେ କେଉଁଠି ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇନାହିଁ । କାରଣ ଆଧୁନିକତା ପରମ୍ପରାହୀନ ଏକ ପରମ୍ପରା ନୁହେଁ ବରଂ ପରମ୍ପରାପ୍ରତି ଏକ ସଚେତନ ପୁନଃ ମୂଲ୍ୟାୟନ ଏବଂ ପୁନଃ ଅନୁଧ୍ୟାନର କ୍ଷେତ୍ର ହେଉଛି ଆଧୁନିକତା । ସଂକ୍ଷେପରେ କହିଲେ- ପରମ୍ପରାର ଏକ ବିକଶିତ, ମୋହମୁକ୍ତ, ପ୍ରାମାଣିକ ତଥା ମୁକ୍ତ ଅନ୍ୱେଷାର କ୍ଷେତ୍ର ହେଉଛି ଆଧୁନିକତା । ବସ୍ତୁତଃ ପରମ୍ପରା ଓ ଆଧୁନିକତାର ଏ ଆଲୋଚନା ପ୍ରସଙ୍ଗରେ ମାଟି, ମଣିଷ ଓ ସମୟ- ଏହି ତ୍ରିବିଧ ଧାରାର ସମନ୍ୱୟକୁ ଅନୁଧ୍ୟାନ କରାଯାଇପାରେ । ପ୍ରତ୍ୟେକ ମଣିଷ ମାଟିର ମୋହରେ, ସମୟର ଆହ୍ୱାନରେ ବ୍ୟାକୁଳିତ ହେବା ସ୍ୱାଭାବିକ । ସମୟର ଆହ୍ୱାନରେ ସଭ୍ୟତାର ପଥ ପ୍ରଶସ୍ତ ହୁଏ । ଅବରୁଦ୍ଧ ପରିସରକୁ ଅତିକ୍ରମ କରି ବ୍ୟକ୍ତି ମୁକ୍ତି ପଥର ଅଭିଯାତ୍ରୀ ସାଜେ । କିନ୍ତୁ ଅତୀତ ପ୍ରତି ପ୍ରତିକୂଳ ନୁହେଁ ବରଂ ଅତୀତର ସମ୍ମୋହନ ଆକର୍ଷଣ ପ୍ରଗତିର ପଥକୁ କରେ ପ୍ରସାରିତ । ପ୍ରତ୍ୟେକ ଜାତି- ସ୍ମୃତି, ସଂକେତ, ଇତିହାସ, ପୁରାଣ, କଥା, ଉପକଥା, ଅତିକଥା ଭିତରେ ପରିପୁଷ୍ଟ ହୋଇଛି । ଯୁଗଯୁଗ ଧରି ଗଢ଼ି ଆସୁଥିବା ଏହି ପ୍ରାଣଶକ୍ତିର ଉତ୍ସକୁ ଅଭିନବ ଭାବରେ ବ୍ୟାଖ୍ୟାୟିତ କରି ନୂତନ ହୁଏ ସମୁଜ୍ଜ୍ୱଳ । ବସ୍ତୁତଃ କହିବାକୁ ଗଲେ ପରମ୍ପରାର ଜୀବିତାଂଶକୁ ଗ୍ରହଣ କରି ନୂତନ ଭାବରେ ପ୍ରାଣ ପ୍ରବାହକୁ ଦର୍ଶାଇବା ହେଉଛି ଆଧୁନିକ ସାହିତ୍ୟର ଲକ୍ଷ୍ୟ । ଏଠାରେ ପ୍ରଶ୍ନଉଠେ ସଂପ୍ରତି ଆମ ସାହିତ୍ୟର ସ୍ରଷ୍ଟା ଏ ଦିଗରେ କେତେ ସଚେତନ ? କାରଣ ପ୍ରତ୍ୟେକ ସୃଷ୍ଟିର ଉଦ୍ଦେଶ୍ୟ- ବ୍ୟକ୍ତିଗତ ଆବେଗ ମାଧ୍ୟମରେ ସାମୂହିକ ଆବେଗ ଦିଗକୁ ଯାତ୍ରା ଏବଂ ନାନ୍ଦନିକ ଆବେଗ ସୃଷ୍ଟି ଦିଗରେ ଏକନିଷ୍ଠ ଉଦ୍ୟମ । ତତ୍ ସଂଗେ ସଂଗେ ଅତୀତ ସହ ବ୍ୟକ୍ତିକୁ ସଂଯୁକ୍ତ କରିବା ଏବଂ ଗତିଶୀଳ ପୃଥିବୀର ଅବିଚ୍ଛିନ୍ନ ଅଂଶ ଭାବରେ ଉପସ୍ଥାପିତ କରିବା । ଏ ଦିଗରେ ଆଧୁନିକ ସ୍ରଷ୍ଟା ବେଶ୍ ସଚେତନ ଥିଲେ ହେଁ କିଛି ଅସାହିତ୍ୟିକଙ୍କ ସାହିତ୍ୟ ମଧ୍ୟକୁ ଅନୁପ୍ରବେଶ; ସାହିତ୍ୟର ଲକ୍ଷ୍ୟପଥକୁ ଅବରୋଧ କରି ରଖିଅଛି । ସଂପ୍ରତି ଏଭଳି କିଛି ସ୍ରଷ୍ଟା ଅଛନ୍ତି ଯେଉଁମାନେ କି ଏକଚାଟିଆ ଭାବେ ସାହିତ୍ୟ ଚାଷ କରୁଛନ୍ତି । ସେମାନେ ସାହିତ୍ୟ ବେକରେ ପଘା ଲଗାଇ ସେମାନଙ୍କ ମନ ଯୁଆଡ଼େ ସିଆଡ଼େ ସାହିତ୍ୟକୁ ଟାଣି ନେଉଛନ୍ତି । ଫଳତଃ ସାହିତ୍ୟ ତା'ର ଲକ୍ଷ୍ୟପକ୍ଷରୁ କ୍ରମଶଃ ଦୂରେଇ ଯିବାଭଳି ମନେ ହେଉଛି । ଏମାନେ ସାହିତ୍ୟ ରୂପକ ସିଂହାସନ ଉପରେ ବସି କଳେବଳେ କୌଶଳେ ନିଜ ମସ୍ତକରେ ପୁରସ୍କାର ମୁକୁଟ ପିନ୍ଧିବା ଲାଗି ଆପ୍ରାଣ ଚେଷ୍ଟା କରନ୍ତି । ତେଣୁ ତ ସଭା ଉପର ମଞ୍ଚରେ ବସିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଚୁର ଦାନ ଦକ୍ଷିଣା ଦେବାରେ ମଧ୍ୟ ତିଳେ ମାତ୍ର କାର୍ପଣ୍ୟ କରନ୍ତି ନାହିଁ । ଏଇମାନେ ସାହିତ୍ୟକୁ ଏକ କିଣାବିକାର ସାମଗ୍ରୀ କରି ପକାଇଲେଣି । ପ୍ରଭାବ ଅପେକ୍ଷା ପ୍ରଚାର ଯୁଗଧର୍ମ ବୋଲି ସେମାନେ ମତ ପ୍ରକାଶ କରନ୍ତି । ତେଣୁ ତ କାହା ନାମରେ କେତେ ଲେଖା ଛପାଗଲା, କିଏ କେତେ ପୁରସ୍କାର ପାଇଲା ତାକୁ ସାହିତ୍ୟିକ ମାନଦଣ୍ଡ ଭାବେ ଗ୍ରହଣ କରାଗଲାଣି । ଯାହାଫଳରେ ସମ୍ବର୍ଦ୍ଧନା ପତ୍ର ପାଇବା ଓ ବାଣ୍ଟିବାକୁ ନେଇ ଘୋଡ଼ା ବେପାର ବୃଦ୍ଧି ପାଇଲାଣି । ସେଥିପାଇଁ ସେମାନେ ସ୍ୱୀକୃତିର ସଚ୍ଚିବାଳୟ ଭିତରେ ନସର ପସର ହୋଇ ଧାଁ ଧପଡ଼ କରନ୍ତି । ଏସବୁକୁ ସାହିତ୍ୟ ସେବା ବୋଲି ଡିଣ୍ଡିମ ପିଟନ୍ତି । ହେଲେ ଖ୍ୟାତି ଭାଗଟିକୁ ସଭା ଆଗରେ ଆବୋରି ବସିଥିବା ଏଇ ସାହିତ୍ୟିକମାନେ; ଅନ୍ତଃସ୍ୱୀକୃତି ହିଁ ସାହିତ୍ୟର ମୂଳଭିତ୍ତି ବୋଲି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି । ତେଣୁ ଆଜି ସାହିତ୍ୟର ଗୁଣାତ୍ମକ ଦିଗ ପ୍ରତି ଦୃଷ୍ଟି ନଦେଇ, କାହା ନାମରେ କେତେ ଲେଖା ଛପାଗଲା, କିଏ କେତେ ଏ ଯୁଗରେ ବଡ଼ପଣ୍ଡା ଠାରୁ ପ୍ରଶଂସାପତ୍ର ପାଇଲା ସେ ସବୁର ବିଚାର କରିବାରେ ଲାଗିଛନ୍ତି । ଫଳରେ ସାହିତ୍ୟ ଆଜି ଗଣର ନ ହୋଇ ଜଣର ହୋଇଛି । ଶନିବାରସୀୟ, ରବିବାରସୀୟ ସାହିତ୍ୟ ଉତ୍ସବମାନ ଛତୁ ଫୁଟିଲା ଭଳି ଗଢ଼ି ଉଠୁଛି । ସେଠାରେ ନିଜ ବନ୍ଦନା ନିଜେ ପଢ଼ି ନିଜକୁ ଅଧିକ ଭାଗ୍ୟବାନ ମନେ କରୁଛନ୍ତି । ଫଳସ୍ୱରୂପ ସେମାନେ ସାହିତ୍ୟର ପ୍ରକୃତ ଲକ୍ଷ୍ୟ କ'ଣ ? ସେହି ପଥରୁ ଦୂରେଇ ଯାଇଛନ୍ତି । ବର୍ତ୍ତମାନ ସମୟ ଆସିଛି ଏହି ସମସ୍ୟାର ସୂତ୍ର ଏକକ ସତ୍ତା ଭାବରେ ନୁହେଁ ବରଂ ସମୂହର ଅଂଶ ଭାବରେ ସମ୍ମୁଖୀନ ହେବାର । ସାହିତ୍ୟ ସହ ସମ୍ପର୍କର ଅବିଚ୍ଛିନ୍ନ ସେତୁ ଭାବରେ ମାନବ ଆପଣା କର୍ତ୍ତବ୍ୟ ନିଷ୍ଠାର ସହ ସମ୍ପାଦନ କଲେ ଯାଇ ସିହତ୍ୟ ଏହି ବଡ଼ପଣ୍ଡାମାନଙ୍କ କବଳରୁ ମୁକ୍ତି ପାଇ ଏକକ ସହ ସମୂହର ସମନ୍ୱିତ ରୂପକୁ ପରିପ୍ରକାଶ କରିପାରିବ ଏବଂ ଆକାଂକ୍ଷା, ସ୍ୱପ୍ନ, ସମ୍ଭାବନାର କେନ୍ଦ୍ରବିନ୍ଦୁରେ ରହି ଆଗାମୀ ସମୟକୁ ବାର୍ତ୍ତା ପ୍ରଦାନ କରିବ ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*
*ସଂପର୍କ: ୮୮୯୫୧୪୧୭୨୭*

# ତୋହରି ସାଙ୍ଗୁ ମନ ଗଲେଣି କେତେ



କିଶୋର ମହାନ୍ତି

ସଂପ୍ରତି କରୋନା କବଳିତ ବିଶ୍ୱ ଯେମିତି ମୃତ୍ୟୁର ପ୍ରୟୋଗଶାଳା । ମୃତ୍ୟୁ ତାର ଭିନ୍ନ ଭିନ୍ନ ପ୍ରୟୋଗ କରିଚାଲିଛି କରୋନା ମାଧ୍ୟମରେ । ମଣିଷ ଭିତରେ ଭୟ ଓ ଡ଼ର ତାକୁ କାବୁ କରିଦେଇଛି । ଜନ୍ମ ଓ ମୃତ୍ୟୁରେ ମୃତ୍ୟୁ ଯେ ଚିରନ୍ତନ ସତ୍ୟ ଏହା ଅସ୍ୱୀକାର କରି ହେବନି - ହେଲେ ଆଜି ଯେଭଳି ଭାବରେ କରୋନା ମୃତ୍ୟୁର ତାଣ୍ଡବଲୀଳା ରଚି ଚାଲିଛି ସେଥିରୁ ମଣିଷର ନିସ୍ତାର କାହିଁ ? ? ମଣିଷ କଣ ଚାହିଁଥିଲା ଏପରି ଦୟନୀୟ ଭାବେ ମୃତ୍ୟୁ ? ଆଜି ଏ ଘଡ଼ିସନ୍ଧି ମୁହୂର୍ତରେ ଏ ମହାବେଦୀରେ ପ୍ରତିଟି ମଣିଷ ବଳି ପଡୁଛି । ଯେଉଁଠି ଦେଖିବ ସେଇଠି ହା ହାକାର -

ମୃତ୍ୟୁର ପଦଧ୍ୱନି - ବିଷାଦମୟ ପରିବେଶ,

''କେହି ନାହାଁନ୍ତି ଆଉ ଭଲେ... ସମସ୍ତେ କାଳଗ୍ରସ୍ତେ ଗଲେ...''

ସବୁଠି ଶୂନ୍ୟ - ଚିହ୍ନା ଚିହ୍ନା ମୁହଁ କିଏ କେଉଁଠି ଦିଶୁ ନାହାଁନ୍ତି । ଆଜିର ଏ ମୃତ୍ୟୁ ଯେମିତି ପୃଥିବୀରେ ପୂର୍ଣ୍ଣଚ୍ଛେଦ ଟାଣିଦେଉଛି।

ଶାସ୍ତ୍ରରେ ପୁଣି ଉଲ୍ଲେଖ ରହିଅଛି -

''ତୋର ମଙ୍ଗଳ ବିଧାନ, କରିଅଛି
ମରଣକୁ ଅମୃତ ସୋପାନ''

ଅମଙ୍ଗଳ ଭିତରେ ଅପଦେବତାଙ୍କର ଅଦୃଶ୍ୟ ଶକ୍ତି ଯେଉଁ ବିଭିଷୀକା ସାରା ବିଶ୍ୱରେ ସୃଷ୍ଟି କରୁଛି ସେଠି ମଧୁମଙ୍ଗଳ କେବଳ ଦିବାସ୍ୱପ୍ନ । କରୋନା କବଳିତ ମଣିଷର ଶେଷ ପରିଣତି କଣ ତାହା ଏ ସମୟରେ ସଂଘଟିତ ହେଇଯାଉଛି । ଆଜର ଦୁଃଖଦ ମହୁର୍ତକୁ ଭଲଭାବେ ପରଖି ଯାଇ ମଣିଷ-ମଣିଷ ଭିତରେ ଏକ ଅଜଣା ଭୟ ଗ୍ରାସି ଯାଉଛି - ଭୟ ଓ ଆତଙ୍କ ମଣିଷକୁ ଅସ୍ଥିର ଅବିଚଳିତ କରିପକାଉଛି । ମୃତ୍ୟୁର ପାଦଶବ୍ଦ ଏତେ ଭୟଙ୍କର, ହୃଦୟ ବିଦାରକ, ସେଠି ମରଣକୁ ଅମୃତ ସୋପାନ କହିବା କେମିତି ? କରୋନାର ଏ ପ୍ରକାର ଗଣହତ୍ୟା ଏ ଶତାବ୍ଦୀର ସର୍ବଶ୍ରେଷ୍ଠ ଦୁଃଖ, ତାର ପରିଣତି ମାନବ ସମାଜର ଧ୍ୱଂସ ।

ପୃଥିବୀରେ ଦୁଇଦୁଇଟା ବିଶ୍ୱଯୁଦ୍ଧ ହେଇଛି । ପ୍ଲେଗ୍ ମାତିଛି, ମହାମାରୀ ହେଇଛି, ହୀରୋସୀମା ନାଗାସାକୀ ଭଳି ବିରାଟ ବିରାଟ ସହର ଦୋହଲି ଯାଇଛି । ଅବଶ୍ୟ ଏହା ମାନବକୃତ । ମଣିଷ ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିଛି । ନିଜ ଜୀବନକୁ ମୃତ୍ୟୁ ମୁଖକୁ ଠେଲି ଦେଇଛି । ଯୁଦ୍ଧର ଡ଼ାକରାରେ ପ୍ରତିପତି, ଶକ୍ତି ଆକଳନ କରିବା ଓ ଅହଂର ବଶବର୍ତୀ ସ୍ୱୀକାର କରିବାର ଫଳଶ୍ରୁତି ହେଉଛି ଏହି ବିଶ୍ୱଯୁଦ୍ଧ । ଧନତୃଷ୍ଣା, ଯଶତୃଷ୍ଣା, କାମତୃଷ୍ଣା ପ୍ରତ୍ୟେକ ହେଉଛନ୍ତି ଅଶେଷ ଅନର୍ଥର ହେତୁ । ଏ ପ୍ରତ୍ୟେକ ହେଉଛନ୍ତି ବେଳକୁ ବେଳ ଉତୁରୁଥିବା ବହ୍ନି । ଏଣୁ ମଣିଷ ନିମ୍ନଗାମୀ ହେଉଛି ।

ବିଗତ ଶତାବ୍ଦୀର ବିଶ୍ୱବ୍ୟାପି ବିଶ୍ୱଯୁଦ୍ଧର କରାଳ ବିଭିଷୀକା ୟୁରୋପ ଭୂଖଣ୍ଡକୁ ଗ୍ରାସ କରିଗଲା । ସବୁଠି ବିଭତ୍ସତା । ଚିନ୍ତାଶୀଳ ବ୍ୟକ୍ତି ଓ ବୁଦ୍ଧିଜୀବୀ ଏ ଘଟଣାରେ ସ୍ତମ୍ଭୀଭୂତ ହେଇଗଲେ । ସମସ୍ତେ ସେତେବେଳେ ଈଶ୍ୱରଙ୍କୁ ଖୋଜିଲେ, ହେଲେ ଈଶ୍ୱର କାହାଁନ୍ତି ? କିଏ କହିଲା ଈଶ୍ୱର ଅବସରରେ । ଏଠି ପ୍ରକାରନ୍ତରେ ଡ଼େଭିଲ ବା ଅପଦେବତାଙ୍କ ରାଜତ୍ୱ ଯାହା, ତାହା ଏବେ କରୋନା କାଳରେ ଆମେ ଅନୁଭବ କରୁଛେ । ନୈରାଶ୍ୟର ଘନ କୁହୁଡ଼ି ଯେମତି ମାଡ଼ିଆସୁଛି। ଜୀବନରେ ନକରାତ୍ମକ ଚିନ୍ତାଧାରା ମନକୁ ବିବ୍ରତ, ଅବିଚଳିତ କରି ପକାଇଲାଣି । ଭୟରେ ଜନ୍ମ ହେଲା ଆଉ ସେ ଭୟ ମୃତ୍ୟୁ ଆତଙ୍କକୁ ଟାଣିଲା । କହିବାକୁ ଗଲେ ଜଗତରେ ଯେତେ ଭୟ ରହିଛି, ମୃତ୍ୟୁ ଭୟ ସବୁଠୁ ଭୟଙ୍କର । ନିଜର ମୃତ୍ୟୁ ଅପେକ୍ଷା ପରିବାରର ଅନ୍ୟମାନଙ୍କର ମୃତ୍ୟୁ ବା ବନ୍ଧୁବାନ୍ଧବ ସାଙ୍ଗସାଥି ସହୋଦରଙ୍କ ମୃତ୍ୟୁ ଜନୀତ ଦୁଃଖ ତ ଖୁବ୍ ଅସହ୍ୟ।

ଆଜି ମଣିଷ ମଙ୍ଗଳ ଗ୍ରହକୁ ଯାଇପାରେ, ଚନ୍ଦ୍ର ଖଣ୍ଡରେ ବାସସ୍ଥାନ ପାଇଁ ଜମି ଅଧିଗ୍ରହଣ କରିପାରେ ହେଲେ ମୃତ୍ୟୁଠୁଁ କଣ ଦୂରେଇ ଯାଇପାରେ ? ଏହା ହେଉଛି ମହାକାଳର ଲୀଳା । ପରୀକ୍ଷିତ ମହାରାଜାଙ୍କୁ ସର୍ପ ଦଂଶନରୁ ରକ୍ଷା କରିବା ନିମନ୍ତେ ଧନନ୍ତ୍ୱରୀ ମଧ୍ୟ ସମର୍ଥ ହେଇପାରି ନଥିଲେ । ମହାକାଳ ହସ୍ତକୁ ପୁତ୍ର ଅଭିମନ୍ୟୁ ପ୍ରାଣ ପାଇ ପାରିଲା ନାହିଁ । କହିବାକୁ ଗଲେ ବନ୍ୟା, ବାତ୍ୟା, ମରୁଡ଼ି, ଭୂମିକମ୍ପ, ମହାମାରୀ ସେଇ ମହାକାଳଙ୍କର ଦୂତଗଣ । ବିଶ୍ୱର ପ୍ରଳୟ ହେଇ ପାରେ କିନ୍ତୁ କାଳ ହିଁ ଅମର ହେଇ ରହିବ । କେତେ କେତେ ପରିବାରଙ୍କ ଆଖିରୁ ଏବେ ବି ଲୁହ ଶୁଖିନି । ଆମ ରାଜ୍ୟର ଓ ଦେଶର ଅନ୍ୟତମ ପଥର ଶିଳ୍ପୀ ବିଶ୍ୱକର୍ମା ରଘୁନାଥ ମହାପାତ୍ରଙ୍କ କଥା ଚିନ୍ତା କଲେ ! କେତେ ଦୁଃଖଦ କେତେ ମର୍ମନ୍ତୁଦ ଘଟଣା ! ଯେତେ ଯେତେ ଏହି କରୋନା ମହାମାରୀର ଚୋଟରେ ମୃତ୍ୟୁବରଣ କଲେ ସେ ଯେ ଆମର ଭାଇବନ୍ଧୁ କୁଟୁମ୍ବ ନୁହଁନ୍ତି କିଏ କହିବ । କେତେ ଗଲେ ତାର ପରିସଂଖ୍ୟାନ ଆମ ପାଖରେ ତ ନାହିଁ । ସେଇ ମଶାଣୀ ତାର ହିସାବ ରଖିଛି । ପ୍ରତିଦିନର ମୃତ୍ୟୁ ଖବର ସମଙ୍କୁ ବ୍ୟସ୍ତ ବିବ୍ରତ କରିଦେଇଛି । ମଣିଷ ବାସ୍ତବିକ ଏବେ ମାନସିକ ଅବସାଦ ଭିତରେ ଗତି କରୁଛି । କେବଳ ଭାତରରେ ନୁହେଁ ସାରା ବିଶ୍ୱ ଆଜି କରୋନା ଦ୍ୱାରା ଥରହର । ମୃତ୍ୟୁ ଯେ ଏତେ ଭୟଙ୍କର ତାହା ସମସ୍ତେ ଅନୁଭବ କଲେଣି । ଚିକିତ୍ସାବିତ୍, ବୈଜ୍ଞାନିକ, ଭୂତାଣୁ ବିଶାରଦ ଆଜି ହତବାକ୍ । ଏ ଅସାଧ ବେମାରୀ ଫୁସ୍‌ଫୁସ୍‌କୁ କଣା କରିଦେଇ ଅମ୍ଳଜାନର ଭାଗ କ୍ରମଶ ହ୍ରାସ କରୁଛି । ଅମ୍ଳଜାନ ନପାଇ ଲୋକ ମରୁଛି । ଛଟପଟ ହୋଇ ପ୍ରାଣବାୟୁ ଉଡ଼ିଯାଉଛି ।

କରୋନା ବନ୍ଧୁତ୍ୱ ଆଉ ସମ୍ପର୍କ ଭିତରେ ଟାଣି ଦେଇଛି ଗୋଟାଏ ଲକ୍ଷ୍ମଣରେଖା । ମଣିଷ ବିତାଉଛି ଗୃହ ବନ୍ଦୀର ଜୀବନ । ପ୍ରକୃତରେ ସବୁ ପ୍ରକାର ସାହାଯ୍ୟ ପାଇଁ ବନ୍ଧୁଟିଏ ଲୋଡ଼ା । ଏବେ ବନ୍ଧୁ କରୋନା ଭୟରେ ଦୂରେଇ ଯାଉଛି । ଯିଏ ନିଜର ଥିଲେ ସେ ପର ହୋଇଯାଉଛନ୍ତି । ଏଇ ମଣିଷର ଏପରିକି ବୈଜ୍ଞାନିକମାନଙ୍କର କଳାକୌଶଳ ବୈଷୟିକ ଜ୍ଞାନ ଗାରିମାକୁ ଗୋଟେ ଫୁତ୍କାରରେ କରୋନା ଉଡ଼ାଇ ଦେଉଛି ।

ମଶାଣୀର ନିଆଁ ଏବେ ବି ଲିଭୁନି । ଏତେ ମୃତ୍ୟୁ ଦେଖି ମଶାଣୀ ବି ମ୍ରିୟମାଣ । ନିଜେ ନିଜକୁ ପ୍ରଶ୍ନ କରୁଛି । ସେ ଭାବୁଛି ନିଜ ଛାତିରେ ଅମୃତର ପୁତ୍ରଙ୍କୁ ଧରି ନିଜେ କେତେ ପାପ କରୁଛି । ଏଣେ ସତର୍କତା, ସାବଧାନତା ଲୋଡ଼ା, ମୁହଁରେ ମୁଖାପିନ୍ଧି ଦୁଇଗଜ ଦୂରତ୍ୱ ରଖ, ହାତଗୋଡ଼ ଧୁଅ, ସାନିଟାଇଜର ସାଥିରେ ନିଅ, ବେଶୀ ଘରୁ ବାହାର ନାହିଁ - ତଥାପି ଏତକ କରି କରାନା ଅଚାନକ ଭାବେ ମାଡ଼ି ବସୁଛି । ଚାରିଆଡ଼େ ଆତତାୟୀ ଭଳି ଘରୁବୁଲୁଛି ।

ସାଧାରଣଙ୍କ ସହ କରୋନା ଯୋଦ୍ଧା ନିଜ ଜୀବନକୁ ବି ବାଜିଲଗାଇ ମୃତ୍ୟୁର ଶୀକାର ହେଉଛନ୍ତି । ଚାରିଆଡ଼େ ଆଜି ସେଥିପାଇଁ ଏତେ ବିଳାପ, ପ୍ରଳାପ, କ୍ରନ୍ଦନ, ଏତେ ଅଧିରତା । ଘରେ ଘରେ କାନ୍ଦବୋବାଳି ପଡ଼ିଛି । ଗୋଟିଏ ପରେ ଗୋଟିଏ ଜୀବନ ଚାଲିଯିବା ଏହା ବାସ୍ତବିକ ଦୁଃଖଦାୟକ । କରୋନା ମୃତ୍ୟୁର ତାଣ୍ଡବଲୀଳା ରଚି ଚାଲିଛି । କିନ୍ତୁ ମୃତ୍ୟୁ ଯେ ଚିରନ୍ତନ ସତ୍ୟ ତାକୁ ଅସ୍ୱୀକାର କରିବା କେମିତି । ଗୋଟାଏ ଅଦୃଶ୍ୟ ଶକ୍ତି ଦ୍ୱାରା ଆମେ କବଳିତ । ଏବେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏ ମହାମାରୀରୁ ତାକୁ କଣ ସମୁଚିତ ଶିକ୍ଷା ମିଳିନାହିଁ ? ସ୍ୱାର୍ଥପରତା ଅପରାଧ ପାଇଁ ସେ ଦଣ୍ଡ ପାଉଛି । ତେଣୁ କହିଛି ଛନ୍ଦ କପଟ ତେଜ ଗୋବିନ୍ଦ ଭଜ...'' ଏ କଥାକୁ କିଏବା ଅସ୍ୱୀକାର କରିବ । ବଂଚିବା ପାଇଁ ମଣିଷର ଦୁର୍ବାର ସଂଘର୍ଷ ଜାରି ରହିଛି ।

ମଣିଷ ଟିକିଏ ହେଜୁ - ''କାଳ କବଳେ ସିନା ଏ ରୂପେଭାଇ ଆରତେ ନର ଘାରି ହେଉଣ ଥାଇ । ତେବେ ହେଁ ମନାସଇ ଲଭି ଏ ଦଶା ମେଂଟାଇବାକୁ ଭବ ଭୋଗଲାଳସା ।'' ଏଥିରୁ ଦୂରେଇ ରହି ଜୀବନକୁ ଜଟିଳ ନୁହେଁ ସରଳ ମାର୍ଗରେ ପରିଚାଳିତ କରିବା ଉଚିତ ।

*ଇ-୫୦, ସେକ୍ଟର -୭, ସିଡ଼ିଏ,*
*କଟକ-୧୪*
*ଫୋନ୍-୯୪୩୭୭୨୮୪୭୫*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର



ଭାଗ-୩୪

# ବେଳ ଭଲ ନାହିଁ

ଦେଖ, ଦେଖ ମାଧିଆ ବୋଉ, ତମେ ଯେଉଁ କଥାଟି କହୁଛ ଏବଂ କରିବାକୁ ଯାଉଛ ତା'ର ପରିଣାମ କ'ଣ ଜାଣିଛ ତ?

ସେଥିପାଇଁ ତ କହୁଛି - ମୁଁ ଜୀବନରୁ ପାଣି ଛଡେଇ ଏ ବିଷୟରେ ମୁହଁ ଖୋଲିବାକୁ ନିଷ୍ପତ୍ତି ନେଇଛି।

ନାହିଁ-ନାହିଁ, ମୁଁ ସେ ପରିଣାମ ବିଷୟରେ କହୁନାହିଁ। ଜଣେ ଲୋକର ଚରିତ୍ର ସଂହାର ଭଳି କଥା କଲେ ତା'ର କି ପରିଣାମ ହେବ ସେ ବିଷୟରେ କହୁଛି।

ଚରିତ୍ର ସଂଘାର। କାହାର? ସେମାନଙ୍କର ଚରିତ୍ର ଥିଲେ ତ ମୁଁ ସଂଘାର କରିଥାଆନ୍ତି। ଆପଣ ଗାଆଁରେ ରହୁ ନଥିଲେ ତ, ଆଉ ଏବେ ଏବେ ଗାଆଁକୁ ଆସିଛନ୍ତି, ହେଲେ ଆସିବା ଦିନଠାରୁ ଗାଆଁର ବଡ ବଡ ସମସ୍ୟା ନେଇ ଆପଣଙ୍କ ପାଖରେ ଭିଡ ଲାଗି ରହିଛି। ତେଣୁ ଏ ସବୁ ଛୋଟ ଛୋଟ ସମସ୍ୟା କଥା ଆପଣଙ୍କ ଦୃଷ୍ଟିକୁ ଆସିନି। ହେଲେ ଯାହାକୁ ଆମେ ଛୋଟ ସମସ୍ୟା କରି ଅଣଦେଖା କରିଦେବା ତାହା ଶେଷକୁ ଯାଦୁ ପରି ସାରା ଗାଆଁରେ ଶରୀରରେ ମାଡିଯିବ। ସେତେବେଳକୁ ନା କୁଣ୍ଡାଇ ହେଉଥିବ ନା ଭଲ କରି ହେଉଥିବ।

ହଉ ତମ ଦୃଷ୍ଟିରେ ଯଦି ଏଇଟା ଏତେ ବଡ ସମସ୍ୟାଟିଏ ପରି ଉଭା ହୋଇଛି, ମୁଁ ତୁମେ ଡକାଇଥିବା ନିଶାପକୁ ନିଶ୍ଚୟ ଯିବି।

ମାଧିଆ ବୋଉ ଚାଲିଯିବା ପରେ ସୁଦର୍ଶନ ବାବୁ ଚିନ୍ତା କରୁଥିଲେ, ପରକୀୟା ପ୍ରୀତି ଆଗରୁ ସହର ବଜାରରେ ହେଉଥିଲା ବୋଲି ଆମେ ଶୁଣିଥିଲୁ। ଗାଁ ଗହଳରେ ଏହାର ଦୌରାତ୍ମ୍ୟ ଏତେ ନଥିଲା। କାଁ-ଭାଁ ଲୁଚିଛପି କିଏ କେଉଁଠି ପାଦ ଖସାଉ ଥିଲା। ମାତ୍ର ଯଦି ଏହା ପ୍ରକାଶ୍ୟରେ ଚାଲିଥାଏ ତେବେ ତ ଏକ ଭୟଙ୍କର ସମୟ ଗାଆଁକୁ ଆସୁଛି ବୋଲି ଭାବିବାକୁ ପଡିବ। ଏହି ସମୟରେ କାନ୍ଧରେ ଜୁଆଳୀଟିଏ ପକାଇ ଆସୁଥିଲା ଅନନ୍ତ। ଅନନ୍ତ ସୁଦର୍ଶନଙ୍କ ସହପାଠୀ ଥିଲା। ମ୍ୟାଟ୍ରିକ୍ ପର୍ଯ୍ୟନ୍ତ ଯାଇ ପାରିଲାନି। ପାଠପଢ଼ା ଅପେକ୍ଷା ଚାଷ ବାସରେ ତା'ର ଅଧିକ ସଉକ। ପିଲାବେଳୁ ଚାଷରେ ପଶିଯାଇଛି ଯେ ଏଯାଏଁ ମୁକୁଳି ପାରିନି। ଅବଶ୍ୟ ନିଜ ପରି ପିଲାମାନଙ୍କୁ ଚାଷରେ ଭର୍ତ୍ତି କରିନି। ପିଲାମାନଙ୍କୁ ପାଠ ଶାଠ ପଢ଼ାଇଛି ଏବଂ ପିଲାମାନେ ଗାଆଁ ପାଖରେ ମାଷ୍ଟ୍ର ଚାକିରି କରୁଛନ୍ତି। ତାକୁ ଦେଖି ପକାଇ ସୁଦର୍ଶନ ବାବୁ କହିଲେ- କ'ଣ ଅନ୍ତ ଭାଇ, ତମର ରିଟାୟାର୍ଡମେଣ୍ଟ ହେବନି ନା କ'ଣ?

ମୁଁ କ'ଣ ତୋ ଭଳି ସରକାରୀ ଚାକିରିର ବାବୁ ହୋଇଥିଲ ଯେ ଅଠାବନ ହୋଇଗଲା ବୁଢ଼ା କହି ଖେଦି ଦେବ କ୍ଷେତ। ଆରେ ଆମ ଚାକିରି ପା' ହାତ ଗୋଡ ଚଳୁଥିବା ଯାଏ।

ହଁ-ଯେ, ଏତେ ତ ବୟସ ହେଲାଣି ଚାଷରୁ ଅବ୍ୟାହତି ନିଅ।

ନିଅନ୍ତି ଯେ-ହେଲେ ଆମକୁ ତ ଆଉ ତମ ଭଳି ପେନସନ୍ ମିଳୁନି ଯେ ବସିକରି ଆରାମରେ ଚଳିଯାଇ ହେବ।

ଢେର ଦିନ ହେଲାଣି ତ ଏ କାମରେ ଖଟିଲାଣି, ଏବେ ପିଲାମାନଙ୍କୁ ସେ ଦାୟିତ୍ୱ ଦେଇ ତମେ ଟିକିଏ ଧର୍ମ କର୍ମରେ ମନ ଦିଅ।

ଭଲ କଥା ପଦେ କହିଲୁ ଯେ- ହେଲେ ମୋତେ କ'ଣ ମୋ ବାପା ଏ ଦାୟିତ୍ୱ ଦେଇଥିଲେ? ମୁଁ ତ ବଳେ ପଶି ଦାୟିତ୍ୱ ନେଇଥିଲି। ଅବଶ୍ୟ ମୋ ଦେହି ପାଠ ହେଉ ନଥିଲା। କିନ୍ତୁ ମୁଁ ତ ମୋ ପିଲାମାନଙ୍କୁ କହୁନି ନିଜେ ହଳ ଧରି ଚାଷ କର ବୋଲି। ପାଠ ପଢ଼ିଲ, ଚାକିରି କଲ ଠିକ୍ କଥା, ହେଲେ ମୂଲିଆ ମଜୁରିଆଙ୍କୁ ନେଇ କ'ଣ ଚାଷ ବାସ ଦେଖି ହୁଅନ୍ତା ନାହିଁ? ପାଠଶାଠ ପଢ଼ି ମାଡି ମାଡି ତମେମାନେ ମାଷ୍ଟ୍ର ଖଣ୍ଡେ ଖର୍ଡେ ହୋଇଛ ତ, କେଉଁ କଲେକ୍ଟର ତ ହୋଇ ଯାଇନ? ସେମାନେ ଯାହା ବିଲ ମୁହାଁ ହୁଅନ୍ତେ ତାଙ୍କର ମାଇକିଣାମାନେ ତ ଖଣ୍ଡେ ଖଣ୍ଡେ ଲାଟ ସାହେବାଣୀ, ତାଙ୍କର କୁଆଡେ ନାକ କଟିଯିବ ଏମାନେ ବିଲକୁ ଗଲେ। ଭଲ କଥା, ନ ଯା' ବିଲକୁ, ମଲାଯାଏ ତ ମଣିଷର ଲୋଭ ଅଛି, ମୁଁ ଯେତେଦିନ ପାରୁଥିବି ଯାଉଥିବି। ମୁଁ ମଲାପରେ ତମମାନଙ୍କର ଗେଫ ବନ୍ଦ ହେଲେ ହେଉ।

ଚାକିରି ବାକିରି କରିଛନ୍ତି ପା' ସେମାନେ, ବିଲକୁ ନଗଲେ ସେମାନଙ୍କ ଗେଫ କାହିଁକି ବନ୍ଦ ହେବ?

ଚାକିରି କରିଛନ୍ତି ଯେ ହେଲେ ସେମାନଙ୍କ ଦରମାର ଦର୍ଶନ ତ ମୁଁ କରି ପାରିନି ଆଜିଯାଏ?

ସଞ୍ଚୟ କରି ରଖୁଥିବେ?

ହେଇଥିବ, ହେଲେ ସେ ସଞ୍ଚୟ ପରିବାରର ସାମୁହିକ ଉନ୍ନତି ପାଇଁ ନୁହେଁ, ବ୍ୟକ୍ତିଗତ ଉନ୍ନତି ପାଇଁ?

ମୁଁ ବୁଝିଗଲି ଅନ୍ତାଭାଇର ଅସନ୍ତୋଷର ମଞ୍ଜିକୁ।

(କ୍ରମଶଃ)

## ଭେଣ୍ଟିଲେଟରରେ ପ୍ରେମ

ରକ୍ଷକ ନାୟକ




ପ୍ରତ୍ୟେକଙ୍କର ଏକ ନିର୍ଦ୍ଦିଷ୍ଟ ଆୟୁଷ ଥାଏ
ସେ ପ୍ରାଣୀ ହେଉ କି ପୃଥିବୀ
କି ସାରା ସୃଷ୍ଟି ସକଳ
ଏପରିକି ସମୟ; ବି ଠାକୁର।
ଆୟୁଷ ଥିବାତକ ଅ ଠୁ କ୍ଷ
ସବୁ ଉପରେ ସବାର
ଆୟୁଷ ଶେଷ ହେଲେ ଫୁସ୍
କିଛି ବି ଚିହ୍ନ ରହେନି
ଥିବା ନଥିବାର।
କହିବାର ଅଭିପ୍ରାୟ ଏହିକି ଯେ
ଆମ ପ୍ରେମର ଆୟୁଷ ସରିଯାଇଛି
କେବେଠୁ ମୃତ
କେବଳ ବଂଚିଛି ବୋଲି ପ୍ରତ୍ୟୟ ହେଉଛି
ଭେଂଟିଲେଟରରେ।
ତୁମେ ଠିକ୍ ଜାଣିଛ
ସେଥିପାଇଁ ସାହିତ୍ୟକୁ
ଗଣିତ କରିପାରିଛ।
ନିଦରୁ ହଠାତ୍ ଉଠି
ସ୍ୱପ୍ନ ସଜାଡ଼ିବା ଭଳି ମୋ'ର ଅବସ୍ଥା।
ପୋଡ଼ି ଯାଇଥିବା ସହରକୁ ଖୋଳି
ଇତିହାସ ପୃଷ୍ଠା ଭର୍ତି କରୁଛି
ସ୍ମୃତିକୁ ଜୀବନ୍ୟାସ ଦେବାର
ଅସଫଳ ପ୍ରୟାସ କରୁଛି।



ସ୍ମୃତି ବୋଲି କିଛି ନଥାଏ
ମନବୋଧର ବାହାନା
ଦୁର୍ବଳର ବିକଳ ଆଇନା।
ଯେ ଗଲା ଗଲା
ଚିରକାଳ ପାଇଁ ସରିଗଲା।
ଦୀପକୁ ଲିଭାଇ ଦେଲେ
ଶିଖା କେଉଁଠି ରୁହେ?
ଆୟୁଷରେ ଆକାର ଯୋଡ଼ିବାର
ପ୍ରାର୍ଥନା।
ସବୁ ବୁଝୁଛି, ତୁମ ଭଳି
କିଂତୁ ତୁମଭଳି ମୋ'ର ଆଉ କ'ଣ
ସଂପଦ ଅଛି କହିଲ
କେବଳ ସ୍ମୃତି ବିନା -
ଅବଶିଷ୍ଟ ଆୟୁଷ
ବଂଚିଯିବାର ଗୋଟେ ମିଛ ବାହାନା।

ମୋ:୯୪୩୭୧୭୧୪୪୦




## ବଜାରେ ବଜାରେ ବାଇଦ ବଜା

ନିଖିଳପ୍ରଭା ମିଶ୍ର



ବଜାରେ ବଜାରେ ବାଇଦ ବାଜିଲା ଦେଶ ହୋଇଲା ସ୍ୱାଧୀନ
ଛାଡି ଚାଲିଗଲେ ବିଦେଶୀ ମୋ ଦେଶୁ ରଖିଦେଇ ତାଙ୍କ ମନ
ଭାଷା ମୋ ବିଦେଶୀ ଆଚାର ବିଦେଶୀ ଦେହଟା ସିନା ଦେଶୀ
ହାବ ଭାବ ଆଉ ଯାହା ମୁଁ କରୁଚି ଲାଗେ ଗୋଟେ ପରଦେଶୀ
ମିଶୁ ମୋର ଦେବ କହୁଥିଲେ ଯିଏ ସେ ମାଟିରେ ଆମେ ଜନ୍ମି
ଲୁଟି ନେବା କଳା ଶିଖିଚୁ ଭଲରେ ନୀତି ବିବେକ ନମାନି
କାହିଁ ଗଣତନ୍ତ୍ର ଅଭିଯାତତନ୍ତ୍ର ଶାସନ ଏବେ ତ ଚାଲିଛି
ସମ୍ବିଧାନ ଦେହେ ବିଧି ଓ ବିଧାନ ବନ୍ଧା ବନ୍ଦି ହୋଇ ରହିଛି।
ଜନତା ଯେମିତି ନେତା ବି ସେମିତି ଖଜୁରୀ ଗଛର ପାହାଚ
ଧୂଆଁ ବାଣ ଯିଏ ଭଲ କି ଛାଡିଲା ହାତୀ ଢ଼ାଳେ ସୁନା କଳସ
ଭଲ ମଣିଷକୁ ଚିହ୍ନିବ ବା କିଏ ପାଟିରେ ମୁହଁରେ ତାଲା
ଉଡିବାକୁ ଯିଏ ଚାହେଁ ସ୍ୱାଧୀନରେ ଡେଣା ତାର କଟା ଗଲା
ଆମ୍ବ ଗଛେ ଯଦି ପଣସ ପଲୁଚି କହିବେ କରିବ ହାଂଜି
ସୁବିଧାରେ ଦିନେ ଦିନ ସରିଗଲେ ଲଗାଇ ଜିତୁଛି ବାଜି।



ହୀରା ଧରି ପକା ସୁନାର ପାଟକୁ ପିନ୍ଧିବି ଭାରତ ମାତା
ଲାଗୁଅଛି କାହିଁ ଗୁମୁରି କାନ୍ଦୁଚି ବୁଝୁଛି କିଏ ତା ବ୍ୟଥା
ଭାରତ ମାତାର ଜୟଗାନ କରି ଗାଇଲୁ ସ୍ୱାଧୀନ ଗୀତି
ସେବାର ନାଁରେ ସ୍ୱାର୍ଥକୁ ପୂଜିଚୁ ଦଳ କନ୍ଦଳରେ ମାତି
କିଏ ଖାଉଥାଏ ସୁନା ଚାମଚରେ ପାଏନା କେ ପୋଡା ରୁଟି
ମାଆ ହୋଇ ସିଏ ପାରିବ କି ସହି ପାଟି ତା ପାରେନା ଫିଟି
କେତେ କୁଟ ନୀତି ଅନ୍ୟାୟ ଅନୀତି ନୀରବେ ଯାଉଚି ସହି
ରୂପ ବଦଳାଇ ଅଭିନୟ କରି ଦେଇଥାନ୍ତି ମନ ମୋହି
ଯା ଲୁହ ଲୁହରେ ସ୍ୱାଧୀନ ହୋଇଲୁ ଭୁଲିଗଲୁ ତାଙ୍କ ତ୍ୟାଗ
ଫୁଲ ମାଳ ଦେଇ ଥରେ ଦୁଇଥର କରୁଅଛୁ ସୁଖ ଭୋଗ
ରାଜା ଯିଏ ଥିଲେ ମନ୍ତ୍ରୀ ଆଜି ସିଏ ଥାଆନ୍ତି ରାଜ ଭବନେ
ଯା ପାଇଁ ଏ ଦେଶ ଚଳୁଛି ସେ ବଞ୍ଚେ ଅଭାବ ସହି ଜୀବନେ
ଆମରି ନାଆର ଆମେତ ନାଉରୀ ବୁଡାଇବୁ ଯଦି ଡଙ୍ଗା
କାହାକୁ କହିବା ନିଜେ ନିଜ ପାଇଁ ତିଆରି କରୁଚୁ ଦଙ୍ଗା।

ଗଞ୍ଜାମ

## ମିଳନ

ଗୀତାଞ୍ଜଳୀ ମହାରଣା





ଦେବୀକୁ ଯେତେ ଥର ତା ଭାଉଜ କହିଲେ ଆରେ ଥରେ ତ ହେଲେ କଥା ହୁଅ। ନିର୍ବନ୍ଧ ପରେ ପୁଅଝିଅ ଏମିତି କଥା ହେବା ତ ସାଧାରଣ କଥା। କିନ୍ତୁ ଦେବୀର ଏକା ଜିଦ୍, ନା ସେ କଥା ଦେବନି। ଅବଶ୍ୟ ଭାଉଜ ଭାବିଲେ ଲାଜରେ କିନ୍ତୁ ଦେବୀ ମନରେ ଅଲଗା କିଛି ଥିଲା। ନାରୀ ଜୀବନର ଲଜ୍ୟା ତ ତାର କୁମାରୀ ଜୀବନର ପ୍ରଥମ ପ୍ରେମ। ଯାହାକୁ କି ଭୁଲି ହୁଏନି କି ହୃଦୟରେ ଆଙ୍କିଥିବା ଛବିକୁ ଲିଭେଇ ହୁଏନି। କେବଳ ହୃଦରେ ଏକ ସ୍ୱତନ୍ତ୍ର କୋଣରେ ସାଇତି ରଖି ହୁଏ ଯୁଗ ଯୁଗକୁ। ଏମିତି ପ୍ରେମତ କଳଙ୍କିତ ନୁହେଁ, ପାପ ନୁହେଁ କିମ୍ବା ପ୍ରତ୍ୟାଖାନ କରାଯାଇ ପାରେନା ବରଂ ଏମିତି ପ୍ରେମ ଝରଣା ପରି ନିର୍ମଳ ଆଉ ବର୍ଷା ପରି ପବିତ୍ର, ନିଷ୍ପାପ। ଯାହା ଗ୍ରହଣ ଯୋଗ୍ୟ। ଦୁଇ ଜଣଙ୍କ ମଧ୍ୟରେ ଥିଲା ଅହେତୁକ ପ୍ରେମ, ପ୍ରବଳ ଆକାର୍ଷଣ, ଗଭୀର ବିଶ୍ୱାସ ଦୁଇ ଜଣଙ୍କ ମଧ୍ୟରେ ଥିଲା ଏକାକାର ହୋଇଯିବାର ପାଗଳାମୀ। ଦୁଇଜଣଙ୍କୁ ଦେଖିଲେ ଲାଗେ ସତରେ ଏମାନଙ୍କ ଯୋଡ଼ି ସ୍ୱର୍ଗରୁ ଭଗବାନ ଭାବିଚିନ୍ତି ସ୍ୱତନ୍ତ୍ର ଭାବରେ ଗଢିଛନ୍ତି। କେହି କାହାଠାରୁ କମ ନୁହଁନ୍ତି, ଉଭୟ ଉଭୟଙ୍କ ପାଖରେ ସମର୍ପିତ, ସତେକି ଜଣଙ୍କ ବିନା ଆଉ ଜଣେ ଅସମ୍ପୂର୍ଣ୍ଣ। କିନ୍ତୁ ଅଦୃଶ୍ୟର ଇଚ୍ଛା କିଛି ଅଲାଗା ଥିଲା। ତାର ଆଗରେ ଆମେ ସମସ୍ତେ ଅସହାୟ। ସୃଷ୍ଟିର ଏ ନିୟମକୁ ଦେବୀ ନିଜକୁ ବୁଝେଇ ସାରିଛି। ଯଦି କଥାବାର୍ତ୍ତା କରି ଚିହ୍ନି ଜାଣି ବାହା ହୋଇଥାନ୍ତା ତ ସେଇ ଜଣକୁ ଯାହାକୁ ସେ ନିଜ ଜୀବନ ଠାରୁ ବି ଅଧିକ ଭଲ ପାଉଥିଲା, ଯଦି ସେ ହେଲା ନାହିଁ ତ ଆଉ କାହା ସହିତ କାହିଁକି କଥା ହେବ। ଯଦି ଭାଗବାନଙ୍କର ଏଇଆ ଇଚ୍ଛା ତେବେ ତାଙ୍କ ଇଚ୍ଛା ପୂରଣ ହେଉ। ଦୁଇ ଅପରିଚିତ ବ୍ୟକ୍ତିଙ୍କର ମିଳନ ହବ। ନୂଆ ଜୀବନର ପ୍ରଥମ ରାତି। ରଜନୀଗନ୍ଧାର ଶେଯ, ନାଲି ଟୁକୁଟୁକୁ ସାଧବ ବୋହୁ ପରି ବସିଛି ଦେବୀ, ଅସ୍ଥିର ମନର ଭୟ, ଲଜ୍ୟାର ଟଣା ଓଟରାରେ ଦେବୀ ଅସ୍ତବ୍ୟସ୍ତ। ମନଟା ସିନା ବାତ୍ୟା ମହାବାତ୍ୟାର ତାଣ୍ଡବରେ ବିଚଳିତ କିନ୍ତୁ ଶରୀର ସ୍ଥିର।

କବାଟର ଧଡଖଡ ଶବ୍ଦରେ ଆହୁରି ଶଙ୍କିଗଲା। ସରୁ ଓଢଣୀକୁ ଆଗକୁ ଟାଣିଦେଇ ଧିରେ ଧିରେ ବେଡ ତଳକୁ ଆସି ପାଦଛୁଇଁ ସଂଭ୍ରମତାର ସହିତ ନମସ୍କାର କଲା। ଶରତ, ମାନେ ଦେବୀର ସ୍ୱାମୀ ସଂସ୍କାରୀ ଆଉ ସଂଭ୍ରମ। ସେ ଦେବୀକୁ ନଚାହିଁ ବି ତା ଥରିଲା ହାତର ସ୍ପର୍ଶରୁ ଜାଣିପାରିଲା ଯେ ଦେବୀ ବିଚଳିତ ଅଛି। ତେଣୁ ସେ କହିଲା ଯେ ଭୟ କରିବାର କିଛି ନାହିଁ ଉଠ। ଅରାମସେ ବେଡ ଉପରେ ଯାଇ ବସ। ଯେପର୍ଯ୍ୟନ୍ତ ତୁମେ ସହଜ ଅନୁଭବ ନକରିଛ ସେ ପର୍ଯନ୍ତ ମୁଁ ତୁମକୁ ଡିର୍ଷ୍ଟବ କରିବିନି। ତା ଛଡା ମୋର ଆଉ କିଛି କହିବାର ଅଛି କହିବି, ତମର ଯଦି କିଛି କହିବାର ଥାଏ କୁହ। କହି ଶରତ ଦେବୀକୁ ପଛ କରି ଯାଇ ଦୀପ ପାଖରେ କଣ କରୁଥାଏ ବୋଧେ।

ଶରତ ଆରମ୍ଭ କଲା ମୋର ଏବେ ବାହା ହବାର ଇଚ୍ଛା ନଥିଲା, ବୋଉ ଦେହ ଖରାପ ପାଇଁ ମୁଁ ବାଧ ହେଇ ବାହା ହେଇଚି। ତୁମେ ଜାଣିଥିବ ମୁଁ ଗୋଟେ ପ୍ରାଇଭେଟ ଜବ କରୁଚି। କିନ୍ତୁ ଏଇଟା ମୋ ଲକ୍ଷ ନୁହେଁ। ମୋର ଲକ୍ଷ ଆଇ.ଏ.ଏସ ହେବା। ସେଥିପାଇଁ ମୋର ଏବେ ପ୍ରସ୍ତୁତି ଚଳିଛି, ତେଣୁ ମୁଁ ଚାହୁଁନି ତୁମେ ମୋତେ ଡିର୍ଷ୍ଟବ କର ବୋଲି ....... କହି ପଛକୁ ଚାହିଁ ଦେଲା, ଦେବୀ ତଳକୁ ମୁହଁ କରି ବସି ଶଣୁଥାଏ। ହଠାତ ଶରତ ଦେବୀ ପାଖକୁ ଚଲିଆସି ଦେବୀର ବାହୁ ଦି ଟା କୁ ଧରି ପକାଇ କହିଲା ତୁମେ...।

ଦେବୀ ମଧ ଚମକି ପଡି ଶରତକୁ ଆଶ୍ଚର୍ଯ୍ୟ ହେଇ ଚାହିଁଦେଲା। ଧିରେ ଧିରେ ଦେବୀର ବିସ୍ମିତ ମୁଖମଣ୍ଡଳରେ ମଧ ସ୍ମିତି ହସର ଲହରି ଖେଳିଗଲା। ଉଭୟଙ୍କ ମୁହଁରୁ ଅବଶୋଷର କଳା ବାଦଲଟା ଉଭେଇ ଗଲା। ଦେବୀ ଲାଜ ହସ ମିଶା ଓଠରେ କହିଲା ବସ୍‌ରେ ମୋ ବାପାଙ୍କ ସହିତ କଲେଜ ଗଲା ବେଳେ ତମେ ସେଇ...।

ଶରତ ଜୋର ଦେବୀଙ୍କୁ ନିଜ ପାଖକୁ ଟାଣି ଆଣି କୁଣ୍ଢେଇ ପକାଇ କହିଲା କାହିଁ କଣ ସନ୍ଦେହ ହେଉଛି?

ଜାଣିଛ ତମ ସହିତ ଦେଖାପରେ ମୁଁ ଆଉ ମୋ ନିଜକୁ ହଜାଇ ଦେଇଥିଲି ତମ ପାଖରେ। ବସରେ ଯୋଉ ପାଞ୍ଚ ଛଅ ଥର ଦେଖା ହେଲା ସବୁ ଥର ଭାବେ ଆଜି କଥା ହେବି। ତମ ଠିକଣା ଆଣିବି କିନ୍ତୁ ସାହାସ ହୁଏନି। ଯେତେବେଳେ ନିଜକୁ ପ୍ରସ୍ତୁତ କରି ମନସ୍ତ କଲ ଆଜି ଯାହା ହଉ, ତମ ବାପା ଥାନ୍ତୁ ପଛେ କଥା ହେବି କିନ୍ତୁ ସେଦିନଠାରୁ ତମକୁ ଆଉ ଦେଖିବାକୁ ପାଇଲିନି। କୁଆଡେ ପଳେଇଗଲ ମତେ ଛାଡ଼ି ...।

ମୋ ବାପା ଆମ କଲେଜରେ ଲାଇବ୍ରେରିଆନ ଥିଲେ। ତାଙ୍କର ଟ୍ରାନ୍ସଫର ହାବାରୁ ଆମେ ପଳେଇଗଲୁ ...।

ଶରତ ଭାବ ବିହ୍ୱଳ ହେଇ କହିଲା ତମେ ହିଁ ମୋର ପ୍ରଥମ ଆଉ୍ ଶେଷ ପ୍ରେମ ଥିଲ। ଦେବୀ କହିଲା ମୋର ବି, କହି ଶରତକୁ ଆଉ ଟିକେ ଜୋରେ ଭିଡି ଦେଲା। (ଉପରକୁ ଚାହିଁ) ତାହେଲେ ଏଇଆ ତୋର ଇଚ୍ଛା ଥିଲା ତ ଏତେ କଷ୍ଟ ମତେ କାହିଁକି ଦେଲ ପ୍ରଭୁ, ଦୁହେଁ ଏକାସାଙ୍ଗେ କହି ଉଠଲେ। ପୁଣି ଫିଁଛକିନା ହସିଦେଇ ଉଭୟ ଉଭୟଙ୍କ ଭିତରେ ହଜିଗଲେ।

*ମନ୍ଦାର ବଗିଚାପଡା*
*ମୋ ନଂ- ୯୪୩୭୩୯୫୦୩୮*

## କବିତାର କଥା
(ଭାଗ-୩୫)



ଉମାକାନ୍ତ ରାଉତ



# ପ୍ରତୀକର ପ୍ରୟୋଗ

ପୂର୍ବ କେଇଟି ଭାଗରେ ମୁଁ ସାଧମତେ ପ୍ରତୀକ , ପ୍ରତୀକର ପ୍ରୟୋଗ ଏବଂ ତା'ର ଗୁରୁତ୍ୱ ସମ୍ପର୍କରେ କିଛି ଆଲୋଚନା କରିସାରିଛି। କବି ସଚ୍ଚିଦାନନ୍ଦ ରାଉତରାୟ ଏବଂ କବି ଗୁରୁପ୍ରସାଦଙ୍କ ଭଳି ଯଶସ୍ୱୀ, ପ୍ରତିଷ୍ଠିତ ତଥା ପଥ ପ୍ରଦର୍ଶକ କବିମାନଙ୍କର କେଇଟି ପଂକ୍ତି ମାଧ୍ୟମରେ ପ୍ରତୀକର ମହତ୍ତ୍ୱକୁ ବୁଝେଇବାର ପ୍ରଚେଷ୍ଟା ମଧ କରିଛି। କହିବା ବାହୁଲ୍ୟ ଯେ ପୁରାତନ ଭାରତୀୟ ସାହିତ୍ୟ, ଅନ୍ୟାନ୍ୟ ଭାରତୀୟ ଭାଷାର ସାହିତ୍ୟି ଏବଂ ଓଡ଼ିଆ ସାହିତ୍ୟର ଶାସ୍ତ୍ରୀୟ ରଚନାଗୁଡିକୁ ଲକ୍ଷ୍ୟ କଲେ ପ୍ରତୀକ, ରୂପକ, ରୂପକଳ୍ପ, ଚିତ୍ରକଳ୍ପ ଆଦି ପ୍ରୟୋଗ କ୍ଷେତ୍ରରେ ଆମେ କେଉଁକାଳରୁ କେବଳ ସେପରି ନୁହେଁ ତଦୁର୍ଦ୍ଧ କାହିଁ କେତେ ଗୁଣ ଉନ୍ନତତର ସାହିତ୍ୟ ସୃଷ୍ଟି କରିବାକୁ ସମର୍ଥ, ସେକଥା ବଖାଣିବାର ଆବଶ୍ୟକତା ନାହିଁ। ଶ୍ରୀମଭାଗବତର ଖାଲି 'ବର୍ଷା' ବର୍ଣ୍ଣନାକୁ ନିରୀକ୍ଷଣ କଲେ ଏକଥା ସ୍ପଷ୍ଟ ବୁଝାପଡେ। ହେଲେ ଉପଭୋକ୍ତାବାଦର ଆତସବାଜୀୟ ଦୁନିଆରେ ପ୍ରଚାର, ପ୍ରସାର ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାରଣଗୁଡିକଯୋଗୁ ବିଶ୍ୱ ସାହିତ୍ୟ ପରିପ୍ରେକ୍ଷୀରେ ବିଦେଶୀ ସାହିତ୍ୟ ଭଳି ସେସବୁର ବିଶେଷ ଆଲୋଚନା ହୋଇପାରିନାହିଁ। ଏହାହିଁ ଆମର ଦୁର୍ଭାଗ୍ୟ। ପୂର୍ବ ଭାଗରେ କରିଥିବା ଅଙ୍ଗୀକାର ଅନୁଯାୟୀ କେତେକ ବିଦେଶୀ ସାହିତ୍ୟରେ ପ୍ରତୀକର ବ୍ୟବହାର ସମ୍ପର୍କିତ ସମ୍ୟକ୍ ଧାରଣା ଦେବାକୁ ଗୁଣ୍ଡୁଚି ପ୍ରୟାସ କରୁଛି।

ସିମ୍ବୋଲିଜିମ୍‌ର ପ୍ରକୃଷ୍ଟ ନମୁନା ଭାବେ କେଇଜଣ ପ୍ରମୁଖ ବିଦେଶୀ ଲେଖକ ବ୍ୟବହାର କରିଥିବା 'ପ୍ରତୀକ' କୁ ନିଆଯାଇପାରେ। Elie Wiesel ତାଙ୍କର ରଚନା NIHGTରେ ରାତିକୁ ସମଗ୍ର ରଚନାରେ ମୃତ୍ୟୁ , ତମସା ଓ ବିଶ୍ୱାସହୀନତାର ଚିହ୍ନଭାବେ ବ୍ୟବହାର କରିଛନ୍ତି । Nathaniel Hawthorne ତାଙ୍କର THE SECRET LETTER ରେ 'A' କୁ Adulteryର ଚିହ୍ନ ହିସାବରେ ବ୍ୟବହାର କରିଛନ୍ତିଫ

ଅନେକ ଲେଖକ କଳାପକ୍ଷୀକୁ (BLACK BIRD) ମୃତ୍ୟୁ ଓ ଅବକ୍ଷୟର ସଙ୍କେତ, ଫିନିକ୍ସ୍ ଚଢେଇକୁ ପ୍ରତିକୂଳତା ଓ ଧ୍ୱଂସର ସମାଧି ପୀଠରୁ ତଟକା ଶକ୍ତି ନେଇ ଆବିର୍ଭୂତ ହେଉଥିବା ବିଶ୍ୱାସର ରଶ୍ମୀରେଖା ବୋଲି ଦର୍ଶାଇଛନ୍ତି। ଉଇଲିୟମ୍ ଓ୍ୱାଡସୱର୍ଥଙ୍କର LUCY POEMSରେ 'Springs of Dove', 'A Violet by a mossy stone 'ଏବଂ' A Star shining in the sky' ଆଦି ପ୍ରତୀକାତ୍ମକ ବ୍ୟବହାର ସର୍ବାଦୃତ।

ସେମିତି Samuel Tayler ue ' The Rime of the Ancient Marinerର ନିମ୍ନ ପଂକ୍ତିକୁ ଲକ୍ଷ୍ୟ କରାଯାଉ ......

"Ah ! Well a-day ! What evil looks
Had I from old and young !
Instead of the Cross , the Albatross
About my neck was hung ."

ଏଠାରେ ସେ କ୍ରୁଶ ବଦଳରେ ଆଲବାଟ୍ରାସ୍ ନାମକ ଏକ ବିରାଟ ପକ୍ଷୀକୁ ପ୍ରୋଟାଗୋନିଷ୍ଟ୍ ର ବେକରେ ଝୁଲାଇ ଦେଇଛନ୍ତି , ଯାହାକି କ୍ରୁଶବିଦ୍ଧତାଠାରୁ କାହିଁ କେତେ ଅଧିକ ମାତ୍ରାରେ ଉକ୍ତ ପକ୍ଷୀକୁ ହତ୍ୟା କରିଥିବା ପାପର ଭୟଙ୍କରତାକୁ ପ୍ରତୀକଭାବେ ପାଠକର ଛାତିକୁ ବିଗଳିତ କରିପାରୁଛି। ଏକ ଜାତନା , ଜ୍ୱାଳା ଓ ସଂଘାତର ବଳୟ ଭିତରେ ପାଠକମାନଙ୍କୁ ଧନ୍ଦାଳି ହେବାକୁ ଖୋରାକ୍ ଯୋଗାଉଛି। ବୌଦ୍ଧିକ ଚେତନାର ପ୍ରବାହ ମଧ୍ୟରେ ତାକୁ ବୁଡ଼ାଇ ରଖି ଯୁକ୍ତାଶାର ଦିଗବଳୟ ଆଡ଼କୁ ପ୍ରେରିତ ହେବାକୁ ମନ୍ତ୍ର ପ୍ରଦାନ କରୁଛି। ଶିରା ପ୍ରଶିରା ସ୍ନାୟୁ ଆଦିର ପ୍ରତିଟି କୋଷର ଅଣୁପରମାଣୁକୁ ଏହା ବର୍ଣ୍ଣନାତୀତଭାବେ ଅନୁରଣିତ କରୁଛି।

ପ୍ରତୀକ ନୁହେଁ ; ପ୍ରତୀକର ସଫଳ ପ୍ରୟୋଗ ହିଁ କବିତାକୁ ଶକ୍ତିଶାଳୀ କରିପାରେ ।କାଟି ନଜାଣି କତୁରୀ ଦୋଷ ଭଳି ପ୍ରତୀକର ଯଥାର୍ଥ ବ୍ୟବହାର କରିପାରୁନଥିବା ବ୍ୟକ୍ତି ନିଜର ଅପାରଗତା ହେତୁ ,ଆପଣା ହସ୍ତେ ଜିହ୍ୱା ଛେଦନର ଆଶଂକାରେ ଜର୍ଜରିତ ହେଉଥାଏ। ସୁତରାଂ ,ମର୍କଟ ହସ୍ତେ ଶାଳଗ୍ରାମ ନ୍ୟାୟରେ ଆବଶ୍ୟକୀୟ ଦକ୍ଷତା ବିନା ପ୍ରତୀକର ବ୍ୟବହାର କରାଯିବା ଉଚିତ୍ ନୁହେଁ ।ବିନା ପ୍ରତୀକରେ ବି ଖୁବ୍ ସୁନ୍ଦର ରଚନା କରାଯାଇପାରେ।

*(କ୍ରମଶ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବଳୟ ଭିତରେ ମାନସ ଦାସ : ବିଜେପି



**ଭୁବନେଶ୍ୱର :** ରାଜଧାନୀ ଉପକଣ୍ଠ ଖୋର୍ଦ୍ଧା ଜିଲ୍ଲାରେ ଦୀର୍ଘ ୧୫-୧୬ ବର୍ଷ ଧରି ମାନସ ଦାସଙ୍କର ରାଷ୍ଟ୍ରୀୟ ସାମାଜିକ ନ୍ୟାୟ ମଞ୍ଚର ଅନ୍ଧାରି ଶାସନ ଚାଲିଛି । ଗତ ୨୦୧୮ ମସିହାରେ ଶାସକ ବିଜେଡିର ମୁଖିଆ ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ଦଳରେ ମାନସ ଦାସଙ୍କୁ ସାମିଲ କରି ଦଳିତ ଆଦିବାସୀ ଜାତିର ଭୋଟକୁ ନିଜ ସପକ୍ଷରେ ନେବାର ଚକ୍ରାନ୍ତରେ ସମର୍ଥ ହୋଇଛନ୍ତି । ବର୍ତ୍ତମାନ ଏହି ଅପରାଧ ସାମ୍ରାଜ୍ୟର ଖଳନାୟକ ମାନସ ଦାସଙ୍କୁ ଖୋଦ୍ ମୁଖ୍ୟମନ୍ତ୍ରୀ ସୁରକ୍ଷା ଦେଉଛନ୍ତି ବୋଲି ବିଜେପି ଅନୁସୁଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ବିଭୁ ତରାଇ ଅଭିଯୋଗ କରିଛନ୍ତି । ସଂଗଠନରେ ଯୋଗ ଦେଉଥିବା ସଦସ୍ୟମାନଙ୍କଠାରୁ ନିଜ ସଂଗଠନ ପାଇଁ ମାନସ ଦାସ ଚାନ୍ଦା ସଂଗ୍ରହ କରୁଥିଲେ । ସରଳ ନିଷ୍କପଟ ଦଳିତ ଆଦିବାସୀମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାର ପ୍ରତିଶୃତି ଦେଇ ନିଜ ସଂଗଠନରେ ସାମିଲ କରାଉଥିଲେ ଏବଂ ଏହି ସଂଗଠନ ଶାସକ ବିଜେଡି ପାଇଁ ଭୋଟ ବ୍ୟାଂକର ଆୟୁଧ ହୋଇଛି ବୋଲି ଶ୍ରୀ ତରାଇ ଅଭିଯୋଗ କରିଛନ୍ତି । କଙ୍ଗାରୁ କୋର୍ଟ ଜରିଆରେ ସରଳ ଦଳିତ ଆଦିବାସୀମାନଙ୍କୁ ଅତ୍ୟାଚାର କରୁଥିବା ଅପରାଧ ସାମ୍ରାଜ୍ୟର ଖଳନାୟକ ମାନସ ଦାସ ଅର୍ଥ ରୋଜଗାର କରିବା ପାଇଁ ବହୁ ବେନିୟମ କାରବାରରେ ସଂପୃକ୍ତ ଥିବାର ଅଭିଯୋଗ ଆସିଛି । ମାନସ ଦାସଙ୍କ ସଂଗଠନର ସଦସ୍ୟମାନେ ବ୍ରାଉନ ସୁଗାର ଓ ଗୋଚାଲାଣ ଭଳି କାରବାରରେ ସଂପୃକ୍ତ ରହି ବ୍ୟାପକ ମାତ୍ରାରେ ଅର୍ଥ ରୋଜଗାର କରୁଛନ୍ତି । ମିଶନାରୀରୁ ପର୍ଯ୍ୟାପ୍ତ ପରିମାଣ ଅର୍ଥ ଆଣି ଦଳିତ ଆଦିବାସୀମାନଙ୍କୁ ଧମକ ଓ ଭୟଭୀତ କରାଇ ଧର୍ମାନ୍ତୀକରଣ କରୁଛନ୍ତି । ଏପରିକି ରୀତି ଓ ନୀତି ଜଳାଞ୍ଜଳୀ ଦେଇ ଶୁଦ୍ଧିକ୍ରିୟା କାର୍ଯ୍ୟ ନକରିବା ପାଇଁ ହିନ୍ଦୁମାନଙ୍କୁ ଧମକ ଓ ମାଡ ମାରୁଛନ୍ତି । 'ରାଷ୍ଟ୍ରୀୟ ସାମାଜିକ ନ୍ୟାୟ ମଞ୍ଚ-ଶପଥ ପାଠ' ନାମରେ ଏକ ଲିଫଲେଟ୍ ସାମାଜିକ ଗଣମାଧମରେ ଭାଇରାଲ ହେବାରେ ଲାଗିଛି । ମାନସ ଦାସ ଏବଂ ତାଙ୍କ ସଂଗଠନର ବିଦ୍ୱେଷ ଭାବ ଏହି ଲିଫଲେଟରେ ସ୍ପଷ୍ଟ ପରିଲକ୍ଷିତ ହେଉଛି ବୋଲି ଶ୍ରୀ ତରାଇ କହିଛନ୍ତି । ଗତ ମଙ୍ଗଳାବର ଦିନ ଶ୍ରୀ ତରାଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଖୋର୍ଦ୍ଧା ଜିଲ୍ଲା କଡବା ପଂଚାୟତର ବିଭିନ୍ନ ଗ୍ରାମ ଯାଇ ବାସ୍ତବ ସ୍ଥିତି ପରଖି ଦେଖିଥିଲେ । ସଂଗଠନର କାର୍ଯ୍ୟ ନକରିବାରୁ ମାନସ ଦାସଙ୍କ ନିର୍ଦ୍ଦେଶରେ କଡବା ପଂଚାୟତ ଅନ୍ତର୍ଗତ ଅଭିମାନପୁର ଗ୍ରାମର ସତ୍ୟବ୍ରତ ନାୟକଙ୍କୁ ହତ୍ୟା କରାଯାଇଛି । ହତ୍ୟାକାଣ୍ଡ ବିଷୟରେ ବାହାରେ ପ୍ରଘଟ ନକରିବା ପାଇଁ ସ୍ୱର୍ଗତଃ ସତ୍ୟବ୍ରତ ନାୟକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଅର୍ଥ ଲୋଭ ସହ ଧମକ ମଧ୍ୟ ମାନସ ଦାସ ଟେଲିଫୋନ ଦ୍ୱାରା ଦେଇଥିଲେ ବୋଲି ତାଙ୍କ ବିଧବା ପତ୍ନୀ ପ୍ରକାଶ କରିଥିବାର ଶ୍ରୀ ତରାଇ କହିଛନ୍ତି । ସେହିପରି କଡବା ଗ୍ରାମର ମାଗୁଣି ନାୟକ ଓ ତାଙ୍କ ପୁଅ ଆନନ୍ଦ ନାୟକଙ୍କୁ ମାନସ ଦାସଙ୍କ ସଂଗଠନର ୨୫ରୁ ଉର୍ଦ୍ଧ ସଦସ୍ୟ ମାଡ ମାରି ବହୋସ କରିଥିଲେ ଏବଂ ତା ପରଦିନ ଘଟଣା ପ୍ରସଙ୍ଗରେ ବାହାରେ କିମ୍ବା ପୋଲିସରେ ଏତଲା ନଦେବା ପାଇଁ ଧମକ ଦେଇଥିଲେ । ମାନସ ଦାସଙ୍କ ଦ୍ୱାରା ପରିଚାଳିତ କଙ୍ଗାରୁ କୋର୍ଟ ନିର୍ଦ୍ଦେଶରେ ସେହି ଗ୍ରାମର ସୁମନ୍ତ ସ୍ୱାଇଁଙ୍କ ସମେତ ବହୁ ଗ୍ରାମବାସୀ ନିଜ ଭିଟାମାଟି ଛାଡି ଅନ୍ୟ ଗ୍ରାମରେ ଆଶ୍ରୟ ନେଉଛନ୍ତି । ସେହିପରି ଦଧିମାଛଗଡିଆ ଗ୍ରାମର ଲାଲୁ ପ୍ରଧାନ ହତ୍ୟାକାଣ୍ଡରେ ମାନସ ଦାସ ଏବଂ ତାଙ୍କ ସଂଗଠନର ପ୍ରତ୍ୟକ୍ଷ ସଂପୃକ୍ତି ଥିବାର ଅଭିଯୋଗ ଶୁଣିବାକୁ ମିଳିଥିଲା । ଯଦିଓ ଉକ୍ତ ମାମଲାର ଚାର୍ଜସିଟ୍ ଦାଖଲ ହୋଇସାରିଛି, ତଥାପି ପୁନଃ ତଦନ୍ତର ଆବଶ୍ୟକ ରହିଛି ବୋଲି ଶ୍ରୀ ତରାଇ କହିଛନ୍ତି । ହତ୍ୟାକାଣ୍ଡରେ ସଂପୃକ୍ତି ରହିଛି ନା ନାହିଁ କହି ଖୋର୍ଦ୍ଧା ଏସପି ମାନସ ଦାସଙ୍କୁ ଗଳବାଟ ଦେଇ ଖସାଇ ଦେବାର ଚକ୍ରାନ୍ତ କରୁଥିବାର ଅନୁମାନ କରାଯାଉଛି ବୋଲି ଶ୍ରୀ ତରାଇ ଅଭିଯୋଗ କରିଛନ୍ତି । ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ ଓ ପ୍ରଶାନ୍ତ ନନ୍ଦଙ୍କ ସମେତ ଶାସକ ବିଜେଡିର ବହୁ ତୁଙ୍ଗ ନେତାମାନେ ମାନସ ଦାସଙ୍କୁ ଗୁରୁଜୀ ବୋଲି ସମ୍ବୋଧନ କରୁଥିଲେ । ଗଣମାଧ୍ୟମରେ ଏହା ପ୍ରକାଶିତ ହେବା ପରେ ଶାସକ ବିଜେଡିର ପ୍ରବକ୍ତାମାନେ 'ଆଇନ ତା ବାଟରେ ଯିବ' ବୋଲି କହି କର୍ତ୍ତବ୍ୟ ଶେଷ କରିଛନ୍ତି । ଶାସକ ବିଜେଡିର ସଦସ୍ୟ ହୋଇଥିବା ଅପରାଧୀ ମାନସ ଦାସଙ୍କୁ ବର୍ତମାନ ସୁଦ୍ଧା ମୁଖିଆ ତଥା ମୁଖ୍ୟମନ୍ତ୍ରୀ କାହିଁକି ତାଙ୍କ ଦଳରୁ ବହିଷ୍କାର କରିନାହାନ୍ତି ? ଅପରାଧ ସାମ୍ରାଜ୍ୟର ଖଳନାୟକ ମାନସ ଦାସଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ କଣ ଅସାଧୁ ସଂପର୍କ ରହିଛି ? ତାଙ୍କ ବିରୁଦ୍ଧରେ ଅଭିଯୋଗ ଆସିଥିଲେ ସୁଦ୍ଧା ମୁଖ୍ୟମନ୍ତ୍ରୀ କାହିଁକି ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇନାହାନ୍ତି ? ଏହା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବା ଆବଶ୍ୟକ ବୋଲି ଶ୍ରୀ ତରାଇ ଦାବୀ କରିଛନ୍ତି । ଦଳିତ ଆଦିବାସୀଙ୍କ ସୁରକ୍ଷା ପାଇଁ ମାନବବାଦୀ ସଂଗଠନ ଆଡୁଆଳରେ ମାନସ ଦାସଙ୍କ ଅସାମାଜିକ ଅପରାଧିକ କାର୍ଯ୍ୟ ବିରୁଦ୍ଧରେ ଏବଂ ମାନସ ଦାସଙ୍କ ଗିରଫ ଦାବୀରେ ବିଜେପି ଅନୁସୁଚିତ ଜାତି ଓ ଜନଜାତି ମୋର୍ଚ୍ଚା ତରଫରୁ ଆସନ୍ତା କାଲିଠୁ ୨ ଦିନ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଶ୍ରୀ ତରାଇ ସୂଚନା ଦେଇ କହିଛନ୍ତି । ଏହି ଅବସରରେ ଅନୁସୁଚିତ ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଅନୁସୁଚିତ ଜାତି ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ତଥା ବିଧାୟକ ଡ.ମୁକେଶ ମହାଲିଙ୍ଗ ଏବଂ ଅନୁସୁଚିତ ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଗଣମାଧମ ବିଭାଗ ପ୍ରମୁଖ ଦିଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର :** ରାଜ୍ୟରେ ଖୁବ୍ ଶୀଘ୍ର ପ୍ରତିଷ୍ଠା ହେବ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ । ଏଥିପାଇଁ 'ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱଦ୍ୟାଳୟ ଆଇନ-୨୦୨୧' ବିଲ୍କୁ ରାଜ୍ୟ ବିଧାନସଭାରେ ସ୍ୱୀକୃତି ମିଳିଛି । ଏହି ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ ରହିବ । ରାଜ୍ୟର ସମସ୍ତ ମେଡିକାଲ ଓ ପାରାମେଡିକାଲ ଅନୁଷ୍ଠାନଗୁଡ଼ିକର ପ୍ରଶାସନିକ ଓ ଶିକ୍ଷା ବ୍ୟବସ୍ଥା ଏହି ବିଶ୍ୱବିଦ୍ୟାଳୟରୁ ନିୟନ୍ତ୍ରିତ ହେବ । ବର୍ତ୍ତମାନ ଚାଲିଥିବା ବ୍ୟବସ୍ଥାରେ ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ ଶିକ୍ଷାନୁଷ୍ଠାନଗୁଡ଼ିକ ବିଭିନ୍ନ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ହୋଇଛନ୍ତି । ଯେହେତୁ ସାଧାରଣ ବିଶ୍ୱବିଦ୍ୟାଳୟଗୁଡ଼ିକର ମେଡିକାଲ ଓ ପାରାମେଡିକାଲ ବିଜ୍ଞାନ ଶିକ୍ଷା ଉପରେ କେ?ଣସି ସ୍ୱତନ୍ତ୍ରତା ନାହିଁ, ତେଣୁ ଅନୁବନ୍ଧିତ ମେଡିକାଲ ଓ ପାରାମେଡିକାଲ କଲେଜଗୁଡ଼ିକରେ ପାଠ୍ୟକ୍ରମ, ପରୀକ୍ଷା ପରିଚାଳନା ଆଦିରେ ସମସ୍ୟା ଉପୁଜୁଛି । ବୈ?ଷୟିକ ଶିକ୍ଷାନୁଷ୍ଠାନ ପରି ସବୁ ସ୍ୱାସ୍ଥ୍ୟ ଶିକ୍ଷାନୁଷ୍ଠାନକୁ ଗୋଟିଏ ବିଶ୍ୱବିଦ୍ୟାଳୟ ଅଧୀନକୁ ଆଣିବା ପାଇଁ ବହୁ ଦିନ ଧରି ଦାବି ହେଉଥିଲା । ଆଜି ଏହି ବିଧେୟକ ପାରିତ ହେଲା ପରେ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପାଇଁ ବାଟ ଫିଟିଛି । ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସ କହିଛନ୍ତି ଯେ ଆଧୁନିକ ଔଷଧ, ମାନସିକ ରୋଗ ଚିକିତ୍ସା, ଦନ୍ତ ଚିକିତ୍ସା, ହୋମିଓପାଥି, ଆୟୁର୍ବେଦ, ଫାର୍ମାସି, ପାରା ମେଡିକାଲ, ଫିଜିଓଥେରାପି ଓ ଆଲାଏଡ୍ ମେଡିକାଲ ବିଜ୍ଞାନ ପାଠ୍ୟକ୍ରମରେ ଠିକ୍ ଶିକ୍ଷାଦାନ, ପ୍ରଶିକ୍ଷଣ ଓ ଗବେଷଣାକୁ ସୁନିଶ୍ଚିତ କରିବା ଏହି ଆଇନର ଉଦ୍ଦେଶ୍ୟ । ଏହା ସହ ବିଭିନ୍ନ ମେଡିକାଲ ଓ ଆନୁଷଙ୍ଗିକ ବିଷୟରେ ଶୈ?କ୍ଷିକ କାର୍ଯ୍ୟକ୍ରମରେ ସମାନତା ଅଣାଯାଇପାରିବ । ଏହା ଦ୍ୱାରା ଓଡ଼ିଶାରେ ଥିବା ୫୦୦ରୁ ଅଧିକ ନର୍ସିଂ, ଫାର୍ମାସି, ଆଲାଏଡ୍ ମେଡିକାଲ ସାଇନ୍ସ ଓ ଫିଜିଓଥେରାପି ଶିକ୍ଷାନୁଷ୍ଠାନଗୁଡ଼ିକୁ ସୁଚାରୁରୂପେ ନିୟନ୍ତ୍ରଣ କରାଯାଇପାରିବ । ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲେ ଗୁଣାତ୍ମକ ସ୍ୱାସ୍ଥ୍ୟ ଶିକ୍ଷାକୁ ନିଶ୍ଚିତ କରାଯିବା ସହ ସ୍ୱାସ୍ଥ୍ୟସେବାକୁ ଆହୁରି ମଜବୁତ୍ କରାଯାଇପାରିବ । ସ୍ୱାସ୍ଥ୍ୟ ଶିକ୍ଷା ଓ ଅନୁସନ୍ଧାନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବାରେ ବିଶ୍ୱବିଦ୍ୟାଳୟ ସହାୟକ ହେବ । ବିଶ୍ୱବିଦ୍ୟାଳୟ ଆଇନରେ ଥିବା ବ୍ୟବସ୍ଥା ଅନୁଯାୟୀ ରାଜ୍ୟପାଳ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳାଧିପତି ରହିବେ । ଏହା ସହ କୁଳପତି, କୁଳସଚିବ, ପରୀକ୍ଷା ନିୟନ୍ତ୍ରକ, ଅର୍ଥ ହିସାବ ନିୟନ୍ତ୍ରଣକାରୀ ଓ ପାଠ୍ୟସୂଚୀ ନିର୍ଦ୍ଦେଶକ ଆଦି ପଦବିରେ ନିଯୁକ୍ତି ଦିଆଯିବ । ଅନ୍ୟ ବିଶ୍ୱବିଦ୍ୟାଳୟ ପରି ସର୍ଚ୍ଚ କମିଟି ଗଠନ କରାଯାଇ କମିଟିର ସୁପାରିସ୍ କରିଥିବା ତିନିଟି ନାମ ମଧ୍ୟରୁ କୁଳାଧିପତି ଜଣଙ୍କୁ କୁଳପତି ଭାବେ ନିଯୁକ୍ତି କରିବେ । ଭେଷଜ ଶିକ୍ଷା ବିଭାଗରେ ଜଣେ ଉଚ୍ଚକୋଟୀର ଶିକ୍ଷିତ ତଥା ପ୍ରଶାସନିକ ଦକ୍ଷତା ଥିବା ବ୍ୟକ୍ତି, ପ୍ରଫେସର କିମ୍ବା ଜାତୀୟ ଭେଷଜ ପରିଷଦ ଦ୍ୱାରା ଅନୁମୋଦିତ/ ପ୍ରତିଷ୍ଠିତ ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନର ଅଭିଜ୍ଞତା ଥିବା ବ୍ୟକ୍ତି ହିଁ କୁଳପତି ପଦବି ନିମନ୍ତେ ଯୋଗ୍ୟ ବିବେଚିତ ହେବେ । ଜଣେ ଯୁଗ୍ମ ଶାସନ ସଚିବ ପାହ୍ୟାର ଅଧିକାରୀଙ୍କୁ କୁଳସଚିବ ଭାବେ ନିଯୁକ୍ତି ଦିଆଯିବ ଓ ସେ ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରିବେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିରୋଧୀ ...

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ, ବିଜେପି ଓ ବିଜେଡି ମଧ୍ୟରେ ଡିଲ୍ ହୋଇଛି ଓ ସେମାନେ ଭାଇଭାଇ । କଂଗ୍ରେସ କାହା ସହ ନାହିଁ । ବିଜେପି ଦଳର ମତିଭ୍ରମ ହୋଇଛି । ତାଙ୍କ ମୁଣ୍ଡ କାମ କରୁନି । ଗତକାଲି ବିଜେପି ହିଁ ଷ୍ଟାଫ ସିଲେକ୍ସନ ଦୁର୍ନୀତି ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଆଣିଥିଲା । ଆଜି ଆଇନଶୃଙ୍ଖଳା ପରିସ୍ଥିତି ଉପରେ ମୁଲତବୀ ଆଣିଛନ୍ତି । ନିୟମ ଅନୁସାରେ ଗତକାଲି ଆଲୋଚନା ହୋଇନଥିବା ପ୍ରସଙ୍ଗ ଆଜି ଆଲୋଚନା ହେବା କଥା । କଂଗ୍ରେସ ତ ସେହି ଗତକାଲିର ପ୍ରସଙ୍ଗକୁ ଆଲୋଚନା କରିବାକୁ ଚାହୁଁଥିଲା ବେଳେ ବିଜେପି ପୁଣି କାହିଁକି ଆଇନଶୃଙ୍ଖଳା ପ୍ରସଙ୍ଗ ଆଣିଲା ବୋଲି ସେ ପ୍ରଶ୍ନ କରିଛନ୍ତି । ବିଜେପି ବିଧାୟକମାନେ ତ ଗତକାଲି ମନ୍ତ୍ରୀ ପ୍ରତାପ ଜେନା ପ୍ରସଙ୍ଗ ଉଠାଇ ପ୍ଲାକାର୍ଡ ଧରି ଗୃହରେ ପ୍ରଦର୍ଶନ କରୁଥିଲେ, ଆଜି କାହିଁକି ଚୁପ୍ ବସିଲେ । ତେଣୁ ବିଜେପି ଓ ବିଜେଡି ମଧ୍ୟରେ ଥିବା ଡିଲ୍ ଜଳଜଳ ହୋଇ ଦିଶୁଛି ବୋଲି ସେ କହିଛନ୍ତି । ସେହିପରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ପ୍ରଶ୍ନକାଳ ଆରମ୍ଭରୁ ଷ୍ଟାଫ ସିଲେକ୍ସନ ଦୁର୍ନୀତି ଉପରେ ଆଲୋଚନା କରିବା ପାଇଁ କଂଗ୍ରେସ ଦାବି କରିଥିଲା । କିନ୍ତୁ ବାଚସ୍ପତି ନଶୁଣି ଗୋଟିଏ ମିନିଟ୍‌ଷର ଗୃହକୁ ମୁଲତବୀ ଘୋଷଣା କରିଥିଲେ । ଅଚାନକ ଗୃହକୁ ମୁଲତବୀ କରିବା ଦୁର୍ଭାଗ୍ୟଜନକ । ବାଚସ୍ପତି ସମସ୍ତଙ୍କୁ ଡାକି ଆଲୋଚନା କରିବା କଥା କି ସମସ୍ୟାର ସମାଧାନ କରିବା କଥଣ । ସରକାରୀ ଦଳ ଚାହୁଁନି ଆଲୋଚନା, ତେଣୁ ବାଚସ୍ପତି ଗୋଟିଏ ମିନିଟ୍‌ରେ ଗୃହକୁ ବନ୍ଦ କରିଦେଉଛନ୍ତି । ଏହା ଗଣତନ୍ତ୍ର ପାଇଁ ବିପଦ ବୋଲି ଶ୍ରୀ ମିଶ୍ର କହିଛନ୍ତି ।

### ଦିଲ୍ଲୀ ବିଧାନସଭାରେ ...

କିନ୍ତୁ ଯେଉଁଭଳି ଭାବେ ଏହାର ଷ୍ଟ୍ରକଚର ଅଛି, ଏଥିରୁ ଅନୁମାନ କରାଯାଇପାରେ ଯେ, ଏହା ଇଂରେଜଙ୍କ ଦ୍ୱାରା ବ୍ୟବହାର କରାଯାଉଥିବ । ଦିଲ୍ଲୀ ସରକାରଙ୍କ ପକ୍ଷରୁ ଏହାର ଖୋଦେଇ କାମ ଆରମ୍ଭ ହୋଇଛି । କିଛି ଫୁଟ ଖୋଲା ଯିବା ପରେ ଏଥିରେ ପଥର ପ୍ୟାକିଂ ଥିବା ଦେଖିବାକୁ ମିଳିଛି । ତେଣୁ ଏହାକୁ ଆହୁରି ଗବେଷଣା କରାଯିବା ପରେ ଅନୁଧ୍ୟାନ କରିବାକୁ ଦିଲ୍ଲୀ ସରକାର ନିଷ୍ପତ୍ତି ନେଇଛନ୍ତି । ୧୯୯୦ ମସିହାରେ ଦିଲ୍ଲୀ ବିଧାନସଭାରେ ଏକ ସୁଡଙ୍ଗ ଥିବା ଚର୍ଚ୍ଚା ହୋଇଥିଲା । ତେବେ ଏହା ସଠିକ୍ ଭାବେ କେଉଁଠି ଥିଲା ସେ ସମ୍ପର୍କରେ କୌଣସି ସୂଚନା ମିଳିନଥିଲା ବୋଲି କହିଛନ୍ତି ଦିଲ୍ଲୀ ବାଚସ୍ପତି ରାମ ନିବାସ ଗୋଏଲ । ଦିଲ୍ଲୀ ବିଧାନସଭା ଅଧ୍ୟକ୍ଷ ରାମ ନିବାସ କହିଛନ୍ତି ଯେ, ଦିଲ୍ଲୀ ବିଧାନସଭା ଭିତରେ ଥିବା ସୁଡଙ୍ଗ ଓ ଫାଶୀ ଘରକୁ ସାଧାରଣ ଲୋକଙ୍କ ପାଇଁ ଖୋଲିବା ପାଇଁ ପ୍ରସ୍ତୁତ ଅଛି । ସେ କହିଛନ୍ତି ପର୍ଯ୍ୟଟନ ବିଭାଗ ଶନିବାର ଓ ରବିବାର ବିଧାନସଭାରେ ଲୋକଙ୍କୁ ଆସିବା ପାଇଁ ଅନୁମତି ଦିଆଯିବା ଦରକାର । ଏହି ଆଧାରରେ ବିଧାନସଭାର ଫର୍ମାଟ୍ ପ୍ରସ୍ତୁତ କରାଯାଉଛି ବୋଲି ରାମନିବାସ କହିଛନ୍ତି । ସ୍ୱାଧୀନତା ସଂଗ୍ରାମୀଙ୍କଠୁ ବର୍ତ୍ତିବା ପାଇଁ ଓ ଲାଲକିଲ୍ଲାରୁ ଏହି ଅଞ୍ଚଳକୁ ଖୁବ୍ କମ୍ ସମୟରେ ଚଳପ୍ରଚଳ କରିବାକୁ ଏହି ଟନେଲକୁ ଆପଣାଯାଉଥିଲା । କୋଲକାତାରୁ ଦିଲ୍ଲୀକୁ ରାଜଧାନୀ ୧୯୧୨ରେ ସ୍ଥାନାନ୍ତର ହୋଇଥିଲା । ସେହି ସମୟରେ ଏହି କୋଠା ସେଣ୍ଟ୍ରାଲ ଲେଜିସଲେଟିଭ୍ ଭାବେ କାର୍ଯ୍ୟ ଚାଲୁଥିଲା । ପରେ ୧୯୨୬ରେ ଏହି କୋଠା ଇଂରେଜ ସରକାରଙ୍କ କୋର୍ଟ ଭାବେ କାର୍ଯ୍ୟ କରୁଥିଲା । ତେଣୁ କଏଦୀଙ୍କୁ ଏହି ରାସ୍ତା ଦେଇ ଲାଲକିଲାକୁ ନିଆଯାଇ ବନ୍ଦୀ ରଖାଯାଉଥିଲା ବୋଲି ବି ଅନୁମାନ କରାଯାଉଛି ।

### ଗଡିଲା ୧୧୦ ବସ୍ ...

ନିଗମ ପକ୍ଷରୁ ଚଳାଚଳ କରିବାକୁ ଥିବା ୧୮୦ଟି ନୂଆ ବସ୍ ମଧ୍ୟରୁ ଆଜି ୧୧୦ଟିର ଶୁଭାରମ୍ଭ ହୋଇଥିବା ବେଳେ, ଆଉ ୭୦ଟି ବସ୍ ଖୁବ୍‌ଶୀଘ୍ର ଚଳାଚଳ କରିବ । ବର୍ତ୍ତମାନ ଓଏସ୍‌ଆଇଟିସି ପକ୍ଷରୁ ୨୮ଟି ଜିଲ୍ଲାରେ ତଥା ୪୩ଟି ଆନ୍ତଃରାଜ୍ୟ ମାର୍ଗରେ ୩୯୮ଟି ବସ୍ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଝାଡଖଣ୍ଡ ଓ ଛତିଶଗଡକୁ ସଂଯୋଗ କରୁଛି । ଆଜି ଯାତ୍ରା ଆରମ୍ଭ କରିଥିବା ୧୧୦ଟି ବସ୍ ଗୁଡିକ ଭଲ୍‌ବୋ, ଏସି ୟୁଟ୍ରା ଡିଲକ୍ସ, ନନ-ଏସି ଡିଲକ୍ସ ତଥା ନନ୍-ଏସି ହାଇ କମ୍‌ଫର୍ଟ ବସ୍ ଅନ୍ତର୍ଭୁକ୍ତ ଅଟେ । ପରେ ମୁଖ୍ୟମନ୍ତ୍ରୀ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ନିକଟରେ ଓଟିଡିସି ପକ୍ଷରୁ ନିର୍ମିତ ରେଷ୍ଟୁରାଣ୍ଟ 'ନିମନ୍ତ୍ରଣ'ର ଶୁଭ ଉଦ୍‌ଘାଟନ କରିଥିଲେ । ଓଟିଡିସିର ୪୨ତମ ପ୍ରତିଷ୍ଠା ଦିବସ ଅବସରରେ ଉଦ୍‌ଘାଟିତ ଏହି ରେଷ୍ଟୁରାଣ୍ଟରେ ଖାଣ୍ଟି ଓଡ଼ିଆ ବ୍ୟଞ୍ଜନ ଉପଲବ୍ଧ ହେବ । ଓଡ଼ିଆ ଖାଦ୍ୟକୁ ଲୋକପ୍ରିୟ କରି ବ୍ୟଞ୍ଜନ ପର୍ଯ୍ୟଟନର ବିକାଶରେ ଏହା ସହାୟକ ହେବ । ଓଟିଡିସିର ନିମନ୍ତ୍ରଣ ରେଷ୍ଟୁରାଣ୍ଟ ଶୃଙ୍ଖଳରେ ଏହା ହେଉଛି ପ୍ରଥମ ଓ ପରବର୍ତ୍ତୀ ପର୍ଯ୍ୟାୟରେ ପୁରୀ ଓ ସମ୍ବଲପୁରରେ ମଧ୍ୟ ଏଭଳି ରେଷ୍ଟୁରାଣ୍ଟ ଖୋଲାଯିବ ବୋଲି ସୂଚନା ଦିଆଯାଇଥିଲା । ପରେ ମୁଖ୍ୟମନ୍ତ୍ରୀ ପଟିଆ ଯାଇ ପଟିଆ ଓ ଭଗବାନପୁର ଠାରେ ମୋ ବସର ଦୁଇଟି ଡିପୋ ଉଦ୍‌ଘାଟନ କରିଥିଲେ । ଏହି ଅତ୍ୟାଧୁନିକ ଡିପୋ ଦୁଇଟିରେ ମେସିନ୍ ଜରିଆରେ ବସ୍ ପରିଷ୍କାର କରିବା ସହିତ ବସ୍ ଗୁଡିକରେ ତେଲ ପକାଇବାର ସୁବିଧା ମଧ୍ୟ କରାଯାଇଛି । ପରେ ମୁଖ୍ୟମନ୍ତ୍ରୀ ପୋଖରୀପୁଟ ଠାରେ ରାଜ୍ୟ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ନବନିର୍ମିତ ଭିନ୍ନକ୍ଷମ ସଶକ୍ତିକରଣ ପ୍ରତିଷ୍ଠାନର ଉଦ୍‌ଘାଟନ କରିଥିଲେ । ୧୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରତିଷ୍ଠାନରେ ସମସ୍ତ ପ୍ରକାର ଅକ୍ଷମତାର ପରୀକ୍ଷା, ଚିକିତ୍ସା, ଗତିଶୀଳତାର ତାଲିମ, ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ଚିତ୍ରକଳା, ନୃତ୍ୟଗୀତ ତାଲିମ ତଥା ବୃତ୍ତିଗତ ଶିକ୍ଷା ଓ ବିଭିନ୍ନ ପ୍ରକାର ପରାମର୍ଶର ବନ୍ଦୋବସ୍ତ କରାଯାଇଛି । ଏହି ପ୍ରତିଷ୍ଠାନରେ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ୧୦୦ ଜଣ ଭିନ୍ନକ୍ଷମ ପିଲାଙ୍କର ରହଣୀର ସୁବନ୍ଦୋବସ୍ତ କରାଯାଇଛି । ଏଠାରେ ପିଲାମାନଙ୍କର ଅଭିଭାବକ ମଧ୍ୟ ପିଲାମାନଙ୍କ ସହିତ ରହି ଚିକିତ୍ସା କରାଇ ପାରିବେ । ଏହି କେନ୍ଦ୍ରରେ ଉନ୍ନତମାନର ଯନ୍ତ୍ରପାତିର ସୁବିଧା ମଧ୍ୟ କରାଯାଇଛି । ଏହିସବୁ କାର୍ଯ୍ୟକ୍ରମରେ ମନ୍ତ୍ରୀ ପଦ୍ମନାଭ ବେହେରା, ମନ୍ତ୍ରୀ ପ୍ରତାପ ଜେନା, ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ଓଟିଡିସିର ଅଧକ୍ଷା ଶ୍ରୀମୟୀ ମିଶ୍ର ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ଶାସନ ସଚିବ ଉପସ୍ଥିତ ଥିଲେ ।

### ଅନ୍ୟ ସ୍ୱର୍ଗୀୟ ...

ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର କିବା ନିମନ୍ତେ ନବ ନିର୍ମାଣ କୃଷକ ସଂଗଠନ ଓ ଦଳୀୟ କର୍ମୀ ମାନଙ୍କୁ ବୁଝାଇ ପାରିଲେ ନିଜର ମନୋବାଞ୍ଛା ପୁରଣ ହୋଇ ପାରନ୍ତା, ହେଲେ ସେ ଏ କଥାକୁ ଗୁରୁତ୍ୱ ଦେଉ ନାହାନ୍ତି କି ଦଳୀୟ କର୍ମୀ ମାନେ ଏଥିରେ ସାହାଯ୍ୟର ହାତ ବଢାଉ ନାହାନ୍ତି । ଦଳ ସୁପ୍ରିମୋଙ୍କ ଭୟରେ ଭୁବନେଶ୍ୱର ଠାରେ ରଘୁନାଥପୁର ବ୍ଲକ ଅଞ୍ଚଳର କିଛି ହାତ ଗଣତି ନେତାଙ୍କୁ ନେଇ ଯେଉଁ ମିଶ୍ରଣ ପର୍ବ କରିଛନ୍ତି ତାହା ଏକ ଗୁଜବ ଘଟଣା ବୋଲି ଚା' ପାନ ଦୋକାନରେ ଆଲୋଚନା ହେଉଛି । ଆଗାମୀ ପଞ୍ଚାୟତ ନିର୍ବାଚନ ବେଳକୁ ଦଳୀୟ ଗୋଷ୍ଠୀ କନ୍ଦଳ ବି ଲାଗି ରହିବ । ଏ ଅଞ୍ଚଳର ବହୁ ବୁଦ୍ଧିଜୀବି ମାନେ ସ୍ୱର୍ଗତ ଦାସଙ୍କ ପ୍ରତିମୁର୍ତ୍ତି ସାଙ୍ଗକୁ ଆଉ କିଛି ସ୍ୱର୍ଗୀୟ ନେତା ମାର୍ନଙ୍କ ପ୍ରତିମୁର୍ତ୍ତି ସ୍ଥାପନ କୁ ନେଇ ଦାବୀ ଆରମ୍ଭ କଲେଣି । ଯେଉଁ ସ୍ୱର୍ଗତ ବର୍ଷୀୟାନ ନେତା ମାନଙ୍କ ଦାବୀ ବଳରେ ଜଗତସିଂହପୁର ଜିଲ୍ଲା ଆଜି ନିଜର ମର୍ଯ୍ୟାଦା ବଢାଇ ରଖିପାରିଛି ଓ ସେମାନଙ୍କ ଉଦ୍ୟମ ଫଳରେ ପାରାଦ୍ୱୀପ ବନ୍ଦର ପ୍ରତିଷ୍ଠା ଲାଭ କରିଛି ସେମାନଙ୍କ ମର୍ଯ୍ୟାଦା ମନେ ରଖିବା ପାଇଁ ତାଙ୍କର ପ୍ରତିମୁର୍ତ୍ତି ନିର୍ମାଣ ନିମନ୍ତେ ଦାବୀ ଯୋର ଧରିଛି । ଆଗରୁ ରାଜ୍ୟରେ ଶାସନ ଡୋରି କଂଗ୍ରେସ ଧରିଥିବା ବେଳେ ସେତେବେଳର ତିର୍ତ୍ତୋଲ ବିଧାୟକ ତଥା କଂଗ୍ରେସ ଦଳର ଉପ ମୁଖ୍ୟମନ୍ତ୍ରୀ ଥିବା ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ଜଗତସିଂହପୁର ଜିଲ୍ଲା ଗଠନରେ ବି ତାଙ୍କର ମୁଖ୍ୟ ଭୁମିକା ଥିଲା ଓ ଜିଲ୍ଲା ଆଠ ଗୋଟି ବ୍ଲକର ମଧ୍ୟ ସ୍ଥଳକୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟକୁ ସଅଁରା ସ୍ଥାନାନ୍ତରିତ କରିବାରେ ସକ୍ଷମ ହୋଇଥିଲେ । ରଘୁନାଥପୁର ବ୍ଲକଟି ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ଥିବାରୁ ରଘୁନାଥପୁର ବଜାର ନିକଟରେ ତାଙ୍କର ପ୍ରତିମୁର୍ତ୍ତି ସ୍ଥାପନ ପାଇଁ କଂଗ୍ରେସ କର୍ମୀ ମହଲରେ ଦୃଢ ଦାବୀ ହୋଇଛି । ସେହିପରି ଜଗତସିଂହପୁର ଜିଲ୍ଲା ପୁର୍ନଗଠନ ନହେବା ପୁର୍ବରୁ କେନ୍ଦ୍ରାପଡା ସାଂସଦ ତଥା ବର୍ଷୀୟାନ ନେତା ସ୍ୱର୍ଗତ ରବି ରାୟ ଜଣେ ଅଗ୍ରଗନ୍ୟ ନେତା ଭାବରେ ପରିଚିତ ଥିଲେ । ସେଥିପାଇଁ କେନ୍ଦ୍ରରେ ଶାସନ ଗାଦିରେ ଥିବା ବିଜେପି ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଙ୍କ ସମୟରେ ତାଙ୍କୁ ଲୋକସଭା ବାଚସ୍ପତି ଭାବେ କାର୍ଯ୍ୟଭାର ଅର୍ପଣ କରାଯାଇଥିଲା । ତାଙ୍କର ଏକ ପ୍ରତିମୁର୍ତ୍ତି ଜଗତସଂହପୁର ଜିଲ୍ଲାରେ ନଥିବାରୁ ରଘୁନାଥପୁର ଅଞ୍ଚଳରେ ଖୋଲିବା ପାଇଁ ତାଙ୍କ ସମର୍ଥକ ମାନଙ୍କ ପକ୍ଷରୁ ଦାବି ହେଉଛି । ଅବିଭକ୍ତ କଟକ ଜିଲ୍ଲା ଥିବା ବେଳେ କିଶୋର ନଗର ନିର୍ବାଚନ ମଣ୍ଡଳୀ ଅଧିନରେ ଥିଲା ରଘୁନାଥପୁର ବ୍ଲକ ଓ ଏଠାରୁ ଜନତା ଦଳ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ସ୍ୱର୍ଗତ ଯୁଦ୍ଧିଷ୍ଠିର ଦାସ । ସ୍ୱର୍ଗତ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ବେଳେ ତାଙ୍କୁ ବାଚସ୍ପତି ଭାବେ ମନୋନୀତ କରାଯାଇଥିଲା ଓ ସେ ଖୁବ ଶାନ୍ତ ମିଜାଜର ଲୋକ ଥିବାରୁ ବିଧାନସଭା ଚଳାଇବାରେ ତାଙ୍କର ଖୁବ ଭଲ ଦକ୍ଷତା ବି ଥିଲା । ସେଥିପାଇଁ ସେ ବିରୋଧି ଦଳ ମାନଙ୍କୁ ଧରି ବିଧାନସଭା ଚଳାଇବାରେ ପ୍ରମୁଖ ଭୁମିକା ଗ୍ରହଣ କରିଥିଲେ । ଅବିଭକ୍ତ କଟକ ଜିଲ୍ଲା ଥିବାବେଳେ କଂଗ୍ରେସ ଦଳରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ସ୍ୱର୍ଗତ ବିରେନ ମିତ୍ର ଦୁଇ ବର୍ଷଧରି ମୁଖ୍ୟମନ୍ତ୍ରୀ ହୋଇଥିଲେ । ସେତେବେଳେ ଜମିଦାରୀ ପ୍ରଥା ଥିବାରୁ ରଘୁନାଥପୁର ଅଞ୍ଚଳବାସୀଙ୍କ ପ୍ରତି ତାଙ୍କର ଅବଦାନ ଅତୁଳନୀୟ ଥିଲା । ଏପରିକି ରଘୁନାଥପୁର ଅଞ୍ଚଳରେ ତାଙ୍କର ଥିବା ବହୁ ଜମିବାଡି କୁ ବିଦ୍ୟାଳୟ, ମନ୍ଦିର ମାନକୁ ଦାନ କରିଥିଲେ । ଏଭଳି ଏକ ସୁନାମଧନ୍ୟ ମୁଖ୍ୟମନ୍ତ୍ରୀଙ୍କ ପ୍ରତିମୁର୍ତ୍ତି କଟକ ପାରାଦ୍ୱୀପ ରାସ୍ତାର ରଘୁନାଥପୁର ଅଞ୍ଚଳରେ ପ୍ରତିଷ୍ଠା ପାଇଁ ଦୃଢ ଦାବୀ ହେଉଛି । ଏ ସମସ୍ତ ଘଟଣାକୁ ପରକ୍ଷୀଲେ କିଶୋରନଗର ବିଧାୟକ ଭାବେ କଂଗ୍ରେସ ଦଳରୁ ନିର୍ବାଚିତ ହୋଇଥିବା ବଟକୃଷ୍ଣ ଜେନାଙ୍କ ଅବଦାନ ଏ ଅଞ୍ଚଳ ପାଇଁ ଥିଲା । ଏପରିକି ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ବେଳେ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇ କିଶୋରନଗର ଅଞ୍ଚଳର ବହୁ ଉନ୍ନତି ମୁଳକ କାର୍ଯ୍ୟ କରିଥିଲେ । ରଘୁନାଥପୁର ଅଞ୍ଚଳରେ ତାଙ୍କର ଏକ ପ୍ରତିମୁର୍ତ୍ତି ସ୍ଥାପନ ପାଇଁ କଂଗ୍ରେସ ଦଳ ପକ୍ଷରୁ ଦାବୀ ହୋଇଛି । ଏସବୁ ଘଟଣାକୁ ଦେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରଘୁନାଥପୁର ଅଞ୍ଚଳରେ ସ୍ୱର୍ଗୀୟ ନେତାମାନଙ୍କ ପ୍ରତିମୁର୍ତ୍ତି ସ୍ଥାପନ ପାଇଁ ବ୍ୟବସ୍ଥା କାରିବାକୁ ସାଧାରଣରେ ଦାବି ହୋଇଛି ।

### ଅକ୍ଟୋବର ଶେଷ ସୁଦ୍ଧା ...

କୁଳପତିମାନେ ସେମାନଙ୍କ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସାଧାରଣ ଏବଂ ସଂରକ୍ଷିତ ପଦବୀ ପୂରଣ କରିବା, କୋଭିଡ୍-୧୯ ସମୟରେ ଅନଲାଇନ ଶିକ୍ଷା ପଦ୍ଧତି, ରାଷ୍ଟ୍ରୀୟ ଶିକ୍ଷା ନୀତିକୁ କାର୍ଯ୍ୟକାରୀ କରିବା ଭଳି ଅନେକ ସର୍ବୋତ୍କୃଷ୍ଟ ପଦକ୍ଷେପ ନେଉଛନ୍ତି । ବିଶ୍ୱବିଦ୍ୟାଳୟରେ ଜାତୀୟ ଶିକ୍ଷା ନୀତି ୨୦୨୦କୁ କାର୍ଯ୍ୟକାରୀ କରିବା ଏବଂ ଏକାଡ଼େମିକ ବ୍ୟାଙ୍କ ଏଫ୍ କ୍ରେଡ଼ିଟ୍, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଟିକାକରଣ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ଏହାସହ ମଲଟିପୁଲ ଏଂଟ୍ରି-ଏକ୍ସିଟ୍ ସିଷ୍ଟମ, ଓପନ ଏଣ୍ଡ୍ ଅନଲାଇନ୍ ଶିକ୍ଷା, ଶିକ୍ଷାନୁଷ୍ଠାନ ଗୁଡ଼ିକ ପାଇଁ ବ୍ଲକ ଗ୍ରାଂଟ୍, ୨୦୨୧-୨୨ରେ ଶିକ୍ଷାନୁଷ୍ଠାନର ଆରମ୍ଭ ନେଇ ଥିବା କାର୍ଯ୍ୟକ୍ରମ ଉପରେ ମଧ୍ୟ ଆଲୋଚନା କରାଯାଇଛି । ଏହାବ୍ୟତିତ ଆଇଆଇଟି ସଂଚାଳନ ସମିତି ସହ ବୈଠକରେ ଶ୍ରୀ ପ୍ରଧାନ କରିଛନ୍ତି ଯେ ଦେଶର ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ 'ଆଜାଦୀ କା ଅମୃତ ମହୋତ୍ସବ' କାର୍ଯ୍ୟକ୍ରମ ଅନ୍ତର୍ଗତ ଭାରତର ସମସ୍ତ ସମସ୍ତ ୨୩ଟି ଆଇଆଇଟି ଆସନ୍ତା ନଭେମ୍ବର ଦ୍ୱିତୀୟ ସପ୍ତାହରେ 'ଗବେଷଣା ଏବଂ ବିକାଶ ମେଳା'ର ଆୟୋଜନ କରିବେ । ଏହି ମେଳା ଭାରତର ଶିଳ୍ପ ମଧ୍ୟରେ ଆଇଆଇଟିର କ୍ଷମତା ଏବଂ ଉଚ୍ଚ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧୀୟ ଉପରେ ସଚେତନତା କରିବ । ଗବେଷଣା ଏବଂ ବିକାଶ ମେଳା ଜାତୀୟ ଶିକ୍ଷା ନୀତିରେ ଥିବା ପରିକଳ୍ପିତ ଅତ୍ୟାଧୁନିକ ଗବେଷଣା ପାଇଁ ଅନୁକୂଳ ବାତାବରଣ ତିଆରି କରିବ । ଭାରତରେ ଶିଳ୍ପ ସଂସ୍ଥାଙ୍କ ସହ ମିଳିତ ଭାବରେ ୨୩ଟି ଆଇଆଇଟିର ଏହି ପଦକ୍ଷେପ ଦ୍ୱାରା ଭାରତ ଏବଂ ବିଶ୍ୱ ବଜାର ପାଇଁ ନବସୃଜନ ବିକଶିତ କରିବା ସହ ଜୀବନଶୈଳିକୁ ସୁଗମ କରିବାରେ ସହାୟକ ହେବ । ଏହାବ୍ୟତିତ ଉଭା ହେଉଥିବା ଟେକ୍ନୋଲୋଜି ଏବଂ ଗବେଷଣା ପାଇଁ ଆଲୁମିନି ଏବଂ ଶିଳ୍ପ ସଂସ୍ଥାଙ୍କ ଦ୍ୱାରା କରାଯାଉଥିବା ନିବେଶକୁ ମଧ୍ୟ ସହାଯ୍ୟ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ସାମ୍ବାଦିକଙ୍କ ନାମରେ ଅପପ୍ରଚାର ଓ ଅସଭ୍ୟ ବ୍ୟବହାର

# ସରପଞ୍ଚ ପ୍ରତିନିଧିଙ୍କ ନାମରେ ଥାନାରେ ମାମଲା

**ଭଦ୍ରକ, (ବିକାଶ କୁମାର ଧଳ) :** ବନ୍ତ ବ୍ଲକ କାଦବରାଙ୍ଗ ପଂଚାୟତରେ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସଂପାଦନା ଠିକ୍ ଭାବେ ହେଉନଥିବାରୁ ଏହାକୁ ପ୍ରଗତିବାଦୀରେ ପ୍ରକାଶ କରିବା ଏବଂ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ନେଇ ଉକ୍ତ ପଂଚାୟତର ସରପଂଚଙ୍କ ପ୍ରତିନିଧିଭାବେ କାର୍ଯ୍ୟ କରୁଥିବା ଓ ନିଜକୁ ସମାଜସେବୀ ଭାବେ ଉପସ୍ଥାପନା କରୁଥିବା ରାମେଶ୍ୱର ଭାରତୀ ତାଙ୍କ ସଂପର୍କୀୟଙ୍କୁ ନେଇ ଆଗରପଡ଼ା ପ୍ରଗତିବାଦୀ ପ୍ରତିନିଧି ବିନୋଦ ଧଳ ସାମନ୍ତଙ୍କ ନାମରେ ସୋସିଆଲ ମିଡ଼ିଆରେ ବିଭିନ୍ନ ବିଭ୍ରାନ୍ତିକର ମନ୍ତବ୍ୟ ପ୍ରକାଶ କରିବା ସହ ତାଙ୍କୁ ଓ ତାଙ୍କ ସାମ୍ବାଦିକା ପତ୍ନୀଙ୍କୁ ଅସଭ୍ୟ ବ୍ୟବହାର କରିବା ନେଇ ଥାନାରେ ମାମଲା ରୁଜୁ ହୋଇଛି । ଅଭିଯୋଗ ଅନୁଯାୟୀ;ବନ୍ତ ବ୍ଲକ କାଦବରାଙ୍ଗ ପଂଚାୟତ ସରପଂଚ ପ୍ରତିନିଧି ରାମେଶ୍ୱର ଭାରତୀ ସୋସିଆଲ ମିଡ଼ିଆରେ ଅପପ୍ରଚାର କରିବା ପରେ ଏହାକୁ ନେଇ ପ୍ରଗତିବାଦୀ ସାମ୍ବାଦିକ ଶ୍ରୀ ଧଳ ସାମନ୍ତ ଆଗରପଡ଼ା ଥାନାରେ ପ୍ରଥମେ ଅଭିଯୋଗ କରିଥିଲେ । ଅଭିଯୋଗ ହେବାର କିଛି ଦିନ ପରେ ଏଥିରେ ଉତ୍‌କ୍ଷିପ୍ତ ହୋଇ ଭାରତୀ ଓ ତାଙ୍କ ସଂପର୍କୀୟ କାଦବରାଙ୍ଗ ବଜାର ଠାରେ ଶ୍ରୀ ଧଳ ସାମନ୍ତ ଓ ତାଙ୍କ ପତ୍ନୀ ରାତ୍ର ସମୟରେ ଭଦ୍ରକକୁ ନିଜ ବାଇକରେ ଫେରୁଥିବା ସମୟରେ ଉଭୟଙ୍କୁ ଅଟକାଇ ଅଶାଳୀନ ବ୍ୟବହାର କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । କିଛି ଲୋକ ଘଟଣା ସ୍ଥଳରେ ପହଂଚିବାରୁ ସେମାନେ ଉକ୍ତ ସ୍ଥାନ ଛାଡ଼ି ପଳାଇଥିଲେ । ଏହାକୁ ନେଇ ଶ୍ରୀ ସାମନ୍ତଙ୍କ ପତ୍ନୀ ମୋନାଲିସା ପ୍ରଥମେ ଆଗରପଡ଼ା ଥାନା ଓ ପରବର୍ତ୍ତୀ ସମୟରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଉଚ୍ଚ ନ୍ୟାୟାଳୟ ଉକ୍ତ ମାମଲାକୁ ବିଚାରକୁ ନେଇ ଭଦ୍ରକ ଆରକ୍ଷୀ ଅଧୀକ୍ଷକଙ୍କୁ ଏହାର ତଦନ୍ତ କରି ୪ସପ୍ତାହରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶାନୁସାରେ ଆଗରପଡ଼ା ଥାନାଧିକାରିଣୀ ସୁକାନ୍ତି କେରେଇ ଥାନା କେସ ନଂ ୧୯୪/୨୧ ଓ ଦଫା ୩୪୧, ୨୯୪, ୩୨୩, ୩୫୪, ୩୫୪(ବି), ୩୭୯,୫୦୬ ଓ ୩୪ ଆଇପିସିରେ ରାମେଶ୍ୱର ଭାରତୀ,ଗଣେଶ୍ୱର ଭାରତୀ, ପ୍ରକାଶ କୁମାର ରାଉତ ଓ ଅନ୍ୟ ଦୁଇ ଜଣଙ୍କ ନାମରେ ମାମଲା ରୁଜୁ କରି ଏହାର ତଦନ୍ତ ଦାଇତ୍ୱ ଏଏସଆଇ ତ୍ରିନାଥ ଭୋଇଙ୍କୁ ଦେଇଥିବା ଜଣାପଡ଼ିଛି ।

# ତୃତୀୟ ଲହର ସୃଷ୍ଟି କରିପାରେ ଜଟିଳ ପରିସ୍ଥିତି

# ଲୋକେ ମାନୁନାହାନ୍ତି କଟକଣା

**ଜଗତ୍‌ସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ) :** ମହାମାରୀ କରୋନା ସଂକ୍ରମଣର ପ୍ରଥମ, ଦ୍ୱିତୀୟଲହର ପରେ ଆଗାମୀ ଦିନରେ ତୃତୀୟ ଲହର ଜିଲ୍ଲାବାସୀଙ୍କ ପ୍ରତି ବିପଦ ସୃଷ୍ଟି କରିବା ଆଶଙ୍କା ଦେଖାଗଲାଣି । ଆଗକୁ ପାର୍ବଣ ଋତୁ ସାଙ୍ଗକୁ ପଞ୍ଚାୟତ ନିର୍ବାଚନ ବିଗୁଲ ବାଜିବା ଆରମ୍ଭ ହେଲାଣି ଫଳରେ ଏହି ସମୟ ମାନଙ୍କରେ ସଂକ୍ରମଣ ବୃଦ୍ଧି ହେବା ସହିତ ତୃତୀୟ ଲହର ଉପରମୁହାଁ ହୋଇ ୧୮ବର୍ଷରୁ କମ୍ ବାଳକବାଳିକାମାନଙ୍କ ପାଇଁ ବିପଦର କାରଣ ହୋଇ ପାରେ । ଜିଲ୍ଲାରେ ସଂକ୍ରମଣ ମୁକାବିଲା ପାଇଁ ସମସ୍ତ ଭିତ୍ତିଭୂମି ପ୍ରସ୍ତୁତ କରାଯିବା ସହିତ ଟେଷ୍ଟିଂ, ଟ୍ରାକିଂ ଓ ଟିକାକରଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଜନସାଧାରଣଙ୍କ ଉପରେ ମାସ୍କର ବ୍ୟବହାର ପୁରାଧିମା ପଡିଯାଇଥିବାର ଦେଖାଦେଇଛି । ଚହା, ପାନ, ଜଳଖିଆ ଦୋକାନ, ସେଲୁନ୍ ଦୋକାନ, ପନିପରିବା ଓ ଗ୍ରୋସରୀଦୋକାନମାନଙ୍କରେ ଜନସାଧାରଣଙ୍କ ଅସମ୍ଭବ ଭିଡ ଦେଖିବାକୁ ମିଳୁଥିବା ବେଳେ ମାସ୍କ ଉପରେ କେହି ଦୃଷ୍ଟି ଦେଉନାହାଁନ୍ତି କି ଜୋରିମାନା ଆଦାୟ କରାଯାଉନାହିଁ । କରେନାର ପ୍ରଥମଲହର ଉପରେ ମାସ୍କ ବ୍ୟବହାର ପାଇଁ ଯେତିକି ଗୁରୁତ୍ୱ ଦିଆଯାଉଥିଲା ବା ଜୋରିମାନା ଆଦାୟ କରାଯାଉଥିଲା ଦ୍ୱିତୀୟ ଲହରରେ ଏଥିରେ ପରିବର୍ତ୍ତନ କରାଯାଇ ଜୋରିମାନା ଆଦାୟ ଉପରେ ଗୁରୁତ୍ୱ ଦିଆଯାଉନଥିଲା । ଏବେ ଜିଲ୍ଲାର ଗାଁ ଗହଳିଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ କୋଭିଡ କଟକଣାଠାରୁ ଦୂରେଇ ଯାଇ ବେଫିକର ଭାବେ ବୁଲିବା ଆରମ୍ଭ କଲେଣି । ମୁଖ୍ୟମନ୍ତ୍ରୀ ତୃତୀୟଲହରକୁ ଆଖିରେ ରଖି ମାସ୍କ ହିଁ ଆମକୁ ସଂକ୍ରମଣରୁ ରକ୍ଷା କରିବ ତେଣୁ ପ୍ରତ୍ୟେକ ବ୍ୟକ୍ତି ମାସ୍କ ପିନ୍ଧିବା ନିତ୍ୟାନ୍ତ ଜରୁରୀ କହିବା ସହିତ ଏଥିରେ ଅମାନିଆ ହେଲେ ଲକ୍‌ଡାଉନ ପୁନର୍ବାର କରାଯାଇପାରେ ବୋଲି ସତର୍କବାଣୀ ଶୁଣାଇଥିଲେ । ଜିଲ୍ଲାରେ ସଂକ୍ରମଣ ସଂଖ୍ୟା ତୃତୀୟ ଲହରରେ ବୃଦ୍ଧି ପାଉଥିବା ବେଳେ ମୃତକଙ୍କ ସଂଖ୍ୟା ବି ୩୦୦ ଛୁଇଁବା ଗତି କରୁଛି । ତଥାପି ଜିଲ୍ଲାରେ ସ୍ଥିତି ବଦଳି ଯାଇନାହିଁ । ବିବାହ ହେଉ ବା ମଠ ମନ୍ଦିର ହେଉ ବା ଅନ୍ତ୍ୟେଷ୍ଟିକ୍ରିୟା କାର୍ଯ୍ୟକ୍ରମମାନଙ୍କରେ ଶହ ଶହ ସଂଖ୍ୟାର ଲୋକମାନେ ଖାଇପାରୁଥିବା ବେଳେ କୋଭିଡ କଟକଣାକୁ ଫୁ କରି ଉଡାଇ ଦେଉଛନ୍ତି । ତୃତୀୟ ଲହର ସଂକ୍ରମଣ ବ୍ୟାପିଲାପରେ ଜଟିଳ ପରିସ୍ଥିତି ସୃଷ୍ଟି ହୋଇ ମୃତକଙ୍କ ସଂଖ୍ୟା ବଢ଼ି ଚାଲିବ କିନ୍ତୁ ତା ପୂର୍ବରୁ ଜନସାଧାରଣ ମାନେ ସଚେତନ ହୋଇ ଘରୁ ବାହାର ପର୍ଯ୍ୟନ୍ତ ମାସ୍କ ପିନ୍ଧିବା ଉପରେ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।



# ଲୀଳାମୟ ଶ୍ରୀଜଗନ୍ନାଥଙ୍କ ଦିନଚର୍ଯ୍ୟା

ଉତ୍କଳାନନ୍ଦ ଅଜୟ କୁମାର ବେହେରା



ମହାପ୍ରଭୁ ଶ୍ରୀଜଗନ୍ନାଥ ସୌକୁମାର୍ଯ୍ୟର ଦେବତା। ତାଙ୍କର ସୁକୁମାର ପଣ ସବୁଠାରେ ଫୁଟିଉଠେ। ସକାଳର ଦିନଚର୍ଯ୍ୟାରୁ ପହୁଡ଼ ପୂର୍ବର ବଡ଼ସିଂହାର ପର୍ଯ୍ୟନ୍ତ। ଶ୍ରୀଜଗନ୍ନାଥଙ୍କର ସୁକୁମାରପଣ ବାରିହୁଏ ତାଙ୍କର ସକାଳୁ ରାତି, ଋତୁରୁ ଅନ୍ୟ ଋତୁଯାଏ। ତାଙ୍କର ରୀତି ନୀତିରୁ ସ୍ପଷ୍ଟ ଜଣାପଡ଼େ ତାଙ୍କର ସଜବାଜର ମାନବୀୟ ସ୍ୱରୂପକୁ। ପ୍ରତିଦିନ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ଖୋଲିବା ମାତ୍ରେ ହିଁ ଆରମ୍ଭ ହୋଇଯାଏ ମହାପ୍ରଭୁଙ୍କ ଯାବତୀୟ ନୀତି ସହିତ ଦିନଚର୍ଯ୍ୟା। ପ୍ରଥମ ରୀତି ହେଲା, ମଙ୍ଗଳ ଆରତୀ। ତାପରେ ଗତରାତିରେ ତିନି ଦିଅଁ ସୁବେଶିତ ହୋଇଥିବା ବଡସିଂହାର ବେଶ ଓହ୍ଲାଇ ଦିଆଯାଇ ଠାକୁରମାନଙ୍କୁ ପ୍ରସ୍ତୁତ କରାଯାଏ ସ୍ନାନ ରୀତି ପାଇଁ ଯାହା ଶ୍ରୀମନ୍ଦିର ସତ୍ତ୍ୱଲିପିର ବର୍ଣ୍ଣିତ ଭାଷା ଅବକାଶ ନୀତି ନାମରେ ପରିଚିତ। ପାଠକେ ଜାଣି ଆଶ୍ଚର୍ଯ୍ୟ ହେବେ ମହାପ୍ରଭୁ ମଣିଷ ପରି ଦୈନିକ ଦାନ୍ତ ବି ଘଷନ୍ତି। ପ୍ରକୃତରେ ଏହି ଦନ୍ତମାର୍ଜନ କାର୍ଯ୍ୟଟି ଚମତ୍କାରୀ ଦେବତା ଶ୍ରୀଜଗନ୍ନାଥଙ୍କର ଗୋଟିଏ ଅଦ୍ଭୁତ ରୀତି। ଦାନ୍ତଘଷା ପରେ ଠାକୁରମାନେ ସ୍ନାନ କରିଥାନ୍ତି। ଗାଧୋଇବା ବେଳେ ଠାକୁରମାନେ ଯେଉଁ ଲୁଗା ପିନ୍ଧନ୍ତି ସେଗୁଡ଼ିକ ତଡ଼ପ ଓ ଉତ୍ତରୀୟ ଭାବେ ପରିଚିତ। ଶ୍ରୀମନ୍ଦିର ସମ୍ପର୍କୀୟ ବିବରଣୀ ପୁସ୍ତିକା ଶ୍ରୀମନ୍ଦିର ସତ୍ତ୍ୱଲିପିରେ ଉଲ୍ଲେଖ ରହିଛି, ପାଣିଆଘଟ ପାଣି ଆଣନ୍ତି। ଜିଭଛେଲା ଓ ଅନ୍ୟାନ୍ୟ ବାସନ ଦିଅଁଙ୍କ ଭଣ୍ଡାରରୁ ସୁଆରବଡୁ ଆଣି ଯୋଗାନ୍ତି। ଖଟୁଲି ସେବକ ଖଟୁଲି ଯୋଗାନ୍ତି। ଦର୍ପଣିଆ ଦର୍ପଣ ଆଣେ, ମୁଖରୁଚି ଅଁଏଳା ଘଟୁଆରୀ ଅଁଳା ଯୋଗାଏ। ଦାନ୍ତକାଠି, ମୁହଁ ଧୋଇବାକୁ ମୁଖ ପଖାଳ ପଡ଼ିଆରୀ ଦିଏ।

ସ୍ନାନପରେ ମହାପ୍ରଭୁଙ୍କୁ ଅନ୍ୟ ଠାକୁର ମାନଙ୍କ ସହିତ ଦିବସର ପ୍ରଥମ ବେଶ କରାଯାଏ। ମଥାରେ ସୁନାର ରାହୁ ରେଖା ସହ ରତ୍ନ ଖଚିତ ଚିତାରେ ପରିଶୋଭିତ ହୁଅନ୍ତି। ଠାକୁରମାନେ ଯେଉଁ ବସ୍ତ୍ରରେ ପରିଶୋଭିତ ହୁଅନ୍ତି ସେଗୁଡ଼ିକୁ ଶାଢ଼ି ଖଣ୍ଟୁଆ ଓ ଶ୍ରୀକପଡ଼ା କୁହାଯାଏ। ଖଣ୍ଡେ ଖଣ୍ଡେ ୧୨ ହାତିଆ ଶାଢ଼ି ଦିଅଁମାନଙ୍କର ଅନ୍ତର୍ବାସ ରୂପେ ରହିଥାଏ। ଦିଅଁମାନଙ୍କ ମସ୍ତକ ଆବୃତ୍ତ କରୁଥିବା ବସ୍ତ୍ରର ନାମ ଶ୍ରୀକପଡ଼ା। ତିନି ଦେବତାଙ୍କୁ ଶୋଭିତ କରେ ମାତ୍ର ତିନୋଟି ଫୁଲ ଅଳଙ୍କାର ସେଗୁଡ଼ିକ ହେଲା ଗୁଣା, ଚିତା ଓ ଅଧରମାଳା। ବେଶ ପରେ ଆସ ସାହାଣମେଲା। ଏହି ଚର୍ଚ୍ଚିତ ସାହାଣ ମେଲା ନିର୍ଘଣ୍ଟ ସମୟରେ ଭକ୍ତମାନେ ମହାପ୍ରଭୁଙ୍କର ରତ୍ନସିଂହାସନ ନିକଟକୁ ଯାଇ ମହାପ୍ରଭୁଙ୍କର ଅପୂର୍ବ ମାନବୀୟ ରସିକମୟ ସୌକୁମାର୍ଯ୍ୟ ରାଜକୀୟ ଠାଣିକୁ ଉପଭୋଗ କରି ନିଜକୁ ଧନ୍ୟ ମନେ କରିଥାନ୍ତି। ସାହାଣମେଲା ପରେ ସକାଳ ଭୋଗରେ ଅର୍ପଣ କରାଯାଉଥିବା ସାତଟି ଭୋଜ୍ୟ ଦ୍ରବ୍ୟ ହେଲା ଉଖୁଡା, ନଡ଼ିଆ ପାତି ଓ କୋରା, ଖୁଆ ବା ରାବିଡି, ଦହି ଏବଂ ପାଚିଲା କଦଳୀ। ଠିକ୍ ଘଣ୍ଟାଟି ପରେ ମହାପ୍ରଭୁଙ୍କୁ ଖୁବ୍ ଭୋକ ଲାଗିବାରୁ ତିନିଠାକୁରଙ୍କ ସକାଳ ଧୂପ କରାଯାଏ। ଏହି ସକାଳ ଧୂପ ସମୟରେ ମହାପ୍ରଭୁ ତାଙ୍କ ସୁନା ଭଉଣୀ ଦେବୀ ସୁଭଦ୍ରା ଓ ବଡ଼ଭାଇ ବଡ଼ ଠାକୁର ଶ୍ରୀବଳଭଦ୍ରଙ୍କ ସହିତ ୧୬ଗୋଟି ସୁସ୍ୱାଦୁ ଖାଦ୍ୟ ପଦାର୍ଥ ଭୋଜନ କରିଥାନ୍ତି। ସେହି ଭୋଗ ଦ୍ରବ୍ୟଗୁଡ଼ିକ ହେଲା କାନିକା, ଟାଟ ଖେଚୁଡି, ସୁନାଥଳି ଖେଚୁଡ଼ି, ମେଣ୍ଢାମୁଣ୍ଡିଆ, ବଡ଼କାନ୍ତି, ସାନକାନ୍ତି, ମାଠପୁଳି, ହଂସକେଳି, ପିଠାପୁଳି, ଚଣ୍ଡପୁଳି, ଝିଲ୍ଲି, ଏଣ୍ଡୁରୀ ପିଠା, ଅଦାପାଚିଡି, ଶାଗଭଜା ଓ କଦଳୀଭଜା। ତାପରେ ଘଣ୍ଟାକ ପରେ ମହାପ୍ରଭୁଙ୍କୁ ପରଷାଯାଏ ଛତ୍ରଭୋଗ। ଏହି ଛତ୍ରଭୋଗରେ ଶ୍ରୀଜଗନ୍ନାଥଙ୍କୁ ସବୁଠାରୁ ଅଧିକ ପରିମାଣର ଭୋଗ ଅର୍ପିତ ହୁଏ। ଏହି ଭୋଗ ମଧ୍ୟରେ ବିଭିନ୍ନ ପ୍ରକାରର ଅନ୍ନ, ବ୍ୟଞ୍ଜନ ଏବଂ ମିଷ୍ଟାନ୍ନ ସାମିଲ ହୁଏ। ଠାକୁରଙ୍କୁ ଅଧିକ ଭୋକ ଲାଗିଲେ କି ଆବଶ୍ୟକ ପଡ଼ିଲେ ଏହି ଛତ୍ରଭୋଗ ଦିନକୁ ଦୁଇଥର ମଧ୍ୟ ମହାପ୍ରଭୁଙ୍କୁ ଅର୍ପଣ କରାଯାଇଥାଏ।

ଛତ୍ରଭୋଗ ମହାପ୍ରଭୁଙ୍କ ନିକଟରେ ଲାଗି ହୋଇ ବାହାରିବା ପରେ ହିଁ ସର୍ବାଧିକ କୋଳାହଳମୟ ହୋଇଉଠେ ଆନନ୍ଦବଜାର। କାରଣ ଅମୃତସମ ମହାପ୍ରସାଦର ସ୍ୱାଦ ପାଇଁ ଶହ ଶହ ଭକ୍ତମାନେ ବ୍ୟଗ୍ର ହୋଇ ଅପେକ୍ଷା କରିଥାନ୍ତି ଟିକେ ସେବନ କରିବାକୁ। ମହାପ୍ରସାଦର ମହ ମହ ସୁଗନ୍ଧିତ ବାସ୍ନାରେ ଆନନ୍ଦବଜାର ମହକୁଥାଏ। ସଂଧ୍ୟାଧୂପ ପରେ ସିଂହାରୀମାନେ ଠାକୁରମାନଙ୍କ ବେଶ ଉତାରନ୍ତି, ଏବଂ ତାପରେ ଚନ୍ଦନଲାଗି ସମୟ। ଘଟୁଆରୀମାନେ ଘୋରୀଥିବା ଚନ୍ଦନର ଲେପ ଦିଅନ୍ତି ଦିଅଁମାନଙ୍କର ଶ୍ରୀଅଙ୍ଗରେ। ଶ୍ରୀଅଙ୍ଗରେ ସୁବାସିତ ଚନ୍ଦନଲେପ ପରେ ଆରମ୍ଭ ହୁଏ ସବୁଠାରୁ ଆକର୍ଷଣୀୟ ବେଶ ବଡ଼ସିଂହାର ବେଶ। ବଡ଼ସିଂହାର ବେଶରେ ମହାପ୍ରଭୁ ବିଭିନ୍ନ ପ୍ରକାରର ଫୁଲ ପତ୍ରର ଅଳଙ୍କାରରେ ଖୁବ୍ ମନଲୋଭା ଲାଗନ୍ତି। ବଡ଼ସିଂହାର ବେଶ ପରେ ଆସ ଶ୍ରୀଜଗନ୍ନାଥଙ୍କର ରାତ୍ରୀଯାପନର ସମୟ। ଯାମର ତୃତୀୟ ବା ଚତୁର୍ଥ ପ୍ରହରରେ ପାଳିତ ହୁଏ ପୁରୀ ଶ୍ରୀମନ୍ଦିରରେ ପହୁଡ଼ ରୀତି। ଶ୍ରୀଲକ୍ଷ୍ମୀ-ନାରାୟଣଙ୍କ ରୂପା ନିର୍ମିତ ୧୦ ଇଞ୍ଚ ଉଚ୍ଚ ଶୟନବିଗ୍ରହ ଠାକୁରଙ୍କ ଶୟନ ସମୟରେ ବ୍ୟବହୃତ ହୋଇଥାନ୍ତି। ତିନୋଟି ସୁଶୋଭିତ ପଲଙ୍କ ପହୁଡ଼ ପାଇଁ ବ୍ୟବହୃତ ହୁଏ। ଅଦ୍ଭୁତ ପଲଙ୍କ ତିନୋଟି ରୂପା, ଗଜଦନ୍ତ, ସିଲକ ଓ କାଠରେ ତିଆରି ହୋଇଥାଏ। ମେକାପ ସେବକମାନେ ତିନୋଟି ପଲଙ୍କ ସହ ଖଟଶେଯ ତିନି ଠାକୁରଙ୍କ ସମ୍ମୁଖରେ ରଖିଦେବା ପରେ ପଢ଼ିଆରୀ ସେବକମାନେ ରତ୍ନସିଂହାସନ ଉପରେ ପାଞ୍ଚଗୋଟି ପଇଡ ରଖିଦେଇଥାନ୍ତି। ପୁଷ୍ପାଳକମାନେ ସେହି ପଇଡ଼କୁ ଭକ୍ତିର ସହିତ ଦିଅଁଙ୍କୁ ସମର୍ପଣ କରନ୍ତି। ତାପରେ ହଡ଼ପନାୟକ ବିଡ଼ିଆ ପାନ ଠାକୁରମାନଙ୍କୁ ମଣୋହି କରିଥାନ୍ତି। ମହାପ୍ରଭୁ ସୁମଧୁର ପଇଡ଼ ଓ ସୁଆଦିଆ ବିଡ଼ିଆ ପାନ ଖାଇ ସାରିଲା ପରେ ପରେ ଲିଭାଇ ଦିଆଯାଏ ଗର୍ଭଗୃହ ଓ ଜଗମୋହନର ସମସ୍ତ ବତୀ। ବନ୍ଦ ହୁଏ ଦକ୍ଷିଣପଟ ବେହରଣ ଦ୍ୱାର ଓ ଆଉଜାଇ ଦିଆଯାଏ ଜୟ ବିଜୟ ଦ୍ୱାର। ଶ୍ରୀମନ୍ଦିର ବାହାରେ ଭଜନମଣ୍ଡଳୀ ତଥା ଭକ୍ତମାନଙ୍କର ମହାପ୍ରଭୁଙ୍କର ଜୟ ଜୟକାରର ପ୍ରତିଧ୍ୱନୀ ପୁରୀ ଆକାଶକୁ ପ୍ରକମ୍ପିତ କରୁଥାଏ। ଅଳ୍ପଦୂରରେ ମହୋଦଧିରେ ଅବିରତ ଲହରିତ ହେଉଥିବା ଢେଉର ମୂର୍ଚ୍ଛନା ଗଭୀରତର ହେଉଥାଏ। ଠିକ୍ ଏହି ସମୟରେ ପଢ଼ିଆରୀ ସେବକ ଖୁବ୍ ଉଚ୍ଚ ପାଟିରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଡାକ ଦିଅନ୍ତି ମଣିମା ! ମଣିମା !.... ରତ୍ନସିଂହାସନ ଛାଡ଼ି ରତ୍ନ ପଲଙ୍କରେ ବିଜେ ହୁଅନ୍ତୁ। ମହାପ୍ରଭୁଙ୍କର ଶୟନ ନୀତି ପରେ ଶ୍ରୀମନ୍ଦିର ତଥା ସମଗ୍ର ଶ୍ରୀକ୍ଷେତ୍ର ନିସ୍ତବ୍ଧ ତଥା ଶୂନଶାନ ହୋଇପଡ଼େ। ସକାଳ ହେବାପରେ କଳାହାଟ ଦ୍ୱାରରେ ପୂର୍ବରାତ୍ରିରେ ଦିଆଯାଇଥିବା ମାଟିମୁଦ ଓ ମୋହରକୁ ତନଖି କରି ଦ୍ୱାର ଖୋଲାଯିବା ସଙ୍ଗେ ପ୍ରତିହାରୀ ମଣିମା, ମଣିମା ଡାକଦେଇ ଦିଅଁମାନଙ୍କ ନିଦ୍ରାଭଙ୍ଗ କରନ୍ତି। ପୁନର୍ବାର ଆରମ୍ଭ ହୁଏ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କର ଦୈନିକ ରୀତି ଓ ନୀତି ସଂପୂର୍ଣ୍ଣ ମାନବୀୟ ଠାଣିରେ।






ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ
ଦୂରଭାଷ : ୯୪୩୭୦୩୧୨୫୩

# ଦେଓଝରର ଜଳପ୍ରପାତ ପଲଟିଛି ମାଦ୍ୟପଙ୍କ ଆଡ୍ଡାସ୍ଥଳୀ

**ନରସିଂହପୁର,(ବିନୋଦ କୁମାର ସାହୁ):** କଟକ ଜିଲ୍ଲା ନରସିଂହପୁର ବ୍ଲକ ଅନ୍ତର୍ଗତ ବଣ ଜଙ୍ଗଲ ,ପାହାଡ ଘେରା ଓଲବ ପଞ୍ଚାୟତରେ ରହିଛି ପ୍ରାକୃତିକ ସୌନ୍ଦର୍ଯ୍ୟ ଭାରା ଜଳପ୍ରପାତ। ଏହି ଜଳପ୍ରପାତର ମନୋରମ ପରିବେଶ ଓ ସୋନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଏଠାକୁ ପ୍ରତିଦିନ ଆସୁଛନ୍ତି ହଜାର ହଜାର ଦର୍ଶକ ପର୍ଯ୍ୟଟକ। ଏହି ପର୍ଯ୍ୟଟନ ସ୍ଥଳୀକୁ ବିଭିନ୍ନ ଋତୁରେ ପ୍ରତ୍ୟେକ ଦିନ ୪ହଜାର ରୁ ଅଧିକ ପର୍ଯ୍ୟଟକ ଆସୁଥିବା ବେଳେ ବର୍ତ୍ତମାନ ରାସ୍ତା ମରାମତି ପାର୍କ ଆଦି ବିଭିନ୍ନ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ କରାଯାଇଥିବାରୁ ବର୍ଷର ସବୁଦିନ ଏଠାରେ ରାଜ୍ୟର ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ବାହାରୁ ମଧ୍ୟ ପର୍ଯ୍ୟଟକ ଦେଖିବାକୁ ମିଳୁ ନଥିଲା। ମାତ୍ର ବାହାରୁ ଆସୁଥିବା ପର୍ଯ୍ୟଟକ ଯଦିଓ ଜଳପ୍ରପାତ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିବେଶକୁ ବେଶ ଉପଭୋଗ କରୁଛନ୍ତି କିନ୍ତୁ ଏହାର ପରିବେଶକୁ କିଛି ଅସାମାଜିକ ପର୍ଯ୍ୟଟକ ଏବଂ ଏହି ଅଞ୍ଚଳର ଲୋକଙ୍କର ପଯସ୍ଟନ ସ୍ଥଳରେ ମଦ୍ୟପାନ କରି ଉତ୍ପାତ ହୋଇ ଏହି ସ୍ଥଳର ମାନ୍ୟତାକୁ ଏଭଳି ପରିସ୍ଥିତି ସୃଷ୍ଟି କରୁଛନ୍ତି ଯାହା ଫଳରେ ଥରେ ଆସିଲେ ଆଉ ଆସିବା ପାଇଁ ମନ କରୁ ନାହାନ୍ତି। ଜଳପ୍ରପାତ ନିକଟରେ ମଦୁଆମାନଙ୍କ ପାଦୃଭାବ ଓ ମଦ ବୋତଲ ନିଜର ହିତାହିତ ଜ୍ଞାନ ଭୁଲି ଭାଷାରେ ଗାଳିଗୁଲଜ କରିବା ସହ ବିଶେଷ କରି ମହିଳା ପର୍ଯ୍ୟଟକ ମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଛନ୍ତି। ଏବଂ ଜଳପ୍ରପାତରେ ଅଧନଗ୍ନ ଅବସ୍ଥାରେ ଗାଧେଇବା ସହିତ ଉଚ୍ଚ ଶବ୍ଦରେ ଓ ଅଶ୍ଳୀଳ ଭାଷାରେ ନିଜ ନିଜ ମଧ୍ୟରେ କଥାବାର୍ତ୍ତା ହେଉଛନ୍ତି। ଯାହା ଫଳରେ ବାହାରୁ ଆସୁଥିବା ମହିଳା ପର୍ଯ୍ୟଟକ ନାଁ ନିଜକୁ ସୁରକ୍ଷିତ ମଣୁଛନ୍ତି ନାଁ ଏହାକୁ ପ୍ରତିବାଦ କରି ପାରୁଛନ୍ତି। ନାଁ ଦୂରଦୂରାନ୍ତରୁ ଆସି ପ୍ରାକୃତିକ ସୌନ୍ଦର୍ଯ୍ୟ କୁ ଉପଭୋଗ କରି ପାରୁଛନ୍ତି। ପରିବାର ଲୋକଙ୍କୁ ନେଇ ଆସୁଥିବା ପର୍ଯ୍ୟଟକ ନିରାଶ ହୋଇ ଯାଉଛନ୍ତି। ନାଁ ଏଠାରେ ବନ ବିଭାଗ ପକ୍ଷରୁ ନାଁ ପୁଲିସ ପକ୍ଷରୁ ନାଁ ଗାଁ କମିଟି ପକ୍ଷରୁ କୌଣସି ସୁରକ୍ଷା ବ୍ୟବସ୍ଥା ନଥିବା ବେଳେ ମୋବାଇଲ ନେଟୱାର୍କ ମଧ୍ୟ ନାହିଁ। ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲା ତାହେଲେ କାହାକୁ ଜଣାଇବା ପାଇଁ କୌଣସି ସୁବିଧା ନାହିଁ। ଯଦିଓ ଚଳିତ ବର୍ଷ ସମ୍ପୂର୍ଣ୍ଣ ରାସ୍ତା ମରାମତି ସହିତ ପାର୍କ ଓ ପ୍ରକୃତି ଭବନ କାର୍ଯ୍ୟ ସମ୍ପ୍ରସାରଣ କରାଯାଉଛି ତାହା ଆଉ କିଛି ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଯିବ। ଗତ ଦୁଇଦିନ ତଳେ ଅନୁଗୁଳ ଜିଲ୍ଲାରୁ କିଛି ପର୍ଯ୍ୟଟକ ଏହି ଜଳପ୍ରପାତ ଦେଖିବା ପାଇଁ ଆସିଥିଲେ। ଏଠାରେ ସ୍ଥାନୀୟ ଲୋକଙ୍କ ସହିତ ମଦ୍ୟପାନ କରି ଗଣ୍ଡଗୋଳ ପରେ ଗୋଡିବନ୍ଧ ନିକଟରେ ନିଜ ଗାଡିଟିକୁ ଅନ୍ୟଏକ ସ୍ଥାନରେ ଧକ୍କା ଦେଇଥିଲେ । ସେଠାରୁ ଅନୁଗୁଳୁର ଦୁଇଜଣ ବ୍ୟକ୍ତି ନରସିଂହପୁର ଥାନାରେ ପହଞ୍ଚିଥିଲେ। ତେବେ ଏହି ଗଣ୍ଡଗୋଳ ସମ୍ପର୍କରେ ଥାନା ମୌଖିକ ଅଭିଯୋଗ କରିଥିଲେ। ଏହାପରେ ଯେଉଁମାନଙ୍କ ସହିତ ମଦ୍ୟପାନ କରି ଗଣ୍ଡଗୋଳ ହୋଇଥିଲା ସେମାନଙ୍କୁ ତଦନ୍ତ ନରସିଂହପୁର ଥାନାର ତଦନ୍ତ ଅଧିକାରୀ ଡକାଇ ଆପଷୋ ମିଳାମିଶା ପରେ ଛାଡିଦେଇଥିଲେ। ଏଭଳି ଘଟଣା ପ୍ରତ୍ୟେକ ସମୟରେ ଦେଖା ଯାଉଥିବା ଯୋଗୁଁ ପର୍ଯ୍ୟଟକ ତଥା ପର୍ଯ୍ୟଟନ ସ୍ଥଳୀ ପ୍ରତି ସାଧାରଣ ଲୋକଙ୍କର ଚିନ୍ତାଧାର ଭ୍ରାନ୍ତରେ ପକାଇଛି। ତୁରନ୍ତ ଗୋଟିଏ ମୋବାଇଲ ଟାୱାର ନିର୍ମାଣ କରିବା ସହିତ ଜଳପ୍ରପାତ ନିକଟରେ ପୁଲିସ ଓ ବନ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେବା ସହିତ ମଦ୍ୟପାନ ଓ ଅର୍ଦ୍ଧନଗ୍ନ ଅବସ୍ଥାରେ ଜଳପ୍ରପାତ ନିକଟରେ ଗାଧୋଉଥିବା ବ୍ୟକ୍ତିଙ୍କୁ ବାରଣ କରିବା ସହ ମଦୁଆଙ୍କ ବିରୋଧରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ସହ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।









# ବିଚାରାଧୀନ ଅଛି ସଂପୂର୍ଣ୍ଣ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ ପ୍ରସ୍ତାବ

**ଭୁବନେଶ୍ୱର :** ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟାଳୟ ପଶ୍ଚିମ ଓଡ଼ିଶାରେ ସ୍ଥାପନ ଓ ସଂପୂର୍ଣ୍ଣ ପରିଷଦ ଗଠନ କରିବାର ପ୍ରସ୍ତାବ ରାଜ୍ୟ ସରକାରଙ୍କ ବିଚାରାଧୀନ ଅଛି ବୋଲି ଯୋଜନା ଓ ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି। ଉପରୋକ୍ତ ଦୁଇଟି ଦାବି ନେଇ ପଶ୍ଚିମ ଓଡ଼ିଶାବାସୀ ଦୀର୍ଘ ଦିନ ହେଲା ଦାବି କରୁଥିବା ବେଳେ ଗୁରୁବାର ବିଧାନସଭାରେ ବିଧାୟକ ସନ୍ତୋଷ ସିଂହ ସାଲୁଜାଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି ଯେ, ବିଧାୟକମାନଙ୍କ ସୁପାରିଶକ୍ରମେ ପରିଷଦ ଅନୁମୋଦନ କରିଥିବା ୨୦୧୯-୨୦ ଓ ୨୦୨୦-୨୧ର ପ୍ରକଳ୍ପର ଠିକ୍ ଫିଜିବିଲିଟି ରିପୋର୍ଟ ମିଳିଲା ପରେ ସଂପୃକ୍ତ ଜିଲ୍ଲାଗୁଡ଼ିକୁ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଅର୍ଥ ଯୋଗାଇ ଦିଆଯାଉଛି। ବିଧାୟକମାନଙ୍କର ଅନୁମୋଦନପ୍ରାପ୍ତ ପ୍ରକଳ୍ପଗୁଡ଼ିକ ମଧ୍ୟରୁ କେ ?ଣସି ଡାଇଭରସନ୍ ପ୍ରୋପୋଜାଲ ଆସିଲେ ପୂର୍ବରୁ ଅନୁମୋଦିତ ହୋଇଥିବା ପ୍ରକଳ୍ପର ସଂପୂର୍ଣ୍ଣ ବିବରଣୀ ଜିଲ୍ଲା ଅଧିକାରୀଙ୍କ ଠାରୁ ମଗାଯାଇଥାଏ। ଯଦି ଏହା କାର୍ଯ୍ୟ ଉପଯୋଗୀ ହୋଇନଥାଏ ତେବେ ବିଧାୟକଙ୍କ ନୂତନ ପ୍ରସ୍ତାବକୁ ଅନୁମୋଦନ କରିବାକୁ ପଦକ୍ଷେପ ନିଆଯାଏ। ସେହିପରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ୧୧ଜଣ ବିଧାୟକ ଏବଂ ଦୁଇ ଜଣ ସାଂସଦ ମନୋନୀତ ହେବାର ନିୟମ ଥିଲେ ହେଁ ଏହାକୁ କାହିଁକି କାର୍ଯ୍ୟକାରୀ କରାଯାଇନି ବୋଲି ବିଧାୟକ ନରସିଂହ ମିଶ୍ର ଓ ମୁକେଶ ମହାଲିଙ୍ଗଙ୍କ ଭିନ୍ନ ଭିନ୍ନ ଲିଖିତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି ଯେ, ଏହା ଏବେ ବିଚାରାଧିନ ଅଛି। ପରିଷଦର ପୂର୍ଣ୍ଣାଙ୍ଗ ଗଠନ ପାଇଁ ପଶ୍ଚିମ ଓଡ଼ିଶାର ଅଭିଜ୍ଞତା ସଂପନ୍ନ ବିଭିନ୍ନ କ୍ଷେତ୍ରର ୧୦ଜଣ ବିଶେଷଜ୍ଞଙ୍କୁ ସରକାର କେବେ ସୁଦ୍ଧା ମନୋନୀତ କରିବେ ବୋଲି ଶ୍ରୀ ମହାଲିଙ୍ଗଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ୨୦୧୯-୨୦ ଠାରୁ ଆଜି ପର୍ଯ୍ୟନ୍ତ ଜଣେ ବିଶେଷଜ୍ଞ ସଦସ୍ୟଙ୍କୁ ମନୋନୀତ କରାଯାଇଛି। ଅବଶିଷ୍ଟ ସଦସ୍ୟ ମନୋନୀତ କରିବାର ପ୍ରକ୍ରିୟା ବିଚାରାଧିନ ଅଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରୁ କେବେ ସ୍ଥାନାନ୍ତର ହେବ ସେନେଇ ଶ୍ରୀ ମହାଲିଙ୍ଗଙ୍କ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି ଯେ, ଯୋଜନା ସଂଯୋଜନା ବିଭାଗର ୨.୭.୧୯୯୯ରେ ପ୍ରକାଶ ପାଇଥିବା ବିଜ୍ଞପ୍ତି ନଂ- ୮୬୯୬/ପି ଅନୁଯାୟୀ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ ସ୍ଥାପିତ ହୋଇଅଛି। ଏହାକୁ ସ୍ଥାନାନ୍ତରିତ କରିବା ପ୍ରସଙ୍ଗ ଏବେ ବିଚାରାଧିନ ଅଛି।

# ‘କଟକଣା ନ ମାନିଲେ ବିପଦ’



**ଭୁବନେଶ୍ୱର :** କଟକଣା କୋହଳ ପରେ ସମସ୍ତଙ୍କ ଦାୟିତ୍ୱ ବଢିଯାଇଛି । ସମସ୍ତଙ୍କ ଦାୟିତ୍ୱ ବଢିବା ସହ ମନିଟରୀଙ୍ଗ ବାଧ୍ୟତାମୂଳକ କରିବାକୁ ପଡିବ। କଟକଣାକୁ ସମସ୍ତେ ପୂର୍ବପରି ମାନିବାକୁ ପଡ଼ିବାକୁ । ବିଭାଗର ଦାୟିତ୍ୱ ବଢିବ କାହିଁକି ନା କଟକଣା କୋହଳ ପରେ ସଂକ୍ରମଣ ସ୍ଥିତି କଣ ରହୁଛି । ତା ଉପରେ ନଜର ରଖିବାକୁ ପଡିବ । ସମସ୍ତେ ହାତ ମିଳାଇଲେ ହିଁ କରୋନାକୁ ରୋକିହେବ ନହେଲେ ପୁଣି ବିପଦକୁ ଆମେ ହିଁ ନିମନ୍ତ୍ରଣ କରିବା । ମୃତ୍ୟୁ ସଂଖ୍ୟା ଆଜି କିଛି କମିଛି , ଆଗକୁ ମଧ କମିପାରେ । ତେଣୁ ଆମକୁ ଅପେକ୍ଷା କରିବାକୁ ପଡିବ । ଏଥିପାଇଁ ବିଭାଗ ଚେଷ୍ଟା ଜାରି ରଖିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି । ସୂଚନାଯୋଗ୍ୟ ଯେ, ରାଜ୍ୟରେ କରୋନା ସଂକ୍ରମଣ ଖସୁଥିବା ଦେଖି ରାଜ୍ୟ ସରକାର ସେପଟ୍ମେର ମାସରେ କଟକଣାକୁ କୋହଳ କରିଛନ୍ତି । ଏହିକ୍ରମରେ ରାତି ୧୦ ଯାଏ ଖୋଲା ରହିବ ଦୋକାନ ବଜାର । ସକାଳ ୫ରୁ ରାତି ୧୦ ଯାଏଁ ସମସ୍ତ ଦୋକାନ ବଜାର ଖୋଲା ରହିବ । ସେପଟ୍ମେରରେ ସବୁ ଖୋଲା। ନୂଆ ଗାଇଡଲାଇନ ଅନୁସାରେ ସାପ୍ତାହିକ ସଟଡାଉନ ହଟାଇ ଦିଆଯାଇଛି। କେବଳ ପୌରାଞ୍ଚଳରେ ରାତି ୧୦ରୁ ସକାଳ ୫ଟା ପର୍ଯ୍ୟନ୍ତ ଲାଗୁ ହେବ ନାଇଟ୍ କର୍ଫ୍ୟୁ। ହଲ ମଲ ପୂର୍ଣ୍ଣ କ୍ଷମତାର ସହିତ ଖୋଲା ରହିବ। ବାହାଘର ,ବ୍ରତଘର, ଶୁଦ୍ଧି କାର୍ଯ୍ୟ ପାଇଁ ଏଣିକି ୨୫୦ ଲୋକଙ୍କୁ ଅନୁମତି ମିଳିବ। ଏହି ୨୫୦ ସଂଖ୍ୟା ଅତିଥୀ, ଆୟୋଜକ ଓ କର୍ମକର୍ତ୍ତାଙ୍କୁ ମିଶାଇ ରହିବ। ବିବାହ ଶୋଭାଯାତ୍ରାରେ କେବଳ ୫୦ ଜଣ ସାମିଲ ହୋଇପାରିବେ। ତେବେ ସେପଟ୍ମେରରେ ମେଳା, ମହୋତ୍ସବ, ପ୍ରଦର୍ଶନୀ ଉପରେ ବାରଣ ଜାରି ରହିବ । ଆଗକୁ ଗଣେଶପୂଜା, ବିଶ୍ୱକର୍ମା ପୂଜା ନୂଆଖାଇ ଭଳି ପାର୍ବଣ । ତେଣୁ ପୂଜା ପାର୍ବଣ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଅନୁଯାୟୀ ପାଳନ ହେବ। ଏଥିପାଇଁ ଅଗଷ୍ଟ ୯ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ଆୟୋଜକ ପାଳନ କରିବେ। ଏଥିସହିତ କରୋନାର ସାଧାରଣ ନିୟମାବଳୀ ପାଳନ କରିବା ଲାଗି ଏସଆରସି ପୁଣି ମନେ ପକାଇ ଦେଇଛନ୍ତି। ନୂଆ ଗାଇଡ୍ଲାଇନ୍ ଅକ୍ଟୋବର ୧ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହାପରେ ସ୍ଥିତିକୁ ଦେଖି ରାଜ୍ୟ ସରକାର ଅକ୍ଟୋବର ଗାଇଡଲାଇନ ଘୋଷଣା କରିବେ।

# ବାଉଁଶ ହସ୍ତଶିଳ୍ପର ବିକାଶ ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର :** ରାଜ୍ୟରେ ବାଉଁଶ ହସ୍ତଶିଳ୍ପର ସର୍ବାଙ୍ଗିନ ବିକାଶ ନିମନ୍ତେ ଆଜି ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କଳାଭୂମିଠାରେ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ଓଡ଼ିଶା ପିସିସିଏଫ୍ ଓ ବନବାହିନୀ ମୁଖ୍ୟ (ଏଚ୍‌ଓଏଫ୍‌ଏଫ୍) ଶିଶିର ରଥ, ହସ୍ତଶିଳ୍ପ ବିଭାଗ କମିସନର ତଥା ଶାସନ ସଚିବ ଶୁଭା ଶର୍ମାଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସନାତନ ନାୟକ ଓ ଉନ୍ନୟନ ସଂସ୍ଥାର ରାଜ୍ୟ ମିସନ୍ ନିର୍ଦ୍ଦେଶକ ପ୍ରେମ କୁମାର ଝା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଓଡ଼ିଶା ଏକ ଉତ୍କୃଷ୍ଟ ହସ୍ତଶିଳ୍ପ କଳାର ରାଜ୍ୟ। ସରକାରଙ୍କ ଦ୍ୱାରା ଅନୁମୋଦିତ ୫୦ଟି ହସ୍ତଶିଳ୍ପକୁ ଆଧାର କରି କାରିଗରମାନେ ବିଭିନ୍ନ ସାମଗ୍ରୀ ଉତ୍ପାଦନ କରୁଛନ୍ତି। ‘ବାଉଁଶ’ ହସ୍ତଶିଳ୍ପ ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ହସ୍ତଶିଳ୍ପ। ଏହି ସାମଗ୍ରୀଗୁଡ଼ିକ ପ୍ରାୟ ପ୍ରତି ଜିଲ୍ଲାରେ ଉତ୍ପାଦିତ ହେଉଥିଲେ ହେଁ ବିଶେଷଭାବେ ଢେଙ୍କାନାଳ, ମୟୂରଭଞ୍ଜ, ଯାଜପୁର, ସୁବର୍ଣ୍ଣପୁର, ବରଗଡ଼, ରାୟଗଡ଼ା, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, କନ୍ଧମାଳ ଓ ମାଲକାନଗିରି ଜିଲ୍ଲାରେ ଅଧିକ ଉତ୍ପାଦିତ ହୋଇଥାଏ। ରାଜ୍ୟରେ ଏହି ବାଉଁଶ ହସ୍ତଶିଳ୍ପର କାରିଗରଙ୍କ ସଂଖ୍ୟା ପ୍ରାୟ ୨୨ ହଜାରରୁ ଊର୍ଦ୍ଧ୍ୱ। ବାଉଁଶ ହସ୍ତଶିଳ୍ପ ପୁଞ୍ଜିଗୁଡ଼ିକର ବିକାଶ ପାଇଁ ‘ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା’ ୭୨୧.୩୦ ଲକ୍ଷ ଟଙ୍କାର ଆର୍ଥିକ ସହଯୋଗ ପ୍ରଦାନ କରିଛି। ମୟୂରଭଞ୍ଜ ଜିଲ୍ଲାର ଇଚିଣ୍ଡା(ରାଇରଙ୍ଗପୁର), ଯାଜପୁର ଜିଲ୍ଲାର ଗୋପାଳପୁର (ରସୁଲପୁର), ଢେଙ୍କାନାଳ ଜିଲ୍ଲାର ବଉଳପୁର (ଓଡ଼ାପଡ଼ା), ବରଗଡ଼ ଜିଲ୍ଲାର ବରଗାଁ/କଣ୍ଟାପଲ୍ଲୀ, ବରଗଡ଼ ଜିଲ୍ଲାର ବ୍ରାହ୍ମଣଡିହି (ପଦ୍ମପୁର) ଓ ସୁବର୍ଣ୍ଣପୁର ଜିଲ୍ଲାର ବିନିକାର ବାଉଁଶ ହସ୍ତଶିଳ୍ପ ପୁଞ୍ଜି ପାଇଁ ଏହି ଅର୍ଥ ବ୍ୟୟ ହେବ। ଏହି କାର୍ଯ୍ୟକ୍ରମଗୁଡ଼ିକ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ଏହାର ଜିଲ୍ଲାସ୍ତରୀୟ ସହ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟ ମାଧ୍ୟମରେ ସଫଳ ରୂପାୟନ କରାଯିବ। ବାଉଁଶ ହସ୍ତଶିଳ୍ପ ପୁଞ୍ଜରେ ସାଧାରଣ ସୁବିଧା କେନ୍ଦ୍ର ନିର୍ମାଣ, ଆଧୁନିକ ଯନ୍ତ୍ରପାତି ଦ୍ୱାରା କଞ୍ଚା ବାଉଁଶର ପ୍ରକ୍ରିୟାକରଣ ଓ କାରିଗରମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ହେଉଛି ଏହି ପ୍ରକଳ୍ପର ମୁଖ୍ୟ କାର୍ଯ୍ୟ। ଏହାବ୍ୟତୀତ ବଜାର ସହାୟତା ପାଇଁ ଗ୍ରାମାଞ୍ଚଳରେ ହାଟ ଓ ବାଉଁଶ ବଜାର ପ୍ରତିଷ୍ଠା ତଥା ଇ-ବାଣିଜ୍ୟର ଉପଯୋଗ ବି ଏହି ପ୍ରକଳ୍ପର କାର୍ଯ୍ୟପନ୍ଥା। ବଜାର ଚାହିଦା ମୁତାବକ ସାମଗ୍ରୀ ପ୍ରସ୍ତୁତି ନିମନ୍ତେ ସିଡାକ୍ଠାରେ ଏକ ବଜାର ସହାୟତା ତଥା ନମୁନା ବିକାଶ କେନ୍ଦ୍ର ଖୋଲାଯିବାର ବ୍ୟବସ୍ଥା ଅଛି।

# କରୋନା ପାଇଁ ସମବାୟ ନିର୍ବାଚନ ବିଳମ୍ବ ହେଉଛି : ମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟରେ ସମବାୟ ସଂସ୍ଥାଗୁଡ଼ିକରେ ନିର୍ବାଚନ ବିଳମ୍ବ ହେବା ପ୍ରସଙ୍ଗରେ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ବିଧାୟକ ଅମର ପ୍ରସାଦ ଶତପଥୀ ଓ ଆଦିତ୍ୟ ମାଢ଼ୀଙ୍କ ପୃଥକ ପୃଥକ ଲିଖିତ ପ୍ରଶ୍ନର ଉତ୍ତରରେ ଶ୍ରୀ ସ୍ୱାଇଁ ଦର୍ଶାଇଛନ୍ତି ଯେ ରାଜ୍ୟର ସମବାୟ ସଂସ୍ଥାଗୁଡ଼ିକର ନିର୍ବାଚିତ ପ୍ରତିନିଧିମାନଙ୍କ କାର୍ଯ୍ୟକାଳ ସରିଯାଇଛି। ଏ ସମ୍ପର୍କରେ ରାଜ୍ୟ ସମବାୟ ନିର୍ବାଚନ କମିସନ୍ ଅବଗତ ଅଛନ୍ତି। କିନ୍ତୁ ରାଜ୍ୟରେ କରୋନା ମହାମାରୀର ଦ୍ୱିତୀୟ ଲହର ଚାଲୁଥିବା ସମୟରେ ସ୍ୱାସ୍ଥ୍ୟ ବିଭାଗ ତୃତୀୟ ଲହରୀର ସମ୍ଭାବ୍ୟ ଆଗମନର ସତର୍କ ବାଣୀ ଶୁଣାଇଛନ୍ତି। ଏହିସବୁ ସ୍ପର୍ଶକାତର ବିଷୟ ଏବଂ ସମବାୟ ସଂସ୍ଥାର ସଭ୍ୟମାନଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ବର୍ତ୍ତମାନ ପରିସ୍ଥିତିରେ ସମବାୟ ସଂସ୍ଥାଗୁଡ଼ିକର ନିର୍ବାଚନ ନିମିତ୍ତ ପଦକ୍ଷେପ ସମବାୟ ନିର୍ବାଚନ କମିସନ୍ ଗ୍ରହଣ କରିପାରିନାହାନ୍ତି। ସ୍ୱାଭାବିକ ସ୍ଥିତି ଫେରିଲା ପରେ ନିର୍ବାଚନ କରାଯିବ।

# ୧୦ବର୍ଷରେ ସିଡବ୍ଲ୍ୟୁସିକୁ ଯାଇଛି ୩୨ ଜଳସେଚନ ପ୍ରକଳ୍ପ



**ଭୁବନେଶ୍ୱର :** ରାଜ୍ୟ ସରକାର ଗତ ୧୦ବର୍ଷ ମଧ୍ୟରେ ମୋଟ୍ ୩୨ଟି ଜଳସେଚନ ପ୍ରକଳ୍ପ କେନ୍ଦ୍ରୀୟ ଜଳ ଅୟୋଗ (ସିଡବ୍ଲ୍ୟୁସି)କୁ ପଠାଇଛନ୍ତି ବୋଲି ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ କହିଛନ୍ତି। ସିଡବ୍ଲ୍ୟୁସିକୁ ରାଜ୍ୟ ସରକାର ୧୦ବର୍ଷରେ କେତୋଟି ପ୍ରକଳ୍ପ ପଠାଇଛନ୍ତି, ତା’ର ସ୍ଥିତି ନେଇ ବିଧାୟକ ଭୁପିନ୍ଦର ସିଂହ ପଚାରିଥିବା ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ଦାସ କହିଛନ୍ତି ଯେ, ୧୦ବର୍ଷରେ ୨୧ଟି ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପର ଡିପିଆର୍ ଏବଂ ୧୧ଟି ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ସିଡବ୍ଲ୍ୟୁସିକୁ ପଠାଯାଇଛି। ଏଥିରୁ ୧୩ଟି ପ୍ରକଳ୍ପର ଡିପିଆର୍ ଏବଂ ୪ଟି ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ସିଡବ୍ଲ୍ୟୁସି ଦ୍ୱାରା ଗ୍ରହଣୀୟ ହୋଇଛି। ତୁରୀ-ଗୁତାନ୍ତ ବ୍ୟାରେଜ୍, ଅହିରାଯୋର ବ୍ୟାରେଜ୍, ମାଙ୍କଡ଼ା ଡ୍ୟାମ୍, ଲୋୟର ନାଗାବଳୀ ଡ୍ୟାମ୍, ଚମ୍ପାଲିଯୋର ଡ୍ୟାମ୍, ଜୀରା ଡ୍ୟାମ୍, ରନଯୋର ଡ୍ୟାମ୍, ହିଡିସିଙ୍ଗ ଡ୍ୟାମ୍, କୁଟୁଳିଶିଙ୍ଘା ଡ୍ୟାମ୍, କୋରାପାଣି ଡ୍ୟାମ୍, ସାନ୍ଧୁଲ ବ୍ୟାରେଜ୍, ସୋନା ବ୍ୟାରେଜ୍, ବାଙ୍କତିରା ଡ୍ୟାମ୍ର ଡିପିଆର୍ କେନ୍ଦ୍ରୀୟ ଜଳ ଆୟୋଗଙ୍କ ଦ୍ୱାରା ଗ୍ରହଣୀୟ ହୋଇଛି। ଟିଏସି କ୍ଲିଅରାନ୍ସ ସକାଶେ କେନ୍ଦ୍ର ସରକାରଙ୍କ ଅନ୍ୟାନ୍ୟ ଆନୁସଙ୍ଗିକ ଅନୁମୋଦନ ଯଥା ଜଙ୍ଗଲ, ପରିବେଶ, ଆର୍ଆଣ୍ଡଆର୍ କ୍ଲିଅରାନ୍ସ ଇତ୍ୟାଦି ପାଇଁ କାର୍ଯ୍ୟ ଚାଲିଛି। ସେହିପରି ଅପର ଉଦନ୍ତୀ ବ୍ୟାରେଜ୍, ମିଡିଲ କୋଲାବ ଡ୍ୟାମ, ଖଇରିବନ୍ଧନ ବ୍ୟାରେଜ୍, ଅପର ବଂଶଧାରା ଡ୍ୟାମ୍, ଲୋୟର ବଂଶଧାରା ଡ୍ୟାମ୍, ତେଲ-ଇଣ୍ଟିଗ୍ରେଟେଡ୍ ଡ୍ୟାମ୍, ଲକ୍ଷ୍ମୀପଥର ଡ୍ୟାମ୍, ନବରଙ୍ଗପୁର ଡ୍ୟାମ୍ର ଡିପିଆର୍ କେନ୍ଦ୍ରୀୟ ଜଳ ଆୟୋଗଙ୍କୁ ପଠାଯାଇଛି। ଏହାବାଦ୍ ବ୍ରାହ୍ମଣୀପଦର ଡ୍ୟାମ୍, ଉତ୍ତେଇ-ରାଉଳ ଡ୍ୟାମ୍, କାଟ୍ରା ବ୍ୟାରେଜ୍, ହିଞ୍ଜିଳି ଡ୍ୟାମ୍ ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ କେନ୍ଦ୍ରୀୟ ଜଳ ଆୟୋଗଙ୍କ ଦ୍ୱାରା ଗ୍ରହଣୀୟ ହୋଇଛି ଏବଂ ଡିପିଆର୍ ପ୍ରସ୍ତୁତି ପାଇଁ କାର୍ଯ୍ୟ ଚାଲିଛି। ଅପରସମାକୋଇ ଡ୍ୟାମ୍, ଚନ୍ଦ୍ରିନାଳ ଡ୍ୟାମ୍, କଟାଙ୍ଗୀ ଡ୍ୟାମ୍, ତେଲିଯୋର ଡ୍ୟାମ୍, ଖଡାଗୋ ବ୍ୟାରେଜ୍, ଲୋୟର ଉଦନ୍ତୀ ବ୍ୟାରେଜ୍, ସତିଘାଟ ବ୍ୟାରେଜ୍ର ଫିଜିବିଲିଟି ରିପୋର୍ଟ କେନ୍ଦ୍ରୀୟ ଜଳ ଆୟୋଗଙ୍କୁ ପଠାଯାଇଛି।


# ଭବାନୀପାଟଣା ପୌର ପରିଷଦ

ସର୍ବ ଭାରତୀୟ ସ୍ୱାୟତ୍ତ ଶାସନ ଦିବସ ୨୦୨୧ ଉପଲକ୍ଷେ, ଭବାନୀପାଟଣା ପୌର ପାଳିକା ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ ପୌର ପରିଷଦର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସହରବାସୀଙ୍କ ସହଯୋଗ କାମନା କରୁଛି। ଆସନ୍ତୁ ଏହି ଶୁଭ ଅବସରରେ ଆମେ ସମସ୍ତେ ମିଶି ଭବାନୀପାଟଣାକୁ ଏକ ସବୁଜ, ସୁନ୍ଦର, ସ୍ୱଚ୍ଛ, ଆବର୍ଜନାମୁକ୍ତ ଓ ପଲିଥିନ୍ ମୁକ୍ତ ସହର ରୂପେ ପରିଣତ କରିବା ପାଇଁ ସଂକଳ୍ପ ନେବା।

**ନିବେଦନ :**

୧. ନିଜ ଗୃହପାଳିତ ପଶୁ ନିଜ ଆୟତ୍ତରେ ରଖନ୍ତୁ।
୨. ଗୃହ ନିର୍ମାଣ ସାମଗ୍ରୀ ରାସ୍ତା ଉପରେ ରଖି ସର୍ବସାଧାରଣ ରାସ୍ତାକୁ ଅବରୋଧ କରନ୍ତୁ ନାହିଁ।
୩. ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ।
୪. ନିଜ ପାରିପାର୍ଶ୍ୱିକ ଜାଗାକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ।
୫. ଅଳିଆ, ଆବର୍ଜନା ବାହାରେ ନ ପକାଇ ପୌର ପରିଷଦ ଦ୍ୱାରା ନିୟୋଜିତ ଗାଡିରେ ଦିଅନ୍ତୁ।
୬. ସପ୍ତାହର ପ୍ରତ୍ୟେକ ଶନିବାର ଇଲେକ୍‌ଟ୍ରୋନିକ୍ସ ବର୍ଜ୍ୟବସ୍ତୁ (ଇ-ୱେଷ୍ଟ) ଏବଂ ବିପଦଜନକ ବର୍ଜ୍ୟବସ୍ତୁ ପୃଥକ ଭାବରେ ପରିଷଦ ତରଫରୁ ସଂଗ୍ରହ କରୁଥିବା ଗାଡିରେ ଦିଅନ୍ତୁ।
୭. ପୌର ପରିଷଦ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୟୁଜର ଫି ବ୍ୟବସାୟିକ ପ୍ରତିଷ୍ଠାନର ଲାଇସେନ୍ସ ଫି’ ଓ ଦୋକାନ ଘର ଭଡା ସହିତ ସମସ୍ତ ଦେୟ ଯଥା ସମୟରେ ପୈଠ କରି ପରିଷଦର ନିଜସ୍ୱ ଆୟ ବୃଦ୍ଧିରେ ସହାୟକ ହୁଅନ୍ତୁ।
୮. କୋଭିଡ୍-୧୯କୁ ପ୍ରତିହତ ନିମନ୍ତେ ସର୍ବଦା ମାସ୍କ ପରିଧାନ କରିବା ସହିତ ସାମାଜିକ ଦୂରତା ବଜାୟ ରଖନ୍ତୁ।

ନିବେଦକ
ନିର୍ବାହୀ ଅଧିକାରୀ
ଭବାନୀପାଟଣା ପୌରପାଳିକା


ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲରେ ମାର୍କ ଜାଲିଆତି ମାମଲା

# କେସ୍ ଲଢ଼ିବେ ବରିଷ୍ଠ ଆଇନଜୀବୀ ଆତ୍ମା ପ୍ରକାଶ ମହାନ୍ତି



**ଭୁବନେଶ୍ୱର :** ପଟିଆ ଛକରେ ଥିବା ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲରେ ହୋଇଥିବା ମାର୍କ ଜାଲିଆତି ମାମଲାର ଶୁଣାଣିକୁ ସେପ୍ଟେମ୍ବର ୬କୁ ଧାର୍ଯ୍ୟ କରିଥିଲେ ମାନବ ଅଧିକାର ଆୟୋଗ। ଇତିମଧ୍ୟରେ ଉକ୍ତ ସ୍କୁଲର ଅଭିଭାବକମାନେ ସେମାନଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଭୁବନେଶ୍ୱର ବାର କାଉନସିଲ ସେକ୍ରେଟାରୀ ଆତ୍ମା ପ୍ରକାଶ ମହାନ୍ତିଙ୍କୁ ଅଭିଭାବକମାନଙ୍କ ଆଇନଜୀବୀ ଭାବରେ ନିଯୁକ୍ତି ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ ଶ୍ରୀ ମହାନ୍ତି ତାଙ୍କର ଯୁକ୍ତି ଉପସ୍ଥାପନ କରିବେ। ସୂଚନାଥାଉ କି, ଏହି ସ୍କୁଲ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଥିଲେ ଅଭିଭାବକ। ପିଲାଙ୍କୁ ଅଧିକ ମାର୍କ ଦେବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ଟଙ୍କା ମାଗୁଥିବା ନେଇ ଏହି ଅଭିଯୋଗ ଆସିଥିଲା। ସେତେବେଳେ ସ୍କୁଲ ପରିସରରେ କ୍ଷତିଗ୍ରସ୍ତ ଅଭିଭାବକମାନେ ଧାରଣା ଦେବା ସହିତ ସ୍କୁଲ କର୍ତ୍ତୃପକ୍ଷଙ୍କ ଷଡଯନ୍ତ୍ର ବିରୋଧରେ ସ୍ୱର ଉଠାଇଥିଲେ। ଅଭିଭାବକମାନେ ଅଭିଯୋଗ କରିଥିଲେ ଯେ, ସେମାନଙ୍କୁ ସ୍କୁଲ କର୍ତ୍ତୃପକ୍ଷ ମାର୍କ ବଢ଼ାଇବା ପାଇଁ ଟଙ୍କା ମାଗୁଛନ୍ତି। ଏ ସମ୍ପର୍କରେ କ୍ଷତିଗ୍ରସ୍ତ ଅଭିଭାବକମାନେ ଭୁବନେଶ୍ୱର ଡିସିପି ଓ ଶିଶୁ ସୁରକ୍ଷା ଅଧିକାରୀଙ୍କ ପାଖରେ ସିବିଏସ୍‌ଇ ବିରୋଧରେ ଅଭିଯୋଗ କରିଥିଲେ।



ଚନ୍ଦ୍ରଶେଖରପୁର ଥାନାରେ ନୂତନ ଭାବେ କାର୍ଯ୍ୟରେ ଯୋଗଦାନ କରିଥିବା ଆଇଆଇସି ପ୍ରଦୀପ ରାଉତଙ୍କୁ ‘ଏକମାତ୍ର’ର ପ୍ରତିନିଧି ବିଶ୍ୱଜିତ୍ ପଟ୍ଟନାୟକଙ୍କ ସୌଜନ୍ୟମୂଳକ ସାକ୍ଷାତ।




PLOT FOR SALE

MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



PLOT FOR SALE@BHUBANESWAR

Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** — ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର
Managing Editor : **Laxmipriya Dash** — ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty** — ସମ୍ପାଦକ : ତାରକ ମହାନ୍ତି